


ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ରବିବାର ୨୫ ଜୁଲାଇ ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 25 JULY 2021
Vol.No. 32 ■ No. 189 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଶୁଭେଚ୍ଛା ସହ

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ପୁଲିସ ଏନକାଉଣ୍ଟରରେ ଗ୍ୟାଙ୍ଗଷ୍ଟାର ହାଇଦରର ମୃତ୍ୟୁ

### ବାରିପଦା ଜେଲକୁ ସ୍ଥାନାନ୍ତର ବେଳେ ଖସିଯିବାକୁ ଉଦ୍ୟମ, ବାଲେଶ୍ୱର ମୁଖ୍ୟ ଡାକ୍ତରଖାନାରେ ମୃତ ଘୋଷଣା



ବାଲେଶ୍ୱର,୨୪/୦୭ (ନି.ପ୍ର): ଚୌଦ୍ୱାରରୁ ବାରିପଦା ଜେଲ ସ୍ଥାନାନ୍ତର ବେଳେ ପରିଶ୍ରା କରିବା ଆଳରେ ଖସିଯିବାକୁ ଚେଷ୍ଟା କରୁଥିବା କୁଖ୍ୟାତ ଗ୍ୟାଙ୍ଗଷ୍ଟାର ଶେଖ୍ ହାଇଦରର ପୁଲିସ ଏନକାଉଣ୍ଟରରେ ମୃତ୍ୟୁ ବରଣ କରିଛି। ଜେଲରୁ ଏକ ପୁଲିସ ଭ୍ୟାନରେ ସୁରକ୍ଷା କର୍ମୀଙ୍କ କଡ଼ା ନିରାପତ୍ତା ମଧ୍ୟରେ ଚୌଦ୍ୱାରରୁ ତାଙ୍କୁ ବାରିପଦା ଜେଲକୁ ନିଆଯାଉଥିଲା। ୧୬ ନଂ ଜାତୀୟ ରାଜପଥର ସିମୁଳିଆ ଅଞ୍ଚଳ ଅତିକ୍ରମ ସମୟରେ ହଠାତ ପରିଶ୍ରା ଯିବା ପାଇଁ ଅଡ଼ି ବସିଥିଲା। ତା'ର ବାରମ୍ବାର ଅନୁରୋଧକୁ ଗୁରୁତ୍ୱ ଦେଇ ଫାଙ୍କା ରାସ୍ତାରେ ଭ୍ୟାନ ଅଟକାଇ ପରିଶ୍ରା କରିବାକୁ ପୁଲିସ ତଥା ସୁରକ୍ଷା କର୍ମୀମାନେ ଅନୁମତି ଦେଇଥିଲେ। ଅପରାହ୍ନ ପ୍ରାୟ ୩ଟା ୨୦ ମିନିଟରେ ରାସ୍ତା ପାର୍ଶ୍ୱରେ ଗାଡ଼ି ଅଟକିବା ପରେ ହାଇଦର ତଳକୁ ଓହ୍ଲାଇଥିଲା। ସୁରକ୍ଷାକର୍ମୀ, ପୁଲିସ ଓ ଚୌଦ୍ୱାର ଜେଲ କର୍ମଚାରୀଙ୍କ ଉପସ୍ଥିତିରେ ପରିଶ୍ରା କରିବା ପାଇଁ ତାକୁ ନିର୍ଦ୍ଦେଶ ଦିଆଯାଇଥିଲା। ତେବେ ପରିଶ୍ରା ପାଇଁ ଉପକ୍ରମ କରିବା ପୂର୍ବରୁ ହାଇଦର ପୁଲିସଠାରୁ ବନ୍ଧୁକ ଛଡ଼େଇ ଖସିଯିବା ପାଇଁ ଚେଷ୍ଟା କରିଥିଲା। ଶେଷରେ ବାଧ୍ୟ ହୋଇ ପଛରୁ ହାଇଦରକୁ ୩ ରାଉଣ୍ଡ ଗୁଳି କରାଯାଇଥିବା ପୁଲିସ ସୂଚନା ଦେଇଛି। ତାକୁ ଗୁରୁତର ଆହତ ଅବସ୍ଥାରେ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଅପରାହ୍ନ ପ୍ରାୟ ୫ଟା ବେଳେ ହାଇଦରର ମୃତ୍ୟୁ ହୋଇଯାଇଥିବା ଅତିରିକ୍ତ ଜିଲା ଚିକିତ୍ସାଧିକାରୀ ଡାକ୍ତର ମୃତ୍ୟୁଞ୍ଜୟ ମିଶ୍ର ସୂଚନା ଦେଇଥିଲେ। ତେବେ ପୁଲିସର ସୂଚନାରେ ତାଳମେଳ ଖାଉନଥିବା ବେଳେ ହାଇଦରର ମୃତ୍ୟୁକୁ ନେଇ ବିଭିନ୍ନ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପ୍ରକୃତରେ ହାଇଦର ଦୌଡ଼ି ପଳାଇବା ବେଳେ ପଛପାଖରୁ ପୁଲିସ ବନ୍ଧୁକ ଚଳାଇଥିଲା ନା ପୂର୍ବ ପ୍ରସ୍ତୁତି ଅନୁସାରେ ତାକୁ ହତ୍ୟା କରାଯାଇଛି, ଏହାକୁ ନେଇ ସୃଷ୍ଟି ହୋଇଛି ଦ୍ୱନ୍ଦ। କିଛିମାସ ପୂର୍ବରୁ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସିତ ବେଳେ ବିରିଆନିରେ ନିଶା ଔଷଧ ଦେଇ ସୁରକ୍ଷା କର୍ମୀଙ୍କ ଆଖିରେ ଧୂଳି ଦେଇ ସେ ଖସି ଯାଇଥିଲା। ହତ୍ୟାକାଣ୍ଡ ଭଳି ଏକାଧିକ ଅପରାଧିକ ମାମଲାରେ ଜଡ଼ିତ ହୋଇ ଗିରଫ ହୋଇଥିଲା କୁଖ୍ୟାତ ଅପରାଧୀ ଶେଖ ହାଇଦର। ଆସନ୍ତାକାଲି ସକାଳେ ମୃତ ଶରୀର ବ୍ୟବଚ୍ଛେଦ କରାଯିବ ବୋଲି ଡାକ୍ତରଖାନା ପକ୍ଷରୁ ସୂଚନା ମିଳିଛି।

## ୪୯ କେଜି ଭାରୋତ୍ତଳନରେ ଭାରତ ପାଇଁ ରୌପ୍ୟ ପଦକ ଆଣିଲେ ଚାନୁ



ନୂଆଦିଲ୍ଲୀ,୨୪/୦୭: କୌଣସି ଭାରତୀୟ ମହିଳା ଭାରୋତ୍ତଳକଙ୍କ ବେକରେ ସଫଳତାର ମେଡାଲ ଝୁଲିବାକୁ ଯେଉଁ ଦୁଇ ଦଶନ୍ଧୀର ଅପେକ୍ଷା ଥିଲା, ସେହି ଅପେକ୍ଷାର ଅନ୍ତ ହୋଇଛି। ଦୀର୍ଘ ୨୧ ବର୍ଷ ପରେ ଭାରତକୁ ଭାରୋତ୍ତଳନରୁ ଆସିଛି ଅଲିମ୍ପିକ୍ସ ପଦକ। ପ୍ରଥମ ଦିନରେ ରୌପ୍ୟ ପଦକ ଆଣି ଟୋକିଓ ଅଲିମ୍ପିକ୍ସରେ ତ୍ରିରଙ୍ଗା ଉଡାଇଛନ୍ତି ମହିଳା ଭାରୋତ୍ତଳନକାରୀ ମୀରାବାଇ ଚାନୁ। ୪୯ କେଜି ବର୍ଗରେ ଚାନୁଙ୍କୁ ମିଳିଛି ରୌପ୍ୟ ପଦକ। କ୍ଲିନ୍ ଆଣ୍ଡ ଜର୍କରେ ଚାନୁ ଦ୍ୱିତୀୟ ପ୍ରୟାସରେ ୧୧୫ କେଜି ଓଜନ ଉଠାଇବାରେ ସଫଳ ହୋଇଥିଲେ। ଏହାକୁ ମିଶାଇ ସେ ମୋଟ୍ ୨୦୨ କେଜି ଭାର ଉଠାଇଥିଲେ। ଏହା ପୂର୍ବରୁ କର୍ଣ୍ଣମ ମାଲେଶ୍ୱରୀ ୨୦୦୦ ମସିହାର ସିଡନୀ ଅଲିମ୍ପିକ୍ସରେ ଦେଶକୁ ପ୍ରଥମ ମହିଳା ଭାରୋତ୍ତଳନ ପଦକ ଦେଇଥିଲେ। ତେବେ ଟୋକିଓରେ ଭାରତର ଟେକ ରଖିଥିବା ଚାନୁଙ୍କ ଏହି ସଫଳତା ପରେ ତାଙ୍କ ପରିବାରରେ ଖେଳି ଯାଇଛି ଖୁସିର ପରିବେଶ। ଟିଭି ପରଦାରେ ଝିଅର ସଫଳତାକୁ ଅନେଇ ରହିଥିବା ତାଙ୍କ ପରିବାର ସଦସ୍ୟ କହିଛନ୍ତି, ଚାନୁଙ୍କ ସଫଳତା ନେଇ ସେମାନେ ଆଶାବାଦୀ ଥିଲେ କିନ୍ତୁ ଆଶା ଥିଲା ସ୍ୱର୍ଣ୍ଣ ପଦକ। ଅନ୍ୟପଟେ ମୀରାବାଇ ଚାନୁଙ୍କ ପରେ ଚୀନ ଭାରତ୍ତୋଳନରେ ପ୍ରଥମ ସ୍ଥାନରେ ରହି ସ୍ୱର୍ଣ୍ଣ ପଦକ ହାସଲ କରିଛି। ସେହିପରି ଇଣ୍ଡୋନେସିଆର ପ୍ରତିଯୋଗୀ ବ୍ରୋଞ୍ଜ୍ ପଦକ ଜିତିଛନ୍ତି। ଚାନୁଙ୍କ ଏହି ସଫଳତା ପରେ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କଠାରୁ ଆରମ୍ଭ କରି ସାରା ଦେଶରୁ ଛୁଟିଛି ଶୁଭେଚ୍ଛାର ସୁଅ।

### ମୀରାବାଈ ଚାନୁଙ୍କୁ ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୪/୦୭ (ନି.ପ୍ର): ଟୋକିଓ-୨୦୨୦ରେ ୪୯ କିଲୋଗ୍ରାମ ଭାରୋତୋଳନରେ ରୌପ୍ୟ ପଦକ ହାସଲ କରିଥିବାରୁ ମୀରାବାଇ ଚାନୁଙ୍କୁ ଟୁଇଟ୍ କରି ହାର୍ଦ୍ଦିକ ଅଭିନନ୍ଦନ ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ତାଙ୍କର ଐତିହାସିକ ସଫଳତା ଉତରପିଢ଼ିର ପୁଅଝିଅଙ୍କୁ କ୍ରୀଡ଼ାରେ ଉତ୍କର୍ଷ ଆଣିବାକୁ ପ୍ରେରଣା ଯୋଗାଇବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି।

### ଓଡ଼ିଶାରୁ ଗୁଜରାଟ ଗଂଜେଇ ଚୋରା ଚାଲାଣ ବେଳେ ୧କୋଟି ୧୪ଲକ୍ଷ ଟଙ୍କାର ଗଂଜେଇ ଜବତ

ଭୁବନେଶ୍ୱର,୨୪/୦୭(ନି.ପ୍ର): ଗଂଜାମରୁ ଗୁଜରାଟ ଗଂଜେଇ ଚୋରା ଚାଲାଣ। ଓଡ଼ିଶାରୁ ଗଂଜେଇ ଚୋରା ଚାଲାଣ ବେଳେ ଧରିଛି ଗୁଜରାଟ ପୋଲିସ। ଗଂଜାମରୁ ଏହି ଗଂଜେଇ ସୁରଟ ଚାଲାଣ ହେଉଥିବା ▶▶ପୃଷ୍ଠା ୭

## ମହାରାଷ୍ଟ୍ରରେ ଲଗାଣ ବର୍ଷା ଯୋଗୁଁ ବନ୍ୟା ବିପତ୍ତି

### ଜୀବନ ବିକଳରେ ଇଲେକ୍ଟ୍ରି ତାରରେ ଝୁଲି ରହିଲେ ବିଦ୍ୟୁତ ବିଭାଗର କର୍ମଚାରୀ



ମହାରାଷ୍ଟ୍ର,୨୪/୦୭: ମହାରାଷ୍ଟ୍ରରେ ଚିନ୍ତା ବଢାଇଲାଣି ଦୁଇ ଦିନ ଧରି ଲାଗି ରହିଥିବା ବର୍ଷା। ଏହାର ପ୍ରଭାବରେ ମହାରାଷ୍ଟ୍ରର ବିଭିନ୍ନ ସ୍ଥାନରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଜୀବନ ବିକଳରେ ଇଲେକ୍ଟ୍ରି ତାରରେ ଝୁଲି ରହିଲେ ବିଦ୍ୟୁତ ବିଭାଗର କର୍ମଚାରୀ। ଖୁଂଟିରେ ଚଢ଼ି କାମ କରୁଥିବା ବେଳେ ମାଡି ଆସିଥିଲା ବନ୍ୟା ପାଣି। ଦୀର୍ଘ ସମୟ ଧରି ଏମାନେ ଇଲେକ୍ଟ୍ରି ତାରରେ ଝୁଲି ରହିବା ପରେ ସେଠାରେ ପହଂଚି ଉଦ୍ଧାର କରିଛି ଉଦ୍ଧାରକାରୀ ଦଳ। ବର୍ତ୍ତମାନ ମହାରାଷ୍ଟ୍ରର ସ୍ଥିତିରେ ସୁଧାର ଆସିବାର ସଂଭାବନା ଦେଖାଯାଉ ନାହିଁ। କାରଣ ଆସନ୍ତା ୨୪ ଘଂଟା ପାଇଁ ଆହୁରି ବର୍ଷାର ପୂର୍ବାନୁମାନ କରିଛି ଭାରତୀୟ ପାଣିପାଗ ବିଭାଗ। ସବୁଠାରୁ ଅଧିକ ଚିନ୍ତା ବଢାଇଛି ରାଇଗଡ ଅଂଚଳ। ଦୀର୍ଘ ସମୟ ଧରି ଏମାନେ ଇଲେକ୍ଟ୍ରି ତାରରେ ଝୁଲି ରହିବା ପରେ ସେଠାରେ ପହଂଚି ଉଦ୍ଧାର କରିଛି ଉଦ୍ଧାରକାରୀ ଦଳ। ବର୍ତ୍ତମାନ ମହାରାଷ୍ଟ୍ରର ସ୍ଥିତିରେ ସୁଧାର ଆସିବାର ସଂଭାବନା ଦେଖାଯାଉ ନାହିଁ। କାରଣ ଆସନ୍ତା ୨୪ ଘଂଟା ପାଇଁ ଆହୁରି ବର୍ଷାର ପୂର୍ବାନୁମାନ କରିଛି ଭାରତୀୟ ପାଣିପାଗ ବିଭାଗ। ସବୁଠାରୁ ଅଧିକ ଚିନ୍ତା ବଢାଇଛି ରାଇଗଡ ଅଂଚଳ। ରାଇଗଡ ନିକଟ ଏକଗାଁ ଅଂଚଳରେ ପାହାଡ ଧସିବା ପରେ ଗାଁ ପୂରା ଧୋଇ ଯାଇଛି। ପୁରା ରାଇଗଡରେ ▶▶ପୃଷ୍ଠା ୭

## ୩ ଜିଲ୍ଲାରେ ୭୦ ପ୍ରତିଶତ ଆଂଟିବଡି ସୃଷ୍ଟି


ଭୁବନେଶ୍ୱର,୨୪/୦୭ (ନି.ପ୍ର): ରାଜ୍ୟରେ ସ୍ୱାସ୍ଥ୍ୟକର୍ମୀଙ୍କଠାରେ ୮୫ ପ୍ରତିଶତ ଆଂଟିବଡି ସୃଷ୍ଟି ହୋଇଛି। ତେବେ ତିନୋଟି ଜିଲ୍ଲାରେ ୭୦ ପ୍ରତିଶତ ଆଂଟିବଡି ସୃଷ୍ଟି ହୋଇଥିବା ତଥ୍ୟ ସାମ୍ନାକୁ ଆସିଛି। ଗଞ୍ଜାମରେ ୭୦.୯ ପ୍ରତିଶତ, ରାୟଗଡାରେ ୬୩ ପ୍ରତିଶତ ଓ କୋରାପୁଟରେ ୬୧. ୩ ପ୍ରତିଶତ ଆଂଟିବଡି ସୃଷ୍ଟି ହୋଇଛି। ଆରଏମଆରସି ପକ୍ଷରୁ କରାଯାଇଥିବା ସେରୋ ସର୍ଭେରୁ ଏହା ସ୍ପଷ୍ଟ ହୋଇଛି। ସେହିଭଳି ଶିଶୁମାନଙ୍କ ଶରୀରରେ ରାଜ୍ୟରେ ସର୍ଭିଲାନ୍ସ ସର୍ଭେରେ ୬୫.୧୨ ପ୍ରତିଶତ ରୋଗ ପ୍ରତିରୋଧକ ଶକ୍ତି ସୃଷ୍ଟି ହୋଇଛି। ୧ ହଜାର ୨୩୦ଟି ସାମ୍ପୁଲରେ ୩୧୧ ସ୍ୱାସ୍ଥ୍ୟକର୍ମୀଙ୍କ କ୍ଷେତ୍ରରେ ଏହି ରିପୋର୍ଟ ଆସିଛି। ଚତୁର୍ଥ ପର୍ଯ୍ୟାୟ ସେରୋ ସର୍ଭେରେ ଏଭଳି ତଥ୍ୟ ଆସିଛି। ସାରା ଦେଶରେ ଯେତେବେଳେ ୬୭ ପ୍ରତିଶତ ଆଂଟିବଡି ସୃଷ୍ଟି ହେଉଛି, ଓଡ଼ିଶାରେ ୮୫ ପ୍ରତିଶତ ଆଂଟିବଡି ସୃଷ୍ଟି ହେବା ଓ ଶିଶୁମାନଙ୍କ ଆଂଟିବଡି ଅଧିକ ସୃଷ୍ଟି ହେବା ତୃତୀୟ ଲହର ପୂର୍ବରୁ ଏକ ଆଶ୍ୱସ୍ତିକର ଖବର ଦେଇଛି।

### ୨୮ରେ ଆଉ ଏକ ଲଘୁଚାପ, ୫ ଦିନ ଯାଏଁ ବର୍ଷିବ

ଭୁବନେଶ୍ୱର,୨୪/୦୭ (ନି.ପ୍ର): ଆସନ୍ତା ୨୮ ତାରିଖ ମଧ୍ୟରେ ଉତ୍ତର ବଙ୍ଗୋପସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ରାଜ୍ୟରେ ଆଗାମୀ ୫ଦିନ ପ୍ରବଳ ବର୍ଷା ସମ୍ଭାବନା ରହିଛି। ଭୁବନେଶ୍ୱର ଆଂଚଳିକ ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଆସନ୍ତା ୨୪ ଘଂଟା ମଧ୍ୟରେ ସୁନ୍ଦରଗଡ଼, କେନ୍ଦୁଝର, ମୟୁରଭଞ୍ଜ ଓ ବାଲେଶ୍ୱର ଆଦି ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ସମ୍ଭାବନା ରହିଛି। ଏଥିପାଇଁ ଉକ୍ତ ଜିଲ୍ଲାଗୁଡ଼ିକୁ ପାଣିପାଗ କେନ୍ଦ୍ରପକ୍ଷରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ୨୫ରୁ ୨୬ ତାରିଖ ମଧ୍ୟରେ ମୟୁରଭଞ୍ଜ, କେନ୍ଦୁଝର ଓ ବାଲେଶ୍ୱର ଆଦି ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ସମ୍ଭାବନା ରହିଛି। ଏଥିସହିତ ୨୬ରୁ ୨୯ ତାରିଖ ମଧ୍ୟରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ପ୍ରବଳ ବର୍ଷା ସହିତ କାଳବୈଶାଖୀ ସମ୍ଭାବନା ରହିଥିବା ପାଣିପାଗ ବିଭାଗ ପୂର୍ବାନୁମାନ କରିଛ।

### ଅର୍ଥବ୍ୟବସ୍ଥାକୁ ନେଇ ମନମୋହନ ସିଂହଙ୍କ ବଡ ବୟାନ

## କରୋନା ମହାମାରୀ ପାଇଁ ଆଗକୁ ସରକାରଙ୍କ ସାମ୍ନାରେ ଆସିପାରେ ନୂଆ ଚ୍ୟାଲେଂଜ୍



ନୂଆଦିଲ୍ଲୀ,୨୪/୦୭: ଦେଶର ବିଗୁଡୁଥିବା ଅର୍ଥବ୍ୟବସ୍ଥା ନେଇ ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂହଙ୍କ ବଡ ବୟାନ। ମନମୋହନ ସିଂହଙ୍କ ୧୯୯୧ ମସିହାର ଐତିହାସିକ ବଜେଟ୍ ଉପସ୍ଥାପନର ଶୁକ୍ରବାର ୩୦ ବର୍ଷ ପୂରଣ ଅବସରରେ କହିଛନ୍ତି, କରୋନା ମହାମାରୀ ପାଇଁ ଦେଶରେ ଉପୁଜିଥିବା ସମସ୍ୟା ସେତେବେଳ ତୁଳନାରେ ବେଶୀ ଚିନ୍ତାଜନକ। ଏଭଳି ପରିସ୍ଥିତିରେ ସରକାରଙ୍କୁ ପ୍ରାଥମିକତା ଉପରେ ବେଶୀ ଗୁରୁତ୍ୱ ଦେବା ଜରୁରୀ। ସେ କହିଛନ୍ତି – "୩୦ ବର୍ଷ ତଳେ କଂଗ୍ରେସ ପାର୍ଟି ଦେଶର ଅର୍ଥବ୍ୟବସ୍ଥାରେ ଅନେକ ଗୁରୁତ୍ୱପୂର୍ଣ୍ଣ ସୁଧାର ଆଣିବାର ଧାରା ଆରମ୍ଭ କରିଥିଲେ। ଆର୍ଥିକ ନୀତିର ଏକ ମାର୍ଗ ପ୍ରସ୍ତୁତ କରିଥିଲେ। ଗତ ୩ ଦଶନ୍ଧୀ ମଧ୍ୟରେ ଅନେକ ସରକାର ଏହି ମାର୍ଗକୁ ଅନୁସରଣ କରିଛନ୍ତି। ଆଉ ଦେଶର ଅର୍ଥବ୍ୟବସ୍ଥା ୩ ହଜାର ଆରବ ଡଲାର ହୋଇ ପାରିଲା। ଆଉ ଏହା ବିଶ୍ୱର ସବୁଠାରୁ ବଡ ଅର୍ଥବ୍ୟବସ୍ଥା ମଧ୍ୟରୁ ଏକ। ହେଲେ ଏବେ କରୋନା ପାଇଁ ଦେଶରେ ଯେଭଳି ପରିସ୍ଥିତି ସୃଷ୍ଟି ହୋଇଛି, ସେଥିପାଇଁ ଆଗକୁ ସରକାରଙ୍କ ଆଗରେ ନୂଆ ଚ୍ୟାଲେଂଜ୍ ଆସିପାରେ।" ୧୯୯୧ରେ ନରସିଂହା ରାଓଙ୍କ ସରକାରବେଳେ ମନମୋହନ ସିଂହ ଅର୍ଥମନ୍ତ୍ରୀ ଥିଲେ ଏବଂ ସଂସଦର ନିଜ ପ୍ରଥମ ବଜେଟ ଉପସ୍ଥାପନ କରିଥିଲେ। ସେହି ବଜେଟ୍କୁ ଦେଶରେ ଆର୍ଥିକ ଉଦାରିକରଣ ଭାବେ ଗ୍ରହଣ କରାଯାଏ।

### ପିଏମ କିଷାନ ଯୋଜନାରେ ଅଯୋଗ୍ୟ ହିତାଧୀକାରୀଙ୍କ ଖାତାରୁ ଫେରିବ ଟଙ୍କା

## ୪୨ ଲକ୍ଷ ଅଯୋଗ୍ୟ ଚାଷୀଙ୍କ ଠାରୁ ୩ ହଜାର କୋଟି ଆଦାୟ କରିବେ କେନ୍ଦ୍ର ସରକାର



ନୂଆଦିଲ୍ଲୀ,୨୪/୦୭: ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ଯୋଜନାରେ ହିତାଧିକାରୀ ଚାଷୀଙ୍କୁ ବାର୍ଷିକ ୬ ହଜାର ଟଙ୍କାର ଆର୍ଥିକ ସହାୟତା ମିଳୁଛି। ୨ ହଜାର ଟଙ୍କା ଲେଖାଏଁ ୩ କିସ୍ତିରେ କେନ୍ଦ୍ର ସରକାର ବାର୍ଷିକ ୬ ହଜାର ଟଙ୍କା ଚାଷୀଙ୍କ ବ୍ୟାଙ୍କ ଆକାଉଂଟକୁ ସିଧାସଳଖ କ୍ୟାସ ବେନିଫିଟ୍ ଟ୍ରାନ୍ସଫର ମାଧମରେ ପହଂଚାଇ ଦେଉଛନ୍ତି। ତେବେ ଏପରି କେତେକ ଲୋକେ ଅଛନ୍ତି ଯେଉଁମାନେ ଏହି ଯୋଜନାରେ ଲାଭ ନେବା ଲାଗି ଅଯୋଗ୍ୟ। ତେବେ ଯୋଜନାରେ ସେମାନେ ମଧ ଲାଭ ଉଠାଉଛନ୍ତି। ଏପରି ଲୋକଙ୍କ ଠାରୁ ସରକାର ଟଙ୍କା ଅସୁଲ କରିବା ଲାଗି ଏବେ ଯୋଜନା କରୁଛନ୍ତି। ଚାଷୀଙ୍କ ଚିହ୍ନଟ ପ୍ରକ୍ରିୟାରେ ଏପରି ୪୨.୧୬ ଲକ୍ଷ ଲୋକେ ଚିହ୍ନଟ ହୋଇଛନ୍ତି। ଯେଉଁମାନେ ଚାଷୀ ନହୋଇ ମଧ କୃଷକ ସମ୍ମାନ ନିଧି ଯୋଜନାରେ ଲାଭ ନେଉଛନ୍ତି। ଏମାନଙ୍କ ଠାରୁ ୨୯୯୨ ଦଶମିକ ୭୫ କୋଟି ଟଙ୍କା ରିକୋଭରି ଲାଗି ସରକାର ଏବେ ଯୋଜନା ପ୍ରସ୍ତୁତ କରୁଛନ୍ତି। ସରକାର ଅନୁସାରେ ଏମାନେ ସେହି ଚାଷୀ ଯେଉଁମାନେ ଆୟକର ରିଟର୍ଣ୍ଣ ଫାଇଲ କରୁଛନ୍ତି। ଏପରି ଚାଷୀଙ୍କ ସମ୍ପର୍କରେ କେନ୍ଦ୍ର କୃଷିମନ୍ତ୍ରୀ ନରେନ୍ଦ୍ର ସିଂ ତୋମାର ସଂସଦରେ ସୂଚନା ଦେଇଛନ୍ତି। ଏଥିରେ ଆସାମରେ ସବୁଠୁ ଅଧିକ ରିକୋଭରି ହେବାକୁ ଥିବା ବେଳେ ପଶ୍ଚିମବଙ୍ଗରୁ ଖୁବ କମ୍ ରିକୋଭରୀ ହେବ ବୋଲି କହିଛନ୍ତି କେନ୍ଦ୍ର କୃଷିମନ୍ତ୍ରୀ।

## ଦିଲ୍ଲୀରେ ଜାରିହେଲା ଅନଲକ-୭ ଗାଇଡ ଲାଇନ

### ଲକଡାଉନ କଟକଣାରୁ ଦିଲ୍ଲୀବାସୀଙ୍କୁ ମିଳିଲା ମୁକ୍ତି, ଚାଲିବ ବସ୍, ମେଟ୍ରୋ ସେବା

ନୂଆଦିଲ୍ଲୀ,୨୪/୦୭: ଦିଲ୍ଲୀ ସରକାର ଅନଲକ-୮ ର ଗାଇଡ ଲାଇନ ଜାରି କରିଛନ୍ତି। ଏହି ଗାଇଡ ଲାଇନରେ ମୁଖ୍ୟତ ୩ ଟି ବଡ କଟକଣା କୋହଳ କରାଯାଇଛି। ବିଶେଷ ଭାବେ ଦିଲ୍ଲୀବାସୀଙ୍କ ଦୈନିକ ଗମନା ଗମନର ମାଧମ ସାଜିଥିବା ମେଟ୍ରୋଟ୍ରେନ ଉପରେ ସମ୍ପୂର୍ଣ୍ଣ କଟକଣା କୋହଳ କରାଯାଇଛି। ଏବେ ଦିଲ୍ଲୀରେ ୧୦୦ ପ୍ରତିଶତ କେବଳ ସିଟିଂ କାପାସିଟ ସହ ଚାଲିବ। ଏହାସହ ଅଡିଟୋରିୟମ ଓ ସିନେମା ହଲ ୫୦ ପ୍ରତିଶତ କ୍ଷମତା ସହ ଖୋଲିବାକୁ ଦିଲ୍ଲୀ ସରକାର ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପଟେ ବାହାଘର ଓ ଅନ୍ତିମ ସଂସ୍କାର ବେଳେ ୧୦୦ ଲୋକ ଯୋଗ ଦେଇପାରିବେ ବୋଲି କୁହାଯାଇଛି। କହିରଖୁ କି ଅନଲକ-୬ ପର୍ଯ୍ୟନ୍ତ ରାଜ୍ୟ ସରକାର ଭିନ୍ନ ଭିନ୍ନ ଗତିବିଧି ଉପରେ କଟକଣା କୋହଳ କରିଥିଷଲ। ହେଲେ ସାର୍ବଜନୀକ ପରିବହନ ଉପରେ କଟକଣା କୋହଳ ହୋଇ ନଥିଲା। ଏହି କାରଣରୁ ମେଟ୍ରୋ ଷ୍ଟେସନ ଓ ବସ୍ ଷ୍ଟାଣ୍ଡରେ ଯାତ୍ରୀଙ୍କ ଲମ୍ୱା ଲାଇନ ଦେଖିବାକୁ ମିଳୁଥିଲା। କହିରଖୁ କି କିଛି ସପ୍ତାହ ହେବ ଦିଲ୍ଲୀରେ କରୋନା ସଂକ୍ରମଣ କମିଛି। ଏବେ ଦୈନିକ ସଂକ୍ରମଣ ୧୦୦ ତଳକୁ ଖସିଥିବା ବେଳେ ଏହାକୁ ନଜରରେ ରଖି ଗମନା ଗମନ ଓ ବଜାର ଘାଟକୁ ସ୍ୱଭାବିକ କରିବାକୁ ଚେଷ୍ଟା କରିଛନ୍ତି ଦିଲ୍ଲୀ ସରକାର। ଅନ୍ୟପଟେ ଦେଶରେ କରୋନା ସଂକ୍ରମଣ ହାର କିଛି ମାତ୍ରାରେ କମିଥିବା ବେଳେ କିଛି ରାଜ୍ୟରେ ଏବେ ବି ଦୈନିକ ସଂକ୍ରମଣ ଟପରେ ରହିଛି। ବିଶେଷ ଭାବେ କେରଳରେ ଜିକା ଭୂତାଣୁ ରାଜ୍ୟବାସୀଙ୍କ ପାଇଁ ଭୟର କାରଣ ପାଲଟିଥିବା ବେଳେ କରୋନା ସଂକ୍ରମଣ ବି ବୃଦ୍ଧି ପାଉଛି। ଗତ ୨୪ ଘଂଟାରେ କେରଳରେ ୧୮,୫୩୧ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ୧୮ ଜଣଙ୍କର ମୃତ୍ୟୁ ହୋଇଛି।

CMYK

# ସାମ୍ବାଦିକମାନଙ୍କ ସୁରକ୍ଷାକୁ ନେଇ ଜିଲ୍ଲା ସାମ୍ବାଦିକମାନଙ୍କ ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର

ଭଦ୍ରକ,୨୩/୭ (ନି.ପ୍ର): ରାଜ୍ୟରେ ଏବେ ସାମ୍ବାଦିକ ମାନେ ଅସୁରକ୍ଷିତ ମଣୁଛନ୍ତି । ସାମ୍ବାଦିକ ମାନଙ୍କ ଉପରେ ଆକ୍ରମଣ ଘଟଣା ଏବେ ନିତି ଦିନିଆ ହେଲାଣି । ପୁଲିସ ଜୁଲମ ଓ ମାଫିଆ ମାନଙ୍କ ଆକ୍ରମଣରେ ନିଜକୁ ଅସୁରକ୍ଷିତ ମନେ କଲେଣି ସାମ୍ବାଦିକ ମାନେ, ଏପରି ଘଟଣା ପ୍ରତି ଗଣମାଧ୍ୟମ ସଂସ୍ଥାର ମାଲିକ ଏବଂ ସରକାର ମିଳିତ ଭାବେ ପଦକ୍ଷେପ ନେବା ଆବଶ୍ୟକ। ନହେଲେ ଆଗାମୀ ଦିନରେ ଏହାକୁ ନେଇ ବିରାଟ ଆନ୍ଦୋଳନ ମୁଣ୍ଡ ଟେକିପାରେ । କେନ୍ଦ୍ରାପଡା ଅଞ୍ଚଳରେ ଜଣେ ସାମ୍ବାଦିକଙ୍କୁ ମହିଳା ପୁଲିସ କନେଷ୍ଟବଳ ଆସି ଯେପରି ଦୁର୍ବ୍ୟବହାର କଲେ ଓ ରାସ୍ତା ମଝିରେ ଆକ୍ରମଣ କଲେ ତାହା ରାଜ୍ୟରେ ଏବେ ମୁଖ୍ୟ ଚର୍ଚ୍ଚାର ବିଷୟ ହୋଇଛି । ଏପରି ଘଟଣାକୁ ଦୃଢ଼ ହସ୍ତରେ ଦମନ କରିବା ପାଇଁ ଏକ ଆବଶ୍ୟକୀୟ ପଦକ୍ଷେପ ନେବାକୁ ନେଇ ଆଜି ସ୍ଥାନୀୟ ଭାଗବତ କଲ୍ୟାଣ ମଣ୍ଡପ ଠାରେ ଏକ ଜରୁରୀ ବୈଠକରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଜିଲ୍ଲାସ୍ତରୀୟ ସାମ୍ବାଦିକ ମାନେ ଯୋଗ ଦେଇ ସାମ୍ବାଦିକ ମାନଙ୍କ ସୁରକ୍ଷା ଓ ସମ୍ମାନ ବିଷୟରେ ବିଶେଷ ଆଲୋଚନା କରିଥିଲେ । ଏହି ବୈଠକରେ ବରିଷ୍ଠ ସାମ୍ବାଦିକ ଭଜଗୋବିନ୍ଦ ଜେନା, ପ୍ରମୋଦ ରାୟ, ଶ୍ରୀକାନ୍ତ ତ୍ରିପାଠୀ, ବିଭୁପ୍ରସାଦ ବେହେରା, ଶିବାନନ୍ଦ ଦାସ, ଶୈଳେନ୍ଦ୍ର ପଳାଇ, ଉମାକଲ୍ୟାଣ ମହାପାତ୍ର, ଜ୍ଞାନପ୍ରକାଶ ପାଣି, ସତ୍ୟଭୂଷଣ ସ୍ୱାମୀ, ସୁନୀଲ ଦତ୍ତ, ସଞ୍ଜୟ ଦାସ, ସୁବ୍ରତ ପାଲ, ରାଜେଶ ଗୋସ୍ୱାମୀ, ସଂଜୀବ ନାୟକ, ନସିମ ଅଖତର, ସୀତାକାନ୍ତ ପାଢ଼ୀ, ଶେଖ ଫଇଜାନ, ଶୁଭକାନ୍ତ ରାଉତରାୟ , ଶେଖ. ଫିଉର, ସୁରଜ ଖାନ, ରାମ ମିଶ୍ର, ରମାକାନ୍ତ ମୁଖୀ, ସୁଜିତ କୁମାର ପାଣି, ରବାନୀ ଓ୍ୱାର୍ଷି ପ୍ରମୁଖ ଯୋଗଦେଇ ସାମ୍ବାଦିକ ମାନଙ୍କ ପ୍ରତି ହେଉଥିବା ଜୁଲମ ବିଷୟରେ ବିଶେଷ ଆଲୋଚନା କରିବା ସହିତ ଏହି ଘଟଣାରେ ଦୋଷୀକୁ ତୁରନ୍ତ ଗିରଫ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ଦାବିପତ୍ର ଦେଇଥିଲେ ।




# କପରଗଡ଼ ଗାଁ ପ୍ରତି ସରକାରଙ୍କ ଦୃଷ୍ଟି ନାହିଁ

ନୂଆପଡ଼ା,୨୩/୭ (ନି.ପ୍ର): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ କିରିକିଟା ଗ୍ରାମ ପଂଚାୟତ ଅନ୍ତର୍ଗତ ବଣ ପାହାଡ ଘେରା ଦୁର୍ଗମ ଅଂଚଳରେ ଅବସ୍ଥିତ ଆଦିବାସୀ ବହୁଳ କପରଗଡ଼ ଗାଁ। ଏହି ଗ୍ରାମ ପ୍ରତି ସରକାର ସମ୍ପୂର୍ଣ୍ଣ ଅବହେଳା କରିଛନ୍ତି । ଏଠିକାର ଲୋକେ ମୌଳିକ ସୁବିଧାରୁ ସମ୍ପୂର୍ଣ୍ଣ ବଂଚିତ । ଗ୍ରାମରେ ୧୦ ଆଦିବାସୀ ପରିବାର ବସବାସ କରୁଥିବା ବେଳେ ଜନସଂଖ୍ୟା ୫୦ ଜଣ ପାଖାପାଖି ଅଛନ୍ତି । ଶିକ୍ଷା, ସ୍ୱାସ୍ଥ୍ୟ, ରାସ୍ତା, ବିଜୁଳି ସମସ୍ତ ଅଧିକାରରୁ ଏମାନେ ବହୁ ଦୂରରେ । ଗ୍ରାମରେ ବିଦ୍ୟାଳୟ ନଥିବାରୁ ଘଂଚ ଜଙ୍ଗଲ ରାସ୍ତାରେ ୫ କିଲୋମିଟର ଦୂର ୫ ଜଣ ଛାତ୍ରଛାତ୍ରୀ ପଢିବାକୁ ଆସିଥାନ୍ତି । ଏଠାରେ ୫ ଜଣ ଛାତ୍ରଛାତ୍ରୀ ଥିବାବେଳେ ବର୍ତ୍ତମାନ କରୋନା ଲାକଡାଉନ ଯୋଗୁଁ ଛାତ୍ରଛାତ୍ରୀ ମାନେ ପାଠ ପଢାରେ ସମ୍ପୂର୍ଣ୍ଣ ଡୋରି ବାନ୍ଧିଛନ୍ତି । ବିଦ୍ୟାଳୟ ଚାଲୁଥିବା ବେଳେ ସପ୍ତାହକୁ ଥରେ ଜଙ୍ଗଲରୁ ଓହ୍ଲାଇ କିରିକିଟା ବିଦ୍ୟାଳୟକୁ ଆସୁଥିଲେ । ସ୍ୱାଧୀନତାର ୭୫ ବର୍ଷ ପରେ ମଧ ଏହି ଗାଁ ଅପହଂଚ ଇଲାକାରେ ରହିଯାଇଛି । ସବୁଠାରୁ ବଡ଼ କଥା ହେଲା ଏହି ଗାଁକୁ ଯିବାକୁ ରାସ୍ତା ନାହିଁ । ଦୁର୍ଗମ ଅଂଚଳ ଅତିକ୍ରମ କରି ପାଦରେ ଚାଲି ଚାଲି ଯାତାୟାତ କରନ୍ତି ଏଠାରେ ବସବାସ କରୁଥିବା ଲୋକେ । ସତେ ଯେମିତି ଏହି ଗାଁ ଓଡ଼ିଶା ମାନ ଚିତ୍ରରୁ ଅଲଗା । ଏମାନଙ୍କ ପ୍ରତି ସରକାର ଅବହେଳା କରୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ସରକାର ଗ୍ରାମାଂଚଳରେ ବିକାଶ ପାଇଁ ବିଭିନ୍ନ ଯୋଜନାରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି । ହେଲେ ଏସବୁ ଯୋଜନା କପରଗଡ଼ ଗାଁକୁ ପହଂଚି ପାରି ନାହିଁ।

ନୂଆପଡ଼ା ଜିଲ୍ଲାର ସଦର ମହକୁମା ଠାରୁ ୮୫ କିଲୋମିଟର ଦୂରରେ ଅବସ୍ଥିତ କପରଗଡ଼ ଗାଁ । ମୁଖ୍ୟତଃ ଗାଁ ଲୋକେ ବଣ୍ୟଜାତ ଦ୍ରବ୍ୟ ମହୁଲ, ଚାହାର ,ହରଡ଼, କେନ୍ଦୁ, ତେଡେଲ ସଂଗ୍ରହ କରି ନିଜର ଜୀବିକା ନିର୍ବାହ କରନ୍ତି । ବର୍ଷ ବର୍ଷ ଧରି ବନ ପାହାଡରେ ବସବାସ କରୁଥିବା ଏହି ଆଦିମ ଆଦିବାସୀ ଗ୍ରାମପଂଚାୟତ କିମ୍ବା ଖଡ଼ିଆଳ ବ୍ଲକ କାର୍ଯ୍ୟାଳୟକୁ ଯୋଗଯୋଗ କରିବା ପାଇଁ ଭଲ ରାସ୍ତା ଟିଏ ନାହିଁ । ଏଠିକାର ଲୋକ କୌଣସି ରୋଗରେ ପୀଡିତ ହେଲେ ଖଟିଆର ଚାଟିକୋଣରେ ଦୌଡ଼ି ବାନ୍ଧି ପିଠିରେ ବୋହି ପାହାଡିଆ ରାସ୍ତା ଅତିକ୍ରମ କରି ଖଡ଼ିଆଳ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ଥାଆନ୍ତି । ଖରା ବର୍ଷା ଶୀତ କୌଣସି ଋତୁରେ ମଧ ଯାନବାହନ ଯାତାୟାତ ସ୍ୱପ୍ନ ଅଟେ । ପାଦରେ ଚାଲି ଚାଲି ଯିବା ଆସିବା ତାଙ୍କର ନିତିଦିନିଆ ବେଉସା । ଗାଁ ଲୋକେ ରାସ୍ତା ନିର୍ମାଣ ପାଇଁ ସ୍ଥାନୀୟ ଖଡ଼ିଆଳ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ନୂଆପଡ଼ା ଜିଲ୍ଲାପାଳଙ୍କୁ ବାରମ୍ବାର ଲିଖିତ ଭାବେ ଜଣାଇଥିଲେ ମଧ କୌଣସି ସୁଫଳ ମିଳି ନ ଥିବା ଦୁଃଖର ସହ ଗ୍ରାମବାସୀ ପ୍ରକାଶ କରିଛନ୍ତି । ଜଙ୍ଗଲ ବିଭାଗ ଠାରୁ କ୍ଲିରିଆନ୍ସ ଆଣି ଗ୍ରାମରେ ମୂଖ୍ୟତଃ ରାସ୍ତାଟିଏ ନିର୍ମାଣ କରିବା ପାଇଁ ପ୍ରଶାସନକୁ ଅନୁରୋଧ କରିଛନ୍ତି । ଜିଲ୍ଲା ପ୍ରଶାସନ ଏମାନଙ୍କ ସମସ୍ୟା ପ୍ରତି ଦୃଷ୍ଟି ଦେବା ପାଇଁ ବୁଦ୍ଧିଜିବୀ ମହଲରେ ଦାବି ହେଉଛି ।

# ୧୮ କେଜି ଗଞ୍ଜେଇ ସହ ସ୍କୁଟି, ଟଙ୍କା ଓ ମୋବାଇଲ ଜବତ

ଧର୍ମଶାଳା,୨୩/୭ (ନି.ପ୍ର): ଯାଜପୁର ଜିଲା କୁଆଖିଆ ଥାନା କୃଷ୍ଣପଡା ଛକ ନିକଟରୁ ଗତକାଲି ବିଳମ୍ବିତ ରାତିରେ ୧୮ କେଜି ଗଞ୍ଜେଇ ଜବତ କରିବା ସହ ଏହି ଘଟଣାରେ ସମ୍ପୃକ୍ତ ଦୁଇ ଜଣଙ୍କୁ ଗିରଫ କରିଛି ପୋଲିସ । ଏହି ଅଭିଯୁକ୍ତମାନେ ହେଲେ ରସୁଲପୁର ବ୍ଲକ ବଡକଇଁଚି ପଂଚାୟତ ଗରୁଆଳ ଗ୍ରାମର ରାଜ କିଶୋର ସାହୁ ଓ ରାହାମ୍ବା ପଂଚାୟତସ୍ଥ ଡିହକୁରାଂଶ ଗ୍ରାମର ଜଗମୋହନ ପଣ୍ଡା ବୋଲି ଜଣାପଡିଛି ।

ମିଳିଥିବା ସୂଚନା ମୁତାବକ, ଗତକାଲି ବିଳମ୍ବିତ ରାତିରେ କୁଆଖିଆ ପୁଲିସ ପାଟ୍ରୋଲିଂ କରୁଥିବା ସମୟରେ ଗଞ୍ଜେଇ ଚଲାଣ ହେଉଥିବା ନେଇ ଖବର ପାଇଥିଲେ । ଏହି ପାଟ୍ରୋଲିଂ ସମୟରେ ଗୋଟିଏ ସ୍କୁଟିରେ ଅଖାରେ ଭର୍ତ୍ତି ହୋଇ ବସ୍ତାରେ ଗଞ୍ଜେଇ ଥିବା ଜାଣିବାକୁ ପାଇଥିଲେ । ଏହି ସମୟରେ ୧୮କେଜି ୫୦ ଗ୍ରାମ ଓଜନର ଗଞ୍ଜେଇ, ନଗଦ ୧୧ ହଜାର ୫୯୦ ଟଙ୍କା ଓ ୨ଟି ମୋବାଇଲକୁ ଜବତ କରିଛି । ଏହି କାରବାରରେ ସମ୍ପୃକ୍ତଥିବା ୨ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଏବଂ ଏହି ଘଟଣାରେ ଅଧିକ ତଦନ୍ତ ଜାରି ରହିଛି ବୋଲି କୁଆଖିଆ ଥାନା ଅଧିକାରୀ ମନୋଜ କୁମାର ସ୍ୱାଇଁ ସୂଚନା ଦେଇଛନ୍ତି ।

## ବିଶ୍ୱକର୍ମା ଟ୍ରଷ୍ଟ ପକ୍ଷରୁ ଛାତ୍ରଛାତ୍ରୀଙ୍କୁ ମାସ୍କ ଓ ଖାତା ବଂଟନ

ନୂଆପଡ଼ା, ୨୩ ଜୁଲାଇ (ହି.ସ.)- ନୂଆପଡ଼ା ଜିଲ୍ଲା ଖଡ଼ିଆଳ ସ୍ଥିତ ଶ୍ରୀ ବିଶ୍ୱକର୍ମା ଟ୍ରଷ୍ଟ ପକ୍ଷରୁ ମୁକ୍ତାପୁର ପ୍ରାଥମିକ ବିଦ୍ୟାଳୟରେ ଚାଲୁଥିବା ଆସ୍ଥାୟୀ ଶିକ୍ଷାକେନ୍ଦ୍ରରେ ପ୍ରଥମ ରୁ ପଂଚମ ଶ୍ରେଣୀ ପ୍ରଯ୍ୟନ୍ତ ଅଧ୍ୟୟନ କରୁଥିବା ଛାତ୍ର ଛାତ୍ରୀଙ୍କୁ ମାସ୍କ , ଖାତା ଓ ପେନସିଲ ବଂଟନ କରାଯାଇଥିଲା । କରୋନା ସଚେତନତା ପାଇଁ ଏହି କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଗୋଷ୍ଠି ଶିକ୍ଷା ଅଧିକାରୀ ବୋଲଧର ନାଗ, ସିଆରସିସି ପ୍ରଶାନ୍ତ ସାହୁ , ଟ୍ରଷ୍ଟ ସଭାପତି ମେଜର ଡ଼ ରାମଚନ୍ଦ୍ର ମିଶ୍ର , ସମ୍ପାଦକ ଶ୍ରୀବସ୍ଛ ବାରିକ , ସଭ୍ୟ ସରୋଜକାନ୍ତ ନାଏକ , ଶିକ୍ଷୟତ୍ରୀ କ୍ୟାତ୍ୟାୟିନୀ ପାଢ଼ୀ, ପ୍ରତିମାରାଣୀ ନନ୍ଦ , ସଭ୍ୟ ସୁବାଷ ମେହେର ପ୍ରମୁଖ କରୋନା ସଚେତନତା କରିବା ସହ ମାସ୍କ ବଂଟନ କରିଥିଲେ ।

## ଗଞ୍ଜାମ ଜିଲ୍ଲାରେ ପ୍ରଥମ ଡେ଼ଙ୍ଗୁ ରୋଗୀ ଚିହ୍ନଟ

ଗଞ୍ଜାମ,୨୩/୭ (ନି.ପ୍ର): ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ସହର ହିଲ୍ ପାଟଣା ଅଂଚଳର ଜଣେ ୫୦ ବର୍ଷୀୟ ପୁରୁଷ ଚଳିତ ବର୍ଷର ପ୍ରଥମ ଡେ଼ଙ୍ଗୁ ରୋଗୀ ଚିହ୍ନଟ ହୋଇଛନ୍ତି । ସେ ଜ୍ୱରରେ ଆକ୍ରାନ୍ତ ହେବା ପରେ ତାଙ୍କୁ କରୋନା ହୋଇଥିବା ସନ୍ଦେହ କରି ସେ ବ୍ରହ୍ମପୁର ବଡ ମେଡିକାଲରେ ସ୍ୱାବ୍ ପରୀକ୍ଷା କରାଇଥିଲେ । ଏହି ରିପୋର୍ଟ ନେଗେଟିଭ୍ ଥିଲା । ଏହାପରେ ଡ଼ାକ୍ତରଙ୍କ ପରାମର୍ଶ କ୍ରମେ ତାଙ୍କର ଡେ଼ଙ୍ଗୁ, ମ୍ୟାଲେରିଆ ଓ ଚିକେନଗୁନିଆ ପରୀକ୍ଷା କରାଯାଇଥିଲା । ଏହି ରିପୋର୍ଟ ଆସିବା ପରେ ସେ ଡେ଼ଙ୍ଗୁ ରୋଗରେ ଆକ୍ରାନ୍ତ ହୋଇଥିବା ଜଣାପଡିଥିଲା । ସାମାନ୍ୟ ସୁସ୍ଥ ହେବା ପରେ ବର୍ତ୍ତମାନ ସେ ନିଜ ଘରେ ରହି ଚିକିସିତ ହେଉଛନ୍ତି ।

# ଦିବ୍ୟାଙ୍ଗ ପରିବାରଙ୍କୁ ମିଳୁନି ପକ୍କା ଘର

ଧର୍ମଶାଳା,୨୩/୭ (ନି.ପ୍ର): ଦିବ୍ୟାଙ୍ଗଙ୍କୁ ସ୍ୱାବଲମ୍ବୀ ଓ ସଶକ୍ତିକରଣ କରିବା ପାଇଁ ସରକାର ବିଭନ୍ନ ଯୋଜନା ଉପରେ ଯୋଜନା କରିଚାଲିଛନ୍ତି । ଯେଉଁଥିରେ ଖାଦ୍ୟ, ଶିକ୍ଷା, ବାସଗୃହ ଭଳି ମୌଳିକ ଆବଶ୍ୟକତା ଯୋଗାଇ ଦେବାକୁ ନିୟମ ରହିଛଇ । ଦିବ୍ୟାଙ୍ଗଙ୍କୁ ସରକାରୀ ଯୋଜନାମୁଖ୍ୟ କରିବା ପାଇଁ ଜିଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ସହ ପ୍ରତି ବ୍ଲକରେ ମଧ୍ୟ ଏହି ବିଭାଗ କାର୍ଯ୍ୟ କରୁଛି । ଏତେ ସବୁ ପରେ ମଦ୍ୟ କିଛି ଯୋଗ୍ୟ ଓ ଗରୀବ ଦିବ୍ୟାଙ୍ଗ ସରକାରୀ ଯୋଜନାରୁ ବଂଚିତ ହେଉଛନ୍ତି । ଏଭଳି ଅବସ୍ଥା ଦେଖିବାକୁ ମିଳିଛି ଯାଜପୁର ବ୍ଲକ ଝାଲପଡା ପଂଚାୟତସ୍ଥ ଝାଲପଡା ଗ୍ରାମର ୧୫ ନମ୍ବର ଓ୍ୱାର୍ଡରେ ରହୁଥିବା ବଟ ଦଳେଇଙ୍କ ଦିବ୍ୟାଙ୍ଗ ବଡପୁଅ ବଳରାମ(୩୬) । ବଳରାମ ଦରିଦ୍ର ସୀମାରେଖା ତଳେ ବସବାସ କରୁଥିବା ବେଳେ ସେ କିଛଇ ବର୍ଷ ପୂର୍ବେ କୁଷ୍ଠ ରୋଗରେ ଆକ୍ରାନ୍ତ ହୋଇ ଦିବ୍ୟାଙ୍ଗ ହୋଇଯାଇଛନ୍ତି । ନିଜେ କାମଧନ୍ଦା କରି ନ ପରିବାରୁ ଅନେକ ସମ୍ରରେ ସେମାନଙ୍କ ପରିବାର ନାନା ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି । ସ୍ତ୍ରୀ ସମତେ ପୁଅ ଝିଅ ଚାରି ଜଣଙ୍କୁ ପୋଷିବା ତାଙ୍କ ପକ୍ଷେ ଆଉ ସମ୍ଭବ ହେଉନାହିଁ । ସ୍ତ୍ରୀ ଯାହା ମୁଲ ଲାଗି ଆଣନ୍ତି ତାହା ସମୁଦ୍ରକୁ ଶଙ୍ଖେ ପରି । ସରକାରୀ ଯୋଜନା କହିଲେ ରାସନ କାର୍ଡରେ ୧୦ କେଜି ଚାଉଳ ଓ ଦିବ୍ୟାଙ୍ଗ ଭର୍ତ୍ତା ବାବଦକୁ ୫ଶହ ଟଙ୍କା । ଜମିବାଡି କିଛି ନାହିଁ । ଗତ ବର୍ଷ ବନ୍ୟାରେ ତାଙ୍କ ଘର ଭାଙ୍ଗି ଯାଇଥିବା ବେଳେ ତେବେ ସେମାନଙ୍କ ପରିବାର ବାପାଙ୍କ ନିକଟରେ ପଡିରହିଛନ୍ତି । ପକ୍କା ଘରପାଇଁ ସ୍ଥାନୀୟ ଲୋକପ୍ରତିନିଧିଙ୍କଠାରୁ ଆରମ୍ଭ କରି ବ୍ଲକ ପ୍ରଶାସନ ନିକଟରେ ଗୁହାରୀ କଲେ ମଧ୍ୟ ତାଙ୍କ କଥାକୁ କେହି ଗୁରୁତ୍ୱ ଦେଉ ନ ଥିବା ବଳରାମ ପ୍ରକାଶ କରିଛନ୍ତି । ତେବେ ଏଭଳି ପରିସ୍ଥିତରେ ସେମାନଙ୍କ ପାଇଁ ଖଣ୍ଡେ ପକ୍କା ଘରର ଆବଶ୍ୟକତା ରହିଛି ବୋଲି ଗ୍ରାମବସୀ ମତ ପ୍ରକାଶ କରିବା ସହ ବ୍ଲକ ପ୍ରଶାସନକୁ ନିବେଦନ କରିଛନ୍ତି ।

## ବେଆଇନ ମଦ ଫ୍ୟାକ୍ଟ୍ରି ଉପରେ ଚଢ଼ଉ : ୩ ଗିରଫ

ବାଲେଶ୍ୱର,୨୩/୭ (ନି.ପ୍ର): ବାଲେଶ୍ୱର ଜିଲ୍ଲା ଖନ୍ତାପଡ଼ା ଥାନା ଅନ୍ତର୍ଗତ ଓସ୍ତପାଳ ସାହିରେ ଚାଲିଥିବା ଏକ ବେଆଇନ ମଦ ଫ୍ୟାକ୍ଟ୍ରି ଉପରେ ପୋଲିସ ପକ୍ଷରୁ ଚଢ଼ଉ ହୋଇଛି । ଚଢ଼ଉ ବେଳେ ସେଠାରୁ ବିପୁଳ ପରିମାଣର ନକଲି ମଦ ଓ ମଦ ତିଆରି ନିମନ୍ତେ ବ୍ୟବହୃତ ସରଞ୍ଜାମକୁ ଜବତ କରାଯାଇଛି । ଏଥି ସହିତ ନାମୀଦାମି କମ୍ପାନୀର ଲୋଗୋ ସାଙ୍ଗକୁ ବୋତଲ ଓ ସିଲ୍ ମେସିନ୍ ଜବତ ହୋଇଛି । ଘଟଣାରେ ୩ ଜଣଙ୍କୁ ଗିରଫ କରାଯାଇଛି ।

# ଚାଷ କରିବାକୁ ଯାଇ ନାଳରେ ପଡି ଜୀବନ ଗଲା

ମାଲକାନଗିରି,୨୩/୭ (ନି.ପ୍ର): ଜମିକୁ ଚାଷ କରିବାକୁ ବଳଦ ଯୋଡ଼ାକୁ ଧରି ବାହାରିଥିଲେ ଉଭୟ ସ୍ୱାମୀ ସ୍ତ୍ରୀ । ବାଟରେ ସ୍ତ୍ରୀ ନିକଟସ୍ଥ ଜଙ୍ଗଲକୁ ଯାଇଥିବା ବେଳେ ବାଟରେ ପଡୁଥିବା ନାଳ ପାର ହେବା ବେଳେ ସ୍ୱାମୀ ପାଣିରେ ବୁଡି ମୃତ୍ୟୁବରଣ କରିଥିଲେ । ଏଭଳି ଏକ ହୃଦୟ ବିଦାରକ ଘଟଣା ଦେଖିବାକୁ ମିଳିଛି ମାଲକାନଗିରି ଜିଲ୍ଲା ପଡିଆ ବ୍ଲକ ମାଟେରୁ ପଂଚାୟତ ଅନ୍ତର୍ଗତ ବାଟେନବାଡା ଗ୍ରାମରେ । ଏହି ଗ୍ରାମର ଗଙ୍ଗା କବାସୀ ଆଜି ସକାଳେ ନିଜ ସ୍ତ୍ରୀ ସାନି କବାସୀ ସହ ନିଜ ଚାଷ ଜମିକୁ ଚାଷ କରିବାକୁ ବାହାରି ଥିଲା । ଉଭୟ ଚାଷ ପାଇଁ ଗୋଟିଏ ଯୋଡା ବଳଦ ଧରି ନିଜ ଚାଷ ଜମିକୁ ଯାଇଥିଲେ । ବାଟରେ କୌଣଷି କାମରେ ସ୍ତ୍ରୀ ସାନି ଜଙ୍ଗଲକୁ ଯାଇଥିବା ବେଳେ ସ୍ୱାମୀ ଗଙ୍ଗା ବଳଦ ଯୋଡାକୁ ଧରି ନିଜ ଚାଷ ଜମିକୁ ଲାଗି ରହିଥିବା ନାଳକୁ ଅତିକ୍ରମ କରୁଥିଲା । ତେବେ ପୂର୍ବରୁ ଗଙ୍ଗା ମୂର୍ଚ୍ଛା ରୋଗରେ ଆକ୍ରାନ୍ତ ଥିବାରୁ ନାଳ ପାର ହେବା ବେଳେ ମୂର୍ଚ୍ଛା ରୋଗ ପ୍ରଭାବରେ ପାଣିରେ ବୁଡିଯାଇ ପ୍ରାଣ ହରାଇଥିଲେ । କିଛି ସମୟ ପରେ ଗଙ୍ଗାର ସ୍ତ୍ରୀ ନିଜ ଚାଷ ଜମିକୁ ଆସି ସ୍ୱାମୀର ମୃତ ଶରୀର ନାଳ ପାଣିରେ ଭାସୁଥିବା ଦେଖି ଦାଦା ମନୋଜ କବାସୀକୁ ଖବର ଦେଇଥିଲା । ଏହାପରେ ମନୋଜ କବାସୀ ଘଟଣା ବାବଦରେ ପଡିଆ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଘଟଣାସ୍ଥଳରେ ପହଂଚି ତଦନ୍ତ ଆରମ୍ଭ କରିଥିଲା । ଏଥିସହ ଏ ନେଇ ପଡିଆ ଥାନାରେ ଅପମୃତ୍ୟୁ ମାମଲା ସଂଖ୍ୟା ୧୪/୨୧ ରୁଜୁ କରି ଗଙ୍ଗା କବାସୀର ଶବ ଜବତ କରି କାଲିମେଳାରେ ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ପଡିଆ ଥାନା ଅଧିକାରୀ ପ୍ରଶାନ୍ତ କୁମାର ନିଶିକା କହିଛନ୍ତି । ଅନ୍ୟପଟେ ମୃତ ଗଙ୍ଗା କବାସୀର ଚାରି ଜଣ ସାନ ପୁଅ ଝିଅ ଥିବାରୁ ସେମାନଙ୍କ ଭବିଷ୍ୟତକୁ ନେଇ ପରିବାର ଲୋକ ଚିନ୍ତା ପ୍ରକଟ କରିଛନ୍ତି ।

## ଧର୍ମଶାଳା ବିଧାୟକଙ୍କ ଜନ୍ମ ଦିବସ ଅବସରରେ କଂଟିଗଡିଆରେ ବୃକ୍ଷରୋପଣ

ଧର୍ମଶାଳା,୨୩/୭ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ନିର୍ବାଚନ ମଣ୍ଡଳୀର ବିଧାୟକ ତଥା ରାଜ୍ୟ ବିଜୁ ଜନତା ଦଳର ସାଧାରଣ ସମ୍ପାଦକ ପ୍ରଣବ କୁମାର ବଳନ୍ତରାୟଙ୍କ ଜନ୍ମ ଦିବସ ଅବସରରେ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ଶୁଅ ଛୁଟିଛି । ଏନେଇ ଆଜି ସକାଳେ ଧର୍ମଶାଳା ବ୍ଲକ କଂଟିଗଡିଆ ପଂଚାୟତରେ ଏକ ବୃକ୍ଷରୋପଣ କାର୍ଯ୍ୟର୍କମ କରାଯାଇ ଯାଇ ଦୀର୍ଘ ଜୀବନ କାମନା କରାଯାଇଛି । ଏଥିରେ ବିଭିନ୍ନ ପ୍ରଜାତିର ଚାରା ରୋପଣ କରାଯାଇଛି ।

# କନ୍ଧମାଳର ଉପାନ୍ତରେ ବିଧାୟକ ବାଣ୍ଟିଲେ ପି.ପି.ଇ. କିଟ୍ ଓ ଅକ୍ସିଜେନ କନସେଟ୍ରେଟର

କନ୍ଧମାଳ,୨୩/୭ (ନି.ପ୍ର): କରୋନା ମହାମାରୀ ପୃଥିବୀକୁ ଗ୍ରାସ କରିଥିବା ବେଳେ ବର୍ତ୍ତମାନ ଦ୍ୱିତୀୟ ଲହରରୁ ଅଂଚଳ ବାସୀଙ୍କୁ ଟିକେ ରାହା ମିଳିଥିବା ବେଳେ ବିଶେଷଜ୍ଞଙ୍କର ତୃତୀୟ ଲହର ଆସିବାର ଆଶଙ୍କା ମଧ ଲୋକଙ୍କ ମନରେ ଆସିଗଲାଣି । ଏଥିନିମନ୍ତେ ସରକାରୀ ସ୍ତରରେ ପ୍ରସ୍ତୁତି ଜୋର୍ ଧରିଥିବା ବେଳେ କିଛି ସ୍ୱେଚ୍ଛାସେବୀ ଅନୁଷ୍ଠାନ ମଧ ଏଥିରେ ସହଯୋଗ କରିବାକୁ ଆଗେଇ ଆସିଛନ୍ତି । ଏହି ପରିପ୍ରେକ୍ଷୀରେ ଗ୍ରାମାଂଚଳରେ ବସବାସ କରୁଥିବା ସାଧାରଣ ଜନତାଙ୍କୁ ତୃତୀୟ ଲହରର ପ୍ରଭାବରୁ ରୋକିବା ପାଇଁ “ଗିଭ ଇଣ୍ଡିଆ ଫାଉଣ୍ଡେସନ୍” ତରଫରୁ ବିଭିନ୍ନ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର, ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ଓ ମା’ ଗୃହଗୁଡିକୁ ଅକ୍ସିଜେନ କନସେଣ୍ଟ୍ରେଟର ସ୍ଥାନୀୟ ବିଧାୟକ ଶ୍ରୀଯୁକ୍ତ ଅଙ୍ଗଦ କହଁରଙ୍କ ଦ୍ୱାରା ବଣ୍ଟନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ବିଧାୟକ ତାଙ୍କର ବକ୍ତବ୍ୟରେ ‘ସ୍ୱାତୀ’ ଅନୁଷ୍ଠାନ ଦୁର୍ଗମ ଅଂଚଳର ଲୋକଙ୍କ ପାଇଁ କୋଭିଡ୍ ପୂର୍ବ ପ୍ରସ୍ତୁତି ନିମନ୍ତେ “ଗିଭ୍ ଇଣ୍ଡିଆ ଫାଉଣ୍ଡେସନ୍” ଭଳି ବଦାନ୍ୟ ଅନୁଷ୍ଠାନଙ୍କ ଠାରୁ ଏଭଳି ସହଯୋଗ ପହଂଚାଇ ପାରିଥିବାରୁ ଧନ୍ୟବାଦ ଅର୍ପଣ କରି ଏହାର ସଠିକ୍ ବ୍ୟବହାର ଦିଗରେ ଗୁରୁତ୍ୱ ଦେଇଥିଲେ । ଏଥିସହ ‘କ୍ରାଏ କୋଲକାତା’ଙ୍କ ସହାୟତାରେ ଏହି ଅପହଂଚ ଇଲାକାର ପାହିରାଜୁ, କୁଏରମାଣ୍ଟୁ, ବାଲନ୍ଦାପଡା, ଲୁଇସିଂ, କ୍ରାଣ୍ଡିବାଲି ଓ ପକାରୀ ଗ୍ରାମ ପଂଚାୟତର ସମସ୍ତ ଆଶା, ଅଙ୍ଗନୱାଡି କର୍ମୀ ଓ ସ୍ୱାସ୍ଥ୍ୟ କର୍ମୀଙ୍କୁ ବିଧାୟକ ମହୋଦୟ ପି.ପି.ଇ କିଟ୍ ବଣ୍ଟନ କରିଥିଲେ ଯାହାକି କରୋନା ମୁକାବିଲା ସମୟରେ ଜରୁରୀ ସେବା ଯୋଗାଇବା ନିମନ୍ତେ କାର୍ଯ୍ୟରେ ଲାଗିବ । ଏହି କାର୍ଯ୍ୟକ୍ରମରେ ବାଲନ୍ଦାପଡା ସ୍ୱାସ୍ଥ୍ୟ କେନ୍ଦ୍ରର ଷ୍ଟାଫ୍ ନର୍ସ, ଫାର୍ମାସିଷ୍ଟ, ମହିଳା ସ୍ୱାସ୍ଥ୍ୟ କର୍ମୀ, ପୁରୁଷ ସ୍ୱାସ୍ଥ୍ୟ କର୍ମୀ ଉପସ୍ଥିତ ରହି କରୋନା ମୁକାବିଲାରେ କାର୍ଯ୍ୟରେ ଲଗାଇବାକୁ ପ୍ରତିଶୃତି ଦେଇଥିଲେ । ଉପରୋକ୍ତ ସମସ୍ତ କାର୍ଯ୍ୟକ୍ରମକୁ ‘ସ୍ୱାତୀ’ର ସଂପାଦକ ଶ୍ରୀ ହରିଶଙ୍କର ରାଉତ ସଂଯୋଜନା କରିଥିବା ବେଳେ ଅଧକ୍ଷ ପ୍ରଶାନ୍ତ ସତପଥି ଉପସ୍ଥିତ ରହି ଉତ୍ସାହିତ କରିଥିଲେ । ଅନୁଷ୍ଠାନର ବିଶ୍ୱରଞ୍ଜନ କର କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ଆଲୋକ ସାମନ୍ତରାଏ, ମୁକ୍ତା ନାୟକ, ଅନନ୍ତ ଚରଣ ମଲ୍ଲିକ, ଅମ୍ବିକା ପ୍ରଧାନ, ଚଂଚଳା କହଁର, ପୁଷ୍ପିତା ସାହୁ ଓ ସାମନ୍ତି ଦିଗାଲ ପ୍ରମୁଖ ସହଯୋଗ କରିଥିଲେ ।

## ଜାଗ୍ରତ ରେଳ କର୍ମଚାରୀ ପୁରସ୍କୃତ

ସମ୍ବଲପୁର,୨୩/୭ (ନି.ପ୍ର): ସମ୍ବଲପୁର ରେଳ ମଣ୍ଡଳରେ ପରିଚାଳନା ବିଭାଗର ମୁନିଗୁଡ଼ା ଷ୍ଟେସନରେ କାର୍ଯ୍ୟରତ ଷ୍ଟେସନ ମାଷ୍ଟର ଶ୍ରୀ ଅନୁଜରାଜ ଓ ବଲାଙ୍ଗୀର ଷ୍ଟେସନରେ କାର୍ଯ୍ୟରତ ପଏଂଟସ ମ୍ୟାନ- ଏ ଶ୍ରୀ ସରୋଜ କୁମାର ରଣା ଏବଂ ଇଞ୍ଜିନିୟରିଂ ବିଭାଗର ଡୁଙ୍ଗୁରିପାଲି ଷ୍ଟେସନରେ କାର୍ଯ୍ୟରତ ଟ୍ରାକ୍ ମ୍ୟାଂଟେନର-୩, ଗେଟ୍ କିପର ଶ୍ରୀ ଦୀପୁ କୁମାରଙ୍କ ନିରାପତା ପ୍ରତି ସଜାଗ, ସୁରକ୍ଷିତ ରେଳ ଚଳାଚଳ ପ୍ରତି କର୍ତବ୍ୟନିଷ୍ଠା ଓ ନିରାପତା ନିୟମ ଉପରେ ଭଲଭାବରେ ଅବଗତ ପାଇଁ ପୁରସ୍କୃତ କରାଯାଇଅଛି । ସେମାନଙ୍କର କର୍ତବ୍ୟ ପ୍ରତି ନିଷ୍ଠା ଓ ସମର୍ପଣ ମାନ୍ୟତା ସ୍ୱରୂପ ମଣ୍ଡଳ ରେଳ ପ୍ରବନ୍ଧକ, ସମ୍ବଲପୁର ଶ୍ରୀ ପ୍ରଦୀପ କୁମାର ପ୍ରମାଣପତ୍ର ସହ ନଗଦ ରାଶି ଦେଇ ସମ୍ମାନିତ କରିଛନ୍ତି । ଏହି ଅବସରରେ ବରିଷ୍ଠ ମଣ୍ଡଳ ଯନ୍ତ୍ରୀ(ସମନ୍ୱୟ) ଶ୍ରୀ ଜୟନ୍ତ କୁମାର ଖମାରୀ, ବରିଷ୍ଠ ମଣ୍ଡଳ ପରିଚାଳନା ପ୍ରବନ୍ଧକ ଶ୍ରୀ ତନ୍ମୟ ମୁଖୋପାଧ୍ୟାୟ ଏବଂ ବରିଷ୍ଠ ମଣ୍ଡଳ ନିରାପତା ଅଧିକାରୀ, ଶ୍ରୀ ପିତବାସ ପଣ୍ଡା ଉପସ୍ଥିତ ଥିଲେ ।

# ସାପ କାମୁଡ଼ାରେ ନାବାଳିକାର ମୃତ୍ୟୁ

କନ୍ଧମାଳ,୨୩/୭ (ନି.ପ୍ର): ଫୁଲବାଣୀ ବ୍ଲକ ଅନ୍ତର୍ଗତ ମିଣିଆ ପଂଚାୟତର କାଙ୍ଗାନାଡ଼ା ଗ୍ରାମରେ ସାପ କାମୁଡ଼ାରେ ଜଣେ ନାବାଳିକାର ମୃତ୍ୟୁ ଘଟିଛି । ସୂଚନା ଅନୁଯାୟୀ ଗୁରୁବାର ବିଳମ୍ବିତ ରାତିରେ ନାବାଳିକା ଘରେ ଶୋଇଥିବା ବେଳେ ଗୋଟିଏ ବିଶାକ୍ତ ସାପ ନାବାଳିକାର ଡାହାଣ ପଟ ଗୋଡ଼କୁ କାମୁଡ଼ି ଥିଲା ଯାହା ଫଳରେ ନାବାଳିକା ଜଣଙ୍କ ଅଚେତ ହୋଇ ପଡ଼ିଥିଲେ । ନାବାଳିକାର ଅବସ୍ଥା ଗୁରୁତର ହେବାରୁ ଘର ଲୋକ ୧୦୮ କୁ କଲ କରିଥିଲେ । ୧୦୮ ଆମ୍ବୁଲାନ୍ସ ସାହାଯ୍ୟରେ ନାବାଳିକାକୁ ଫୁଲବାଣୀ ମୁଖ୍ୟ ଚିକିତ୍ସାଳୟରେ ଭର୍ତି କରାଯାଇଥିଲା । କିନ୍ତୁ ଶୁକ୍ରବାର ଦିନ ୧୦ଟାରେ ନାବାଳିକା ଜଣଙ୍କୁ ମୃତ ଘୋଷଣା କରିଥିଲେ ଡ଼ାକ୍ତର ।

# ସାମ୍ବାଦିକକୁ ଦୁର୍ବ୍ୟବହାର ଓ ମାଡ଼ ମାରିବା ଘଟଣାକୁ ଦୃଢ଼ ନିନ୍ଦା କଲେ ମାଲକାନଗିରି ଜିଲ୍ଲାର ସାମ୍ବାଦିକ ଗଣ

ମାଲକାନଗିରି,୨୩/୭ (ନି.ପ୍ର): କେନ୍ଦ୍ରାପଡା ଠାରେ କାର୍ଯ୍ୟରତ ସାମ୍ବାଦିକଙ୍କୁ ଜଣେ ମହିଳା ପୋଲିସ ଦୃବ୍ୟବହାର କରିବା ସହ ଚାପୁଡ଼ା ମାରିବା ଘଟଣାକୁ ଆଜି ମାଲକାନଗିରି ଜିଲ୍ଲାରେ ସମସ୍ତ ସାମ୍ବାଦିକ ଏକତା ହୋଇ ଦୃଢ଼ ନିନ୍ଦା କରିବା ସହ ଏଥି ପ୍ରତି ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି । ଆଜି ମାଲକାନଗିରି ଜିଲ୍ଲାର ବରିଷ୍ଠ ସାମ୍ବାଦିକ ଦୁର୍ଯ୍ୟୋଧନ ପାତ୍ରଙ୍କ ଅଧକ୍ଷତାରେ ସାମ୍ବାଦିକ ଭାଇ ମାନେ ସନ୍ଧ୍ୟାରେ ଏକତ୍ରିତ ହେଇ ଏକ ବୈଠକ କରିଥିଲେ । ଉକ୍ତ ବୈଠକରେ ବିଭିନ୍ନ ପ୍ରକାର ମତାମତ, ଆଲୋଚନା କରିବା ପରେ ଶେଷରେ ଏହି ସିଦ୍ଧାନ୍ତରେ ପହଁଚିଲେ କି ଆସନ୍ତା କାଲି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯିବା ସହ ସାମ୍ବାଦିକ ସୁରକ୍ଷା ପାଇଁ ଆଇନ ଲାଗୁ କରିବା, ମାଡ଼ ମାରିଥିବା ମହିଳା ପୋଲିସଙ୍କୁ କାର୍ଯ୍ୟରୁ ନିଲମ୍ବନ କରିବା ଓ କାର୍ଯ୍ୟରତ ସାମ୍ବାଦିକଙ୍କୁ ନ୍ୟାୟ ପ୍ରଦାନ ପାଇଁ ଦାବି କରାଯାଇଛି । ଆଜିର ଏହି କାର୍ଯ୍ୟକ୍ରମରେ ମାଲକାନଗିରି ଜିଲ୍ଲାର ସାମ୍ବାଦିକ ମାନଙ୍କ ମଧ୍ୟରୁ ଅଶୋକ ମିଶ୍ର, ଶ୍ରୀନିବାସ ପାତ୍ର, ତ୍ରିଲୋଚନ ଦାସ, ଶିବ ପ୍ରସାଦ ଦାଶ, ସୋନୁ ଅନୁଗୁ, ମନୋଜ କୁମାର ମହାନ୍ତି, ସୀମାଂଚଳ ପାଣିଗ୍ରାହୀ, ସତ ନାରାୟଣ ଦାଶ, ବିକ୍ରମ କିଶୋର ସ୍ୱାଇଁ, ସଞ୍ଜୟ ଢ଼ାଲି, ସୁଶାନ୍ତ ସୁନା, ବିଟୁ ରାଓ, କିଶୋର ପାଟିକା, ଅଶିମ ବିଶ୍ୱାସ, ବସନ୍ତ କୁମାର ଜେନା, ଅଜିତ କୁମାର ଖୋସାଲା, ମାଣିକ ବାଛାଡ଼, ଅଭିରାମ ସେନାପତି, ଅର୍ପୁ ଥଣ୍ଡର, ଚନ୍ଦନ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ଅଶୋକ କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିବା ସହ ବୈଠକକୁ ସମାପ୍ତ କରିଥିଲେ ।

# ଭଦ୍ରକ ମହାବିଦ୍ୟାଳୟ ହୀରକ ଜୟନ୍ତୀ ପାଳନ ପାଇଁ ପୁରାତନ ଛାତ୍ର ସଂସଦ ବୈଠକ

ଭଦ୍ରକ,୨୩/୭ (ନି.ପ୍ର): ଭଦ୍ରକ ମହାବିଦ୍ୟାଳୟ ପରିସରରେ ଥିବା ଛାତ୍ର ସଂସଦ ଭବନରେ ପୁରାତନ ଛାତ୍ର ସଂସଦର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ତଥା ୨୦୨୨ ମସିହାରେ ପାଳିତ ହେବାକୁ ଥିବା ହୀରକ ଜୟନ୍ତୀ ଉତ୍ସବ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ପୁରାତନ ଛାତ୍ର ସଂସଦ ସଭାପତି ପ୍ରଫେସର ଦେବେନ୍ଦ୍ର ନାଥ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇ ଯାଇଛି । ଏହି ବୈଠକରେ ପୁରାତନ ଛାତ୍ର ସଂସଦର ସଂପାଦକ ଅଜୟ ନାୟକ ମହାବିଦ୍ୟାଳୟର ବିଭିନ୍ନ ଅସୁବିଧା ସୁବିଧା ସହ କଲେଜକୁ ବିଶ୍ୱବିଦ୍ୟାଳୟର ମାନ୍ୟତା ପାଇବା ପାଇଁ ଆସନ୍ତା ବର୍ଷ ଆସିବାକୁ ଥିବା ନାକ୍ କମଟି ପହଁଚିବା ପୁର୍ବରୁ ଆବଶ୍ୟକିୟ ନଥିପତ୍ର ପ୍ରସ୍ତୁତି କରି ରଖିବା ପାଇଁ ଅଧକ୍ଷଙ୍କୁ ଅନୁରୋଧ କରିବା ସହ ସେଥିପାଇଁ ଆବଶ୍ୟକୀୟ ସହାୟତା କରିବା ପାଇଁ ପ୍ରତିଶୃତି ଦେଇଥିଲେ । ସେହିପରି ୨୦୨୨ ମସିହାରେ କଲେଜ ୭୫ ବର୍ଷରେ ପଦାର୍ପଣ କରୁ ଥିବାରୁ ଏହାକୁ ସ୍ମରଣୀୟ ତଥା ଧୁମଧାମରେ ପାଳନ କରିବା ପାଇଁ ଭାରତର ମହାମହିମ ରଷ୍ଟ୍ରପତି ରାମନାଥ କୋବିନ୍ଦ, ଓଡିଶାର ରାଜ୍ୟପାଳ ପ୍ରଫେସର ଗଣେଷିଲାଲ, ମୁଖ୍ୟମନ୍ତ୍ରୀ ନବିନ ପଟ୍ଟନାୟକ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ,ରାଜ୍ୟ ଶିକ୍ଷା ମନ୍ତ୍ରୀ ଡ.ଅରୁଣ ସାହୁ ତଥା ପ୍ରତିଷ୍ଠିତ ବ୍ୟକ୍ତି ବିଶେଷଙ୍କୁ ଅତିଥି ଭାବେ ନିମନ୍ତ୍ରଣ କରା ଯିବାକୁ ପ୍ରସ୍ତାବ ଦେଇଥିଲେ ଓ ତାହା ସର୍ବସମ୍ମତି କ୍ରମେ ଗୃହିତ ହୋଇଥିଲା । ଏହି ହୀରକ ଜୟନ୍ତୀ ସମାରୋହ ଆସନ୍ତା ବର୍ଷ ଜୁଲାଇ ମାସ ୬,୭, ୮ ତାରିଖ ୩ଦିନ ବ୍ୟାପି ପାଳନ କରିବା ପାଇଁ ଆପାତତଃ ସ୍ଥିର ହୋଇଛ । ଏହି ବୈଠକରେ କଲେଜ ଅଧ୍ୟକ୍ଷ ଡଃ ଉମାକାନ୍ତ ସାହୁ ଉପସ୍ଥିତ ରହି ସମସ୍ତ କାର୍ଯ୍ୟକ୍ରମରେ ସହାୟତା ପ୍ରଦାନ ପାଇଁ ପ୍ରତିଶୃତି ଦେଇଥିଲେ । ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ପୁରାତନ ଛାତ୍ର ପ୍ରଫେସର ବଳରାମ ମିଶ୍ର ,ଡାକ୍ତର ଦୁର୍ଯ୍ୟୋଧନ ଦାସ , ଅଧିବକ୍ତା ପର୍ଶୁରାମ ଦ୍ୱିବେଦୀ , ଅଧିବକ୍ତା ନିତ୍ୟାନନ୍ଦ ଦାସ, ଅଧିବକ୍ତା ସରୋଜ ତପନ ଦାସ, ହରମୋହନ ଜେନା, ସୌରେନ୍ଦ୍ର ମହାନ୍ତି ପ୍ରମୁଖ ନିଜ ନିଜର ମତାମତ ରଖିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଭଦ୍ରକ ଓକିଲ ସଂଘର ସଭାପତି ଦିଲ୍ଲିପ ମହାପାତ୍ର, ସଂପାଦକ ଜୀତେନ କୁମାର ପଣ୍ଡା , ଅଧିବକ୍ତା ଗଦାଧର ବଳ , ଅଧିବକ୍ତା ସରୋଜ ଦାସ, ବିଜୟକୁମାର ସାହୁ, ଗୋବର୍ଦ୍ଧନ ସାମଲ, ସଂଗ୍ରାମ ମହାନ୍ତି,ପ୍ରଦୀପ କୁମାର ଜେନା, ବସନ୍ତ ମହାନ୍ତି, ପଙ୍କଜ କୁମାର ବଳ, ରୂପକ ରାୟ, ବୈଲୋଚନ ବେହୁରିଆ, ରାଧାରାଣି ମହାପାତ୍ର, ଗୋକୁଳାନନ୍ଦ ମହାନ୍ତି ପ୍ରମୁଖ ଯୋଗ ଦେଇ ସେମାନଙ୍କ ମତ ରଖିଥିଲେ । ଅମରେନ୍ଦ୍ର ବିଶ୍ୱାଳଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଚାରୁଲତା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୨୫ ଜୁଲାଇ, ୨୦୨୧
email : rabibarachayan2015@gmail.com

ରବିବାର ଚୟନ — ପୃଷ୍ଠା ୩

......ସୁଚୟନ ସୁଚୟନ ସୁଚୟନ.......


କଥା, କବିତା, ସୃଜନର ସୁରମ୍ୟ ସମ୍ଭାର

ଧାରାବାହିକ : **ଜୀବନାନୁଭୂତି**

**ଭାଗ - ୩୭**

(ପୂର୍ବ ପ୍ରକାଶିତ ଉତ୍ତାରୁ...)

# ମୋର ପୂର୍ବ ସ୍ମୃତି କଥା



**ବାଲେଶ୍ୱରରେ ପ୍ରଥମଥର ୧୯୧୫ ମସିହାରେ ତୃତୀୟଶ୍ରେଣୀ ମାଜିଷ୍ଟ୍ରେଟ ଓ ଦ୍ୱିତୀୟଥର ୧୯୩୧ ମସିହାରେ ଡେପୁଟି ମାଜିଷ୍ଟ୍ରେଟ ପଦରେ ଅବସ୍ଥାପିତ ହୋଇଥିବା ଭାରତଚନ୍ଦ୍ର ନାୟକଙ୍କ ରଚିତ 'ପୂର୍ବ ସ୍ମୃତିକଥା' ୧୯୬୬ରେ ପୁସ୍ତକ ଆକାରରେ ପ୍ରକାଶିତ ହୋଇ ତା' ପରବର୍ଷ ଓଡିଶା ସାହିତ୍ୟ ଏକାଡେମୀ ଦ୍ୱାରା ସମ୍ମାନିତ ହେବା ମନନଶୀଳ ପାଠକଙ୍କ ପାଇଁ ଆଣିଦେଇଥିଲା ଗୋଟେ ପ୍ରକାର ଆଶ୍ୱସ୍ତି । ଏହି ପୁସ୍ତକରେ ଅଛି ରାଜା ରାଜୁଡା ସମୟର ଇତିହାସ, ଅଛି ସାମାଜିକ ଚେତନା, ଅଛି ମଧ୍ୟ ଉଚ୍ଚାଙ୍ଗ ସାହିତ୍ୟ । ଆଜି ବି ଆମ ସମାଜରେ ନାରୀ ନିର୍ଯ୍ୟାତନାର ଚିତ୍ର ସର୍ବତ୍ର ଦେଖିବାକୁ ମିଳୁଥିବା ବେଳେ ସେ ସମୟରେ ନାରୀମାନଙ୍କ ପାଇଁ ସେ ଦେଖିଥିବା ସ୍ୱପ୍ନ, ସମ୍ବେଦନଶୀଳ ମନୋଭାବ, ନାରୀଶିକ୍ଷା ପ୍ରତି ତାଙ୍କର ପ୍ରେରଣା ତାଙ୍କୁ ସ୍ମରଣୀୟ କରି ରଖିଛି । ଶ୍ରୀଯୁକ୍ତ ନାୟକଙ୍କର 'ମୋର ପୂର୍ବ ସ୍ମୃତିକଥା' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...**

ବଂଶୀଧର ନାୟକ, ଭଗବାନ ମହାପାତ୍ର, ଗୋପାଳଚରଣ ପଟ୍ଟନାୟକ, ସଦାନନ୍ଦ ପଟ୍ଟନାୟକ, ନଟବର ପଟ୍ଟନାୟକ, ଗଣେଶଚନ୍ଦ୍ର ଚନ୍ଦ୍ର, ରାଧାମୋହନ ପଟ୍ଟନାୟକ ମୋ ସଙ୍ଗେ ଭିନ୍ନଭିନ୍ନ ସ୍ଥାନରେ କାର୍ଯ୍ୟ କରୁଥିଲେ । ଆମ୍ଭମାନଙ୍କ କାର୍ଯ୍ୟସ୍ଥଳ ଥିଲା ସାରଣ ଜିଲ୍ଲାର ସିୱାନ୍ ଓ ଗୋପାଳଗଞ୍ଜ ସବ୍‌ଡିଭିଜନ୍ । ଉତ୍ତର ବିହାରରେ ବନ୍ଦୋବସ୍ତ ମହକୁମାର କେନ୍ଦ୍ର ଥିଲା ଚମ୍ପାରଣ ଜିଲ୍ଲାର ରାଜଧାନୀ ମୋତିହାରୀରେ । କେତେକ ଦିନ ମୋତେ ମୋତିହାରୀରେ ରହିବାକୁ ହୋଇଥିଲା । ଚାଳିଶ ବର୍ଷ ପରେ ୧୯୫୮ ମସିହାରେ ମୋର କନ୍ୟା ଡାକ୍ତର ସୁଷମା ଚମ୍ପାରଣ ଜିଲ୍ଲାସ୍ଥ ବେତିୟା ସବ୍‌ଡିଭିଜନ୍‌ରେ ବିହାର ଓଡ଼ିଶା ସରକାରଙ୍କ ଲେଡି ଡାକ୍ତର ହୋଇ ରହିଥିଲା । ସେଠାକୁ ମୁଁ ଯାଇଥିଲି ଓ ଦିନେ ମୋତିହାରୀ ଦେଖିବାକୁ ଗଲି । ଦେଖିଲି ପୂର୍ବ ମୋତିହାରୀର ଚିହ୍ନ ସୁଦ୍ଧା ନାହିଁ । ବେତିୟାରେ ମହାରାଜାଙ୍କ ବିଶାଳ ରାଜପ୍ରାସାଦ ୧୯୩୪ ମସିହାର ଭୀଷଣ ଭୂମିକମ୍ପରେ ଲୁପ୍ତ ହୋଇଥିବା ଶୁଣିଲି । ରାଜପରିବାରର ଅସ୍ତିତ୍ୱ ସୁଦ୍ଧା ଲୁପ୍ତ ହୋଇଅଛି । ବେତିୟା ସହର ମଧ୍ୟସ୍ଥ ଡାକ୍ତରଖାନା ସମ୍ମୁଖସ୍ଥ ବିସ୍ତୀର୍ଣ୍ଣ ପ୍ରାନ୍ତର ଇଂରେଜ ଶାସନ କାଳରେ ଗୋରାଙ୍କ ପୋଲୋ ଖେଳ ସକାଶେ ବ୍ୟବହୃତ ହେଉଥିଲା । ସେହି ସ୍ଥାନକୁ କଳା ଲୋକଙ୍କ ପ୍ରବେଶ ନିଷେଧ ଥିଲା । ଗୋରା ମ୍ୟାନେଜର୍, ଗୋରା ଜିଲ୍ଲା ହାକିମ, ଗୋରା ମହକୁମା ହାକିମ, ଗୋରା ନୀଳ ବ୍ୟବସାୟୀ । ଯେଉଁଆଡ଼େ ଦେଖ ଗୋରାଙ୍କ ପ୍ରଭାବରେ ସ୍ଥାନଟି ପ୍ରଭାବାନ୍ୱିତ ହୋଇଥିଲା । ଆଜି ସେହି ପରିସ୍ଥିତି ଆଉ ନାହିଁ । କାଳର ଅତଳ ଗର୍ଭରେ ସେ ପ୍ରଭାବ ଲୀନ ହୋଇଯାଇଅଛି ।

ବନ୍ଦୋବସ୍ତ କାର୍ଯ୍ୟ ଶେଷ ହେଲା ପରେ ୧୯୧୭ ସାଲ ସେପ୍ଟେମ୍ବର ମାସରେ ମୁଁ ଛୋଟନାଗପୁର ଅନ୍ତର୍ଗତ ମାନଭୂମି ଜିଲ୍ଲାର ସଦର ମହକୁମା ପୁରୁଲିଆରେ ଅବସ୍ଥାପିତ ହେଲି । ମହାତ୍ମାଗାନ୍ଧିଙ୍କ ଆନ୍ଦୋଳନ ଫଳରେ ବିହାରରୁ ନୀଳ ଚାଷ ଓ ନୀଳ କୋଠି ସହ ଗୋରା ସାହେବମାନେ ଉଠିଯିବା ସଙ୍ଗେ ସଙ୍ଗେ ଇଂରେଜ ଶାସନ ସମ୍ବନ୍ଧରେ ଅନ୍ତତଃ ଶିକ୍ଷିତ ସମାଜରେ ସମାଲୋଚନା ଆରମ୍ଭ ହୋଇଗଲାଣି । ଦିନେ ଦୁଇଜଣ ବଙ୍ଗାଳୀ ଡେପୁଟି କଲେକ୍ଟର ଓ ମୁଁ ପୁରୁଲିଆରୁ କଲିକତାକୁ ଯାଉଥିଲୁ । ଆମ୍ଭେମାନେ ରାଞ୍ଚି ଏକ୍ସପ୍ରେସ୍‌ର ଗୋଟିଏ ପ୍ରଥମ ଶ୍ରେଣୀ ଡବାରେ ବସିଲୁ । ସେହି ଡବାରେ ଜଣେ ଗୋରା ସାହେବ ବସିଥିଲେ । ନାନା କଥା ପ୍ରସଙ୍ଗରେ ଇଂରେଜ ଶାସନର ସମାଲୋଚନା ମଧ୍ୟରେ ଆମ୍ଭମାନଙ୍କ ମୁଖରୁ ଅନୁକୂଳ ଓ ପ୍ରତିକୂଳ ମନ୍ତବ୍ୟ ପ୍ରକାଶିତ ହେବାକୁ ଲାଗିଲା । ଆମ୍ଭମାନଙ୍କ ମଧ୍ୟରୁ ଜଣେ ଡେପୁଟି ଲାଲା ଆଶୁତୋଷ କହିଲେ, "ସାବଧାନ, ଅନେକ ସାହେବ ଭଲ ବଙ୍ଗଳା ଜାଣନ୍ତି । ଏହି ସାହେବଟି ଯଦି ଆମ୍ଭମାନଙ୍କ କଥା ବୁଝୁଥାଏ, ତାହାହେଲେ ସର୍ବନାଶ ।" ହଠାତ୍ ସାହେବଟି ବିଶୁଦ୍ଧ ବଙ୍ଗଳା ଭାଷାରେ କହିଲେ, "ମଶାୟରା ! ଆପନାଦେର କଥା ଆମି ସବ୍ ବୁଝଛି । ଆପନାରା ବୋଧହୟ ସରକାରୀ କର୍ମଚାରୀ । ଆମି ଜାନି, ଭାରତବାସୀଦେର ମଧ୍ୟେ ଇଂରେଜଦେର ଯଦି କେଉ ବିରୋଧୀ ଏଖନ୍ ଥାକେ ତାରା ହଚ୍ଛେ ସରକାରୀ କର୍ମଚାରୀଗନ । ଶୁନେ ଆଶ୍ଚର୍ଯ୍ୟ ହବେନ୍‌ନା ଆମି ହଚ୍ଛି C.E.A.W., Oldham, ଛୋଟନାଗପୁର ଡିଭିଜନେର କମିଶନର । ତବୁଓ ଆପନାଦେର କୋନ ଭୟ ନେଇଁ ।" ସର୍ବନାଶ, ଏ ଯେ ଆମ୍ଭମାନଙ୍କ କମିଶନର । ଦଣ୍ଡ ମୁଣ୍ଡର ବିଧାତା ! ଆମ୍ଭେମାନେ ଅସ୍ଥିର ହୋଇପଡିଲୁ । ଆଉ କୌଣସ କଥାବାର୍ତ୍ତା ନାହିଁ । ପ୍ରଗଲ୍‌ଭତା ନିରବତାରେ ପରିଣତ ହେଲା । ଶଙ୍କିତ ଭାବରେ କଲିକତା ପର୍ଯ୍ୟନ୍ତ ଗଲୁ । କେତେକ ଦିନ ପରେ ଓଲଡ୍‌ହେମ୍ ସାହେବ ପୁରୁଲିଆକୁ ନିୟମିତ ପରିଦର୍ଶନରେ ଆସିଲେ ଓ ଆମ୍ଭମାନଙ୍କ କାର୍ଯ୍ୟ ପରିଦର୍ଶନ କଲେ । ନିୟମାନୁସାରେ ତାଙ୍କ ସହିତ ସାକ୍ଷାତ କଲି, କଥାରେ ବା କାର୍ଯ୍ୟରେ କୌଣସି ପ୍ରକାର ବିକାର ଲକ୍ଷିତ ହେଲାନାହିଁ ।

ମାନଭୂମ୍ ଜିଲ୍ଲାର ଅଧିକାଂଶ ଅଞ୍ଚଳ ବଙ୍ଗଭାଷାଭାଷୀ । ଭୂମିଜ ନାମକ ଆଦିବାସୀ ଅଛନ୍ତି । ଏମାନଙ୍କର ସୁଦ୍ଧା ସାଧାରଣ କଥିତ ଭାଷା ବଙ୍ଗଳା । ଇଂରେଜ ଶାସନରେ ଭେଦନୀତି ଫଳରେ ମାନଭୂମ ବଙ୍ଗପ୍ରଦେଶରେ ନ ରହି ବିହାରରେ ରହିଥିଲା । ସ୍ୱାଧୀନ ଭାରତ ଶାସନରେ ଭାଷାସୂତ୍ରରେ ବିଭିନ୍ନ ପ୍ରଦେଶର ପୁନଃ ଗଠନ ସମ୍ପର୍କରେ ମାନଭୂମି, ପୂର୍ଣ୍ଣିମା ଓ ଭାଗଲପୁର ଜିଲ୍ଲାର ବଙ୍ଗଳା ଭାଷାଭାଷୀ ଅଞ୍ଚଳ ପଶ୍ଚିମବଙ୍ଗ ସହିତ ୧୯୫୬ ସାଲରେ ମିଳିତ ହେଲା ।

ମାନଭୂମ ଜିଲ୍ଲାରେ କେତେକ ଓଡ଼ିଆ ଚିରସ୍ଥାୟୀ ଅଧିବାସୀ ଅଛନ୍ତି । ସେମାନଙ୍କ ସାମାଜିକ ରୀତିନୀତି ଓଡ଼ିଆ ହେଲେ ଓଡ଼ିଆ ଆଉ କହୁନାହାନ୍ତି । ସମ୍ବଲପୁରରୁ ଅନେକ ଓଡ଼ିଆ ଆସି ରାଞ୍ଚି, ସିଂହଭୂମ ଓ ବାଙ୍କୁଡ଼ା ପର୍ଯ୍ୟନ୍ତ ରହିଯାଇଅଛନ୍ତି । ସିଂହଭୂମ ଅନ୍ତର୍ଗତ ଓଡ଼ିଆ ଅଞ୍ଚଳର ପୃଥକୀକରଣ ଓ ଓଡ଼ିଆ ସହିତ ସମ୍ମିଳନ ସମସ୍ୟାର ଏପର୍ଯ୍ୟନ୍ତ ସମାଧାନ ହୋଇନାହିଁ ।

## ସମ୍ବଲପୁର ଜିଲ୍ଲାରେ ଚାକିରି

ମାନଭୂମରୁ ବଦଳି ହୋଇ ୧୯୧୮ ମସିହା ଜୁଲାଇ ମାସରେ ସମ୍ବଲପୁର ଜିଲ୍ଲା ବରଗଡ଼କୁ ଆସିଲି । ଯାତ୍ରୀବାହୀ ମୋଟର ଗାଡ଼ିର ଚଳାଚଳ ସେତେବେଳେ ଆରମ୍ଭ ହୋଇନଥିଲା । ସାଧାରଣର ବାହାନ ବଳଦ ଗାଡ଼ିରେ ପରିବାର ସହ ଘୋର ବୃଷ୍ଟି ମଧ୍ୟରେ ବରଗଡ଼ରେ ଉପସ୍ଥିତ ହେଲି ଓ ମୋ ସକାଶେ ନିର୍ଦ୍ଦିଷ୍ଟ ସରକାରୀ ଘରେ ରହିଲି ।

ବରଗଡ଼ ସମ୍ବଲପୁର ଜିଲ୍ଲାର ବୃହତ୍ ସବ୍‌ଡିଭିଜନ୍ । ମୁଁ ମୋ କାର୍ଯ୍ୟରେ ଯୋଗ ଦେବା ସମୟରେ ସବ୍‌ଡିଭିଜନାଲ୍ ଅଫିସର୍ ଥିଲେ ଶ୍ରୀ ବୈଦ୍ୟନାଥ ମିଶ୍ର । ବୈଦ୍ୟନାଥ ବାବୁ ଯେପରି ବିଦ୍ୱାନ୍ ଓ କାର୍ଯ୍ୟଦକ୍ଷ ସେପରି ନିରହଙ୍କାରୀ ଓ ଲୋକପ୍ରିୟ ଥିଲେ । ତାଙ୍କଘର ପୁରୀ ଜିଲ୍ଲା ବୀରପ୍ରତାପପୁର ଶାସନରେ । କାର୍ଯ୍ୟରୁ ଅବସର ନେଇ ବର୍ତ୍ତମାନ ପୁରୀରେ ରହିଥିଲେ । ଦୁଇବର୍ଷ ହେବ ତାଙ୍କ କାଳ ହୋଇ ଯାଇଅଛି । ଅଳ୍ପଦିନ ପୂର୍ବେ ସେଠାରେ ତାଙ୍କ ସହିତ ମୋର ସାକ୍ଷାତ ହୋଇଥିଲା ଓ ତାଙ୍କ ଘରେ ପୂର୍ବସ୍ମୃତି ବିଜଡ଼ିତ ନାନା ଉପଭୋଗ୍ୟ କଥାବାର୍ତ୍ତା ହୋଇଥିଲା । ସେ କଲିକତା ବିଶ୍ୱବିଦ୍ୟାଳୟରେ ଜଣେ ମେଧାବୀ ଛାତ୍ର ଥିଲେ । ଇତିପୂର୍ବେ ତାଙ୍କ କୃତିତ୍ୱପୂର୍ଣ୍ଣ ଛାତ୍ର ଜୀବନର ପରିଚୟ ଦିଆ ହୋଇଅଛି । ପ୍ରତିଯୋଗିତାମୂଳକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ୧୯୦୩ ମସିହାରେ ଡେପୁଟି କଲେକ୍ଟର ପଦରେ ନିଯୁକ୍ତ ହୋଇଥିଲେ । ତାଙ୍କ ପରି ସଦାଶୟ ହାକିମ ମୁଁ କମ୍ ଦେଖିଛି । କି ଅଧୀନସ୍ଥ ହାକିମ, କି କିରାଣୀ, କି ଚପରାସୀ, ସମସ୍ତଙ୍କ ପ୍ରତି ତାଙ୍କର ସମ ବ୍ୟବହାର- ସଦୟ ଓ ନିର୍ମଳ । ବେଶଭୂଷା, ହାବଭାବ ସରଳତାପୂର୍ଣ୍ଣ । ଅତ୍ୟଧିକ ସରଳତା ଯୋଗୁଁ ତାଙ୍କୁ ଥରେ ଥରେ ବଡ଼ ଅସୁବିଧାରେ ପଡ଼ିବାକୁ ହୋଇଥିଲା । ଏ ସମ୍ବନ୍ଧରେ ଦିନକର ଘଟଣା ଅତ୍ୟନ୍ତ କୌତୁକାବହ । ୧୯୧୪ ମସିହାରେ ମୁଁ ଅନୁଗୁଳରୁ ଛୁଟିରେ ଆସି ସମ୍ବଲପୁରରେ ରହିଥିଲି । କିଛିଦିନ ପୂର୍ବେ ବୈଦ୍ୟନାଥ ବାବୁ ସମ୍ବଲପୁରକୁ ବଦଳି ହୋଇ ଆସିଥିଲେ । ଦିନେ ସକାଳେ ମୁଁ ସମ୍ବଲପୁର ସଦରଥାନା ସମ୍ମୁଖସ୍ଥ ସଡ଼କରେ ବାଇ ସାଇକେଲ୍‌ରେ ଯାଉଥିବା ସମୟରେ ଦେଖିଲି, ଜଣେ କନ୍‌ଷ୍ଟେବଲ୍ ବୈଦ୍ୟନାଥ ବାବୁଙ୍କ ହାତ ଧରି ଟାଣିଛି ଓ ନିକଟରେ ବୋଝାଏ ଜାଳକାଠ ପଡ଼ିଛି ଏବଂ ଜଣେ କୋହ୍ଲାଣୀ କାନ୍ଦି କାନ୍ଦି କାହାକୁ ଗାଳି ଦେଉଛି । ବୈଦ୍ୟନାଥ ବାବୁଙ୍କ ଏତଦବସ୍ଥା ଦେଖି ମୁଁ ବାଇସାଇକେଲ୍‌ରୁ ଓହ୍ଲାଇ ପଡ଼ିଲି । ମୋତେ ଦେଖିଲା ମାତ୍ରକେ ଯେମନ୍ତ ସେ ଆଶ୍ୱସ୍ତି ବୋଧକଲେ । ନିଜ ବାଇ ସାଇକେଲ୍‌ଟି ସେ ହାତରେ ଧରିଛନ୍ତି । କନ୍‌ଷ୍ଟେବଲଟି ପଶ୍ଚିମା ଲୋକ, ମୋର ପରିଚିତ । ବିସ୍ମିତ ହୋଇ ତାକୁ ପଚାରିଲି, "କଥା କ'ଣ ?" ବାମ ହସ୍ତରେ ସେ ବୈଦ୍ୟନାଥ ବାବୁଙ୍କ ଏକ ହସ୍ତ ଶକ୍ତ ଭାବରେ ଧରିଛି ଓ ଦକ୍ଷିଣ ହସ୍ତରେ ମୋତେ ସଲାମ୍ କରି କହିଲା, "ଦେଖନ୍ତୁ ହଜୁର ! ଏହି ଗରିବ ସ୍ତ୍ରୀଟି କାଠ ମୁଣ୍ଡାଇ ଯାଉଥିଲା ଆଉ ଏହି ବେକୁବ୍ ଲୋକଟି ତାକୁ ବାଇସାଇକେଲ୍ ଧକ୍କାରେ ପକାଇ ଦେଇ ତାହାର ଗୋଡ଼ରେ ଜଖମ କରିଛି; ଆଉ କହିଲେ ଥାନାକୁ ଯାଉନାହିଁ ।" ମୁଁ ତାଙ୍କ ହାତ ଛାଡ଼ି ଦେବାକୁ କହିଲି । ତତ୍‌କ୍ଷଣାତ୍ ଛାଡ଼ିଦେଲା । କହିଲି, "ମୂର୍ଖ ! ତୁ ଚିହ୍ନୁନାହୁଁ ଏ ଯେ ଡେପୁଟି ସାହେବ । (କ୍ରମଶଃ)

# ପର୍ଦ୍ଦା ପଛର କଥା -୫

**ଓଡ଼ିଆ ଚଳଚ୍ଚିତ୍ରର ଗୀତିକାର, ସଂଳାପକାର, କାହାଣୀ ଓ ପଟ୍ଟକଥା ଲେଖକ ଭାବରେ ଡ. ରଜନୀରଂଜନଙ୍କ ସର୍ବକାଳୀନ ରେକର୍ଡ । ପ୍ରାୟ ୭୦ଟିରୁ ଉର୍ଦ୍ଧ୍ୱ ଚଳଚ୍ଚିତ୍ରରେ ତାଙ୍କର ସଂପୃକ୍ତି । ଦୁଇ ଦୁଇଥର ରାଜ୍ୟ ସରକାରଙ୍କ ଦ୍ୱାରା ପୁରସ୍କୃତ । ଓଡ଼ିଆ ଚଳଚ୍ଚିତ୍ରର ବିକାଶର ଧାରାରେ ଘଟଣା, ଦୁର୍ଘଟଣା, ଅଭିଜ୍ଞତାର ତିକ୍ତ ମଧୁର ଅନୁଭୂତିକୁ ପ୍ରକାଶ ପାଇଁ ଧ୍ୱନି ପ୍ରତିଧ୍ୱନିର ଏ ପ୍ରୟାସ ।**



ଭାଗ-୧୧

## 'ଗୀତର ମୋହରେ' (୧)

ଚିରକାଳ ମୁଁ ଗୀତର ମୋହରେ । ବେଳେବେଳେ ମୋ ଛାତି ଭିତରେ ଏକ ଅବ୍ୟକ୍ତ କଳ୍ପନା ମତେ ଅଣନିଶ୍ୱାସୀ କରିଦିଏ । ମୁଁ ଆକ୍‌ତାମାକ୍‌ତା ହୋଇଯାଏ । କିଛି ଗୋଟାଏ ଛାତି ଭିତରୁ କାଗଜର କାନ୍‌ଭାସ୍‌ରେ ବାହାରି ନ ଆସିବା ଯାଏ ମୁଁ ଅନ୍ୟମନସ୍କ ହୋଇ ପଡୁଥାଏ ।

ନାଟକରେ ଗୀତ ଲେଖା ଚାଲିଥାଏ । ନାଟକ ନିର୍ଦ୍ଦେଶନା ଦେବା ସହ ଗୀତ ଲେଖିବା ମୋର ହବି ପାଲଟି ଯାଏ । କୋଉ ଗୀତ ମୁଁ ପ୍ରଥମେ ଲେଖିଥିଲି ଠିକ୍ କରି ମନେନାହିଁ । ତେବେ ମନେ ଅଛି ମୋର ଜଣେ ଅନ୍ତରଂଗ ବଂଧୁ (ସଂଗାତ) ପୂର୍ଣ୍ଣଚନ୍ଦ୍ର ମହାରଣା ଗାୟକ ହେବା ପାଇଁ ସଂଘର୍ଷ କରୁଥାନ୍ତି । ଗାଁରେ ନାଟକ ଓ ଉତ୍ସବ ଆଦିରେ ଗୀତ ଗାଇବାରେ ପ୍ରବଳ ରୁଚିଥାଏ । ତାଙ୍କରି ପାଇଁ ମୁଁ ପ୍ରଥମେ ଲେଖିଥିଲି ପ୍ରଥମ ଗୀତ 'ଅବୁଝା ଏ ପ୍ରିୟା ମୋର' । ସେ ତାକୁ କୋଉ ଷ୍ଟେଜ୍‌ରେ ଗାଇଲେ ଜାଣିନି ହେଲେ ପରେ ପରେ ନାଟକ ପାଇଁ ସଂଗାତଙ୍କ ନିର୍ଦ୍ଦେଶନାରେ ଦୁଇଟି ଗୀତ ମୋର ଖୁବ୍ ପପୁଲାର ହୋଇଥିଲା । ସେତିକି ଥିଲା ମୋର ଆତ୍ମତୃପ୍ତି । କଲେଜ ଡ୍ରାମାରେ ଅଧ୍ୟାପିକା ପଦ୍ମାଳୟା ଗରାବଡୁ (ଗାୟିକା) ଯେଉଁଦିନ ପ୍ରଥମ କରି ରବୀନ୍ଦ୍ର ମଣ୍ଡପରେ 'ସମାଧୀ' ନାଟକରେ ଗୀତ ଗାଇଲେ ସେଦନ ଥିଲା ମୋ ପାଇଁ ସ୍ମରଣୀୟ ଦିନ । ଏହା ୧୯୭୯ ମସିହାର କଥା । ମୋର ଭୁବନେଶ୍ୱରରେ ମଂଚ ପ୍ରବେଶର ପ୍ରଥମ ସୋପାନ । ସେତେବେଳେ ଭୁବନେଶ୍ୱରରେ ବିଭିନ୍ନ ଅଫିସ୍‌ର ସାଂସ୍କୃତିକ ବିଭାଗ ଆନୁକୂଲ୍ୟରେ ନିୟମିତ ନାଟକ ମଞ୍ଚସ୍ଥ ହେଉଥିଲା । ଏବଂ ଅଧିକାଂଶ ନାଟକରେ ବାପା ଗୀତ ଲେଖୁଥିଲେ । ମୁଁ ଭୁବନେଶ୍ୱର ଯାଇ ନାଟକ ଦେଖୁଥିଲି । ରାତିରେ ବାପାଙ୍କ ସହ ସାଇକେଲରେ ବସି ୧୫ କିଲୋମିଟର ନିଛାଟିଆ ରାସ୍ତାରେ ଘରକୁ ଫେରୁଥିଲି । ଷ୍ଟେଜ୍‌ରେ ସାଇକ୍ଲୋମାରେ ବାପାଙ୍କ ନାଁ ଦେଖିଲେ ରୋମାଞ୍ଚିତ ଲାଗୁଥିଲା । କେବେ ସ୍ୱପ୍ନ ନଥିଲା ଭବିଷ୍ୟତରେ ରୂପେଲି ପରଦାରେ ମୋ ନାଁ ଏମିତି ଆସିବ ।

ସେତେତେବେଳେ ନବାଗତମାନଙ୍କ ପାଇଁ ସୁଯୋଗ ନଥିଲା । ଅଶୀପର ଓଡ଼ିଆ ସିନେ ଜଗତରେ କଟକ ଥିଲା ଚଳଚ୍ଚିତ୍ର ନିର୍ମାଣର ପ୍ରାଣକେନ୍ଦ୍ର । ହାତଗଣତି ପ୍ରଡ୍ୟୁସର ଡାଇରେକ୍ଟର, ନିର୍ଦ୍ଦିଷ୍ଟ ସଂଖ୍ୟକ ଅଭିନେତା, ଅଭିନେତ୍ରୀ । ଭୁବନେଶ୍ୱର ପୁଣି ପାଖ ଗାଁରୁ ଯାଇ କଟକରେ ଗୀତିକାର ହେବା ପାଇଁ ସଂଘର୍ଷ କରିବାର ସୁଯୋଗ ନଥିଲା ମୋ ପାଖରେ ।

'ଏଇ ସଂଘର୍ଷ' ଓ 'ମୋ ଭାଇ ଜଗା' ଭଳି ଦୁଇ ଦୁଇଟି ଚଳଚ୍ଚିତ୍ରରେ ସଂପୃକ୍ତି ଥାଇ ମଧ୍ୟ ମୋ ପାଇଁ ସୁଯୋଗ ଥିଲା ଅପହଞ୍ଚ ।

ନବେଦଶକରେ ଓଡ଼ିଆ ଫିଲ୍ମ ଇଣ୍ଡଷ୍ଟ୍ରିରେ ରୂପରେଖ ବଦଳିବାକୁ ଲାଗିଲା । ନବାଗତ ମାନଙ୍କର ଭିଡ଼ ଧୀରେ ଧୀରେ ଜମିବାକୁ ଲାଗିଲା । ତଥାପି ବି କଟକରେ ଏଣ୍ଟ୍ରି ପାଇଁ ସୁଯୋଗର ଅଭାବ । ବୃତ୍ତିଗତ (ଅଧ୍ୟାପନା) ବ୍ୟସ୍ତତା ଭିତରେ ମଧ୍ୟ ଏସବୁ ମୋ ପାଇଁ ସମ୍ଭବ ନଥିଲା ।

'ଚକ୍ରବ୍ୟୁହ' ଓ 'ଭାଇଭାଇ'ର ତିକ୍ତ ଅନୁଭୂତି କିନ୍ତୁ ମତେ ପ୍ରେରଣା ଦେଇଥିଲା ଆଗକୁ ବଢ଼ିବାକୁ । ମୋର ଆତ୍ମବିଶ୍ୱାସକୁ ଢ଼େର୍ ବଢ଼ାଇ ଦେଇଥିଲା । ବିଶେଷ କରି କଳା ନିର୍ଦ୍ଦେଶକ ବୁଢ଼ା ମହାରଣାଙ୍କ ସହ ସଂପର୍କ ମୋ ଚଳଚ୍ଚିତ୍ର କ୍ୟାରିୟରର ଥିଲା ଟର୍ଣ୍ଣିଂ ପଏଣ୍ଟ୍ । ବହୁ ନିର୍ଦ୍ଦେଶକ, ପ୍ରଯୋଜକଙ୍କ ସାଥିରେ ସଂପର୍କ ଜମିଲା । ବୁଢ଼ାଭାଇ ମଧ୍ୟ ମତେ ସମସ୍ତଙ୍କ ସାଥିରେ ଇଣ୍ଟ୍ରୋଡ୍ୟୁସ୍ କରିବାରେ ଲାଗିଲେ । ସେତେବେଳେ ଦକ୍ଷିଣୀ ନିର୍ଦ୍ଦେଶକ ବିଜୟ ଭାସ୍କର କେତୋଟି ଚଳଚ୍ଚିତ୍ରର ନିର୍ଦ୍ଦେଶନା ଦେଇ ସଫଳ ହୋଇଥାନ୍ତି । ମନେଅଛି ଥରେ ବୁଢ଼ା ଭାଇ କହିଲେ 'ଚାଲ ବିଜୟ ଭାସ୍କର ସହ ତତେ ମିଶାଇ ଦେବି । ଆଗାମୀ ଫିଲ୍ମରେ ତୁ ଗୀତ ଲେଖିବୁ । ଭୁବନେଶ୍ୱର ହୋଟେଲରେ ବିଜୟ ଭାସ୍କର ୟୁନିଟ୍ ନେଇ ରହୁଥାନ୍ତି । ତାଙ୍କର ସବୁ ଫିଲ୍ମରେ ବିଶ୍ୱମ୍ଭର ଦାଶ ମୁଖ୍ୟ ସହଯୋଗୀ ଭାବରେ କାମ କରୁଥାନ୍ତି । ବିଶ୍ୱମ୍ଭର ଦାଶ ମୋର ପୂର୍ବରୁ ପରିଚିତ ଥିଲେ । ପ୍ରଥମେ ବିଶ୍ୱମ୍ଭର ଭାଇ ଗୀତ ଲେଖୁଥିଲେ ବାପାଙ୍କ ସାଥିରେ । 'ଶଂଖ ମହୁରୀ' ଚଳଚ୍ଚିତ୍ର ପରେ ନାଟ୍ୟକାର ବଳରାମ ମିଶ୍ର ନିର୍ଦ୍ଦେଶନାରେ ଓହ୍ଲାଇଲେ ନିଜ କାହାଣୀ ' ଭାଇ ଭଗାରୀ' ଚଳଚ୍ଚିତ୍ରରେ । ପ୍ରଥମେ ୫ଟି ଗୀତ ରେକର୍ଡ଼ିଂ ହୋଇଥିଲା । ପରେ ପରେ ଅକ୍ଷୟ ମହାନ୍ତି (କାଶ୍ୟପ) ନିର୍ଦ୍ଦେଶକ ଭାବରେ ଯୋଗ ଦେଲେ ଓ ଆଉ ତିନୋଟି ଗୀତ ଯୋଗ କଲେ । ବାଳକୃଷ୍ଣ ଦାଶ ତା'ର ସଂଗୀତ ନିର୍ଦ୍ଦେଶକ । ସଂଭବତଃ ଏଇ ଚଳଚ୍ଚିତ୍ରଟି ଥିଲା ବାଳକୃଷ୍ଣ ଦାଶଙ୍କ ଶେଷ ସଂଗୀତ ନିର୍ଦ୍ଦେଶନା । ପ୍ରଥମକରି ବାପା ଓ ବିଶ୍ୱମ୍ଭର ଭାଇ ଦୁଇଟି ଗୀତ ଲେଖିଥିଲେ । ବାପାଙ୍କ ଗୀତଟିରେ ପ୍ରଥମ କରି କଣ୍ଠଦାନ କରିଥିଲେ ଲକ୍ଷ୍ମୀକାନ୍ତ ପାଲିତ୍ ଓ ମଂଜୁ ପଣ୍ଡା । ତେବେ କୌଣସି କାରଣରୁ ଚିତ୍ରଟି ବନ୍ଦ ହୋଇଥିଲା । ଫିଲ୍ମ ଇଣ୍ଡଷ୍ଟ୍ରିରେ ଏଣ୍ଟ୍ରି ପାଇଁ ବାପାଙ୍କର ଯାତ୍ରା ଅଧୁରା ରହିଗଲା ।

ତେବେ ପରେ ପରେ ବିଶ୍ୱମ୍ଭର ଭାଇ ଗୀତିକାରରୁ ନିର୍ଦ୍ଦେଶନା ବିଭାଗରେ କାମ ଆରମ୍ଭ କରିଦେଲେ । ବାପାଙ୍କ ସହ ସଂପର୍କ ହେତୁ ମୋ ପ୍ରତି ତାଙ୍କର ଶ୍ରଦ୍ଧା ବି ଥିଲା ଅନେକ ।


ବୁଢ଼ା ମହାରଣାଙ୍କ ସହ ବିଜୟ ଭାସ୍କରଙ୍କୁ ଦେଖା କରିବାକୁ ଗଲି । ବୁଢ଼ା ମହାରଣା ମତେ ପରିଚୟ କରାଇ ଦେଲେ । ଚଳଚ୍ଚିତ୍ରଟିରେ ଗୀତ ଲେଖିବାରେ ମୋର କିଛି ଅସୁବିଧା ନଥିଲା । କାରଣ ସେସବୁ ଦାୟିତ୍ୱ ସହଯୋଗୀ ନିର୍ଦ୍ଦେଶକ ବିଶ୍ୱମ୍ଭର ଦାଶଙ୍କର । ହେଲେ ବିଶ୍ୱମ୍ଭର ଭାଇ କହିଲେ, "ରଜନୀ କ'ଣ ଲେଖିବ, ତା' ବାପାଂକୁ ଡାକ, ସିଏ ମୋ ସାଙ୍ଗ ।"

ନିରାଶ ହୋଇ ଫେରି ଆସିଥିଲି ସେଦିନ । (କ୍ରମଶଃ)

କବିତା।.... ଆମ ସମୟର

**● ମାନସ ରଞ୍ଜନ ମହାପାତ୍ର**

## ॥ ଏକାକୀ ବାରମ୍ବାର ଏକାଏକା ॥



ଯୁବକଟିଏ ପ୍ରୌଢ଼ ହେଇଗଲେ
ଭାରି ମଜା ଲାଗେ,
କଷ୍ଟ ହୁଏ ବି
ସାମ୍ନାରେ ଅପେକ୍ଷା କରିଥାଏ
ବାନପ୍ରସ୍ଥ ।

ପବନ କିନ୍ତୁ ବହିଚାଲେ ଅଣଚାଶ
ପୁରୁଣା କ୍ୟାଲେଣ୍ଡର
ଓହ୍ଲାଇପଡେ କାନ୍ଥରୁ ।

ମୋର ଏ ନୂଆ ସହରକୁ
ଆସିବାର ଥିଲା କି ?
ବୋଧେ ନୁହଁ
ବାରମ୍ବାର ମୁଁ ନିଜକୁ ପଚାରୁଥାଏ
ନା ନୂଆ ଘରକୁ ମାନି ପାରୁଥାଏ
ନା ପୁରୁଣା ଘରକୁ ଫେରି ପାରୁଥାଏ
ଚୁପଚାପ୍ ଏକୁଟିଆ ଠିଆ ହେଇଥାଏ
ଭିଡ଼ରେ ।

+(ମୋ) ୯୮୯୧୯୪୬୧୭୮

**● କମଳ କୁମାର ମହାନ୍ତି**

## ॥ କବିର ଫସଲ ॥

କବି କ'ଣ ଏମିତି ଜଣେ ଲୋକ
ସୁଖରେ ହେଉ କି ଦୁଃଖବେଳାରେ
ଯା' ମୁହଁରେ ଲାଖିଥାଏ ଖିଏ ହସ !
ତା' ଛାତି ଭିତରକୁ ପଶି ଟିକେ ନିରେଖ
ସେଠି ବି ହାରି ଯାଉଛି ଅହର୍ନିଶି
ଜଣେ ସାଦାସିଧା ମଣିଷ !

ସୃଜନର ଭାବଭୂମିରେ ମୁଠାଏ ସୋରିଷ ବୁଣି
ମାଣମାଣ ସୁନାର ଲହର ତୋଳୁଥାଏ କବି
ପଚାରିଲେ କହିଦିଏ ସେ କି' ଫଳାଇପାରିଛି
ଆଉକାହା ପସନ୍ଦର ଫସଲଟିଏ !

ଛାତିରେ କାଣିଚାଏ କଅଁଳ ଘାସର
ସବୁଜ ଚାରଣ ଭୂମି ତିଆରିଛି
ସେ ଭୂମିର ଅତି ନିକଟରେ ବୁହାଇ ଦେଇଛି
ଛନ୍ଦୋବଦ୍ଧା ଗୋଟିଏ ଅଳସୀ ନଈ
କୂଳରେ ଯାହାର କାଶଫୁଲ, ପଳାଶର ବଣ
କୂଳ ଆରପାରେ କିଆ କେତକୀର ମାୟା
ଆଉ ରାଶିରାଶି ପ୍ରେମର ଫସଲ !

କବି ମଥାରେ ବାନ୍ଧିଛି ବୁଢ଼ାପା' ଅମଳରୁ
ତେଲଚିକିଟା ଗାମୁଛାର ବୁନିୟାଦୀ ଠେକା
ସେ ବି ସାଇତିଛି ହଜିଲା ମଣିଷପଣିଆର
ଯଜ୍ଞବେଦୀରେ ମିଂଜିମିଂଜି ବିଶ୍ୱାସର ଚରୁଅନ୍ନ
ଚଷିବାକୁ ଛ' ମାଣ ଆଠଗୁଣ୍ଠର ଜମି
ସେ ଖୋଜେନାହିଁ ଫନ୍ଦିକିଛି ଚିକ୍କଣ ବୁଦ୍ଧିର
ତା'ପାଖେ ତ ଅଛି ନିଜ ଢଙ୍ଗରେ ବାରମାସୀ
ଚଷିବାକୁ ମାଣମାଣ ହୃଦୟ !

ଜଣେ ନାଁ'କୁ ମାତ୍ର ଚାଷୀ ସବୁ ହାରିଯିବାର
ଦାୟରେ ନିଜକୁ ଧିକ୍କାର କରି ଚାଲିଥିବ
ଯେମିତି ସାରା ଭୂଲୋକରେ ସର୍ଜନାର
ସିଆର କାଟି ସାଲତମାମି ମୁଣ୍ଡାଉଛି ସେ
ଏକ ନିଅଣ୍ଟ ଭାଗ୍ୟର ଶାପ
ତା'ପରେ ସେ ଫସଲପାଇଁ ସାଇତିଥିବା
ବିଷତକ ପିଇ ନିଜକୁ ଅର୍ପିଦେଉଛି
ମୃତ୍ୟୁର ଦେବତାଙ୍କୁ
ମାଟିପାଇଁ ରାଶିରାଶି ଉର୍ବରା ଫସଲ
ତୋଳିତୋଳି କାଳଯାକ ଦେଖ ସିଏ
ନିଜ ଜୀବନକୁ ଊଷର କରି ଫିଙ୍ଗିଦେଇଛି !

କବି ତ ସେମିତି ଚାଷୀଟିଏ ସାରାକାଳ
ଯିଏ ଅକ୍ଷର ଶେଯରେ ଶୋଇଶୋଇ
ଆଶା ବାନ୍ଧିଥାଏ ଦୁଃଖୀମଣିଷ ମନରେ
ତା' ସ୍ୱପ୍ନଭୁକ୍ ଆଖିରୁ ମୁକୁଳି ପାରି ନଥାଏ
ସମୟର ଶହେ ବାସ୍ତବତାର ବିଡ଼ମ୍ବନା
ସର୍ଜନାର ଦର୍ପଣରେ ଯଦି ତା'ର କବିପଣ
ଲୁହଝରା ଶବ୍ଦଲିପିର କୁହୁକ ଚିତ୍ରଶାଳା
ସେ କାହିଁକି ବିଫଳତାର କର୍ମକାର ହୁଏ !

ଦୁନିଆରେ ଏମିତି କେହି ବି ଜଣେ
ଖୋଲା ମନରେ କହିନାହିଁ ଆଜି



କବିଟିଏ ସତରେ ଏତେ ଫସଲ
ଉପୁଜାଇ ବି ନିଜଲାଗି
କିଛି ଗୋଟେ କରି ପକାଇଛି !

+ ଆରସା, ତିହିଡ଼ି, ଭଦ୍ରକ
(ମୋ) ୮୨୪୯୩୩୬୫୮୭

**● ପ୍ରଶାନ୍ତ ଦାସ**

## ॥ ପନ୍ନୀ ॥



ମୁଁ କଣ ଜାଣିଥିଲି
ଏମିତି ହେବ ବୋଲି ।

ଟୋପାଏ ସିନ୍ଦୂର
ଦି'ପଟ ଶଙ୍ଖାରେ
ଘର ଅଗଣାରେ
ଦିନରାତି ପହଁରିବ
ପାଉଁଜି ର ରୁଣ୍ଣୁଝୁଣ୍ଣୁ ଶବ୍ଦ

କାଂଥ ଚଟାଣ ଛାତ ସାରା
ବିଛେଇପଡିବ ରଙ୍ଗ
ଉଭାନ ହେବ ଘର କୋଣରୁ
ବୁଢ଼ିଆଣି ଜାଲ ।

ରାତି ସବୁ ନିଦକୋଳ ଛାଡି
ଓହ୍ଲାଇ ଆସିବେ ତଳକୁ
ମନ ର ଚନ୍ଦନ ପେଡି ଖୋଲି
ବୁଣିବେ ମହ ମହ ବାସ୍ନା

ନିସଙ୍ଗତା ଅତୀତ
ଖୋଲିଦେବ ଲାଜର ଓଢଣୀ
ବଦଳିଯିବ ମନର ରଙ୍ଗ
ଓ ବଦଳାଇ ଦେବ ସବୁକିଛି ।

କେଉଁ ଏକ ଅଜଣା ପଣତର
ହାଲୁକା ଛୁଆଁରେ
ତଳକୁ ଓହ୍ଲାଇ ଆସିବ ଆକାଶ
ଚେନାଏ ହସ ଓ ବିନ୍ଦୁଏ ଲୁହରେ
ବତୁରି ଯିବ
ଜୀବନର ପୁଞ୍ଜିଭୂତ
ସମସ୍ତ ଉଚ୍ଛ୍ୱାସ ଓ ଶୋଷ ।

ଘୋଡା ପରି ଦଉଡୁଥିବା ମନ
କେମିତି କେଜାଣି
ଲଗାମ ନଥାଇ ଅଟକିଯାଏ
ଏକ ଅଜଣା ଆତ୍ମୀୟତା
ବାର ବାର ମନକୁ
ବିବଶ କରେ ଓ
ବୋଲ ମାନୁନଥିବା ମନଟି
ଆଉ ଏକ ମନ ସହ
ଯୋଡିଯାଏ ।

ନିଜ ଠାରେ
ନିଜ ଜୀବନର ସ୍ୱାଧୀନତା
ସମାଧି ହୁଏ ଓ
ଅଜଣା ଆଶ୍ୱାସନା
ଆଉଜେଇ ନିଏ ନିଜ ଆଡ଼କୁ
ଦୁଃଖର ଓଠକୁ
ଚାପିଧରି ଶୁଣାଏ
ସୁଖର ସଙ୍ଗୀତ ।

ଏବେ ମୋ ଭିତରେ ଥିବା
ଇଚ୍ଛାମାନେ
ମୋ ଅସ୍ତିତ୍ୱର ବସା ବାନ୍ଧି
ଝାଡ଼ନ୍ତି ଡେଣା

ମୋ ଭିତରେ ଥିବା
ଅସରା ଆବେଗ ସରାଗ
ଓ ପ୍ରୀତିଭଜା ପ୍ରବଣତା
ଘର ଚଟାଣରେ
ବୁଣି ପଡିଥିବା ଚିତ୍ରିତ ଖେଳଣା ।

ସେ ଆସିବ ବୋଲି ତ
ଘର କାଂଥରେ ଥିଲା ଝୋଟି
ମଝି ବାହାର କାଂଥରେ
ଅଙ୍କା ହୋଇଥିଲା
ସବାରୀର ଚିତ୍ର
କେଉଁ ଏକ ଅଦେଖା
ହାତ ସହ ଯୋଡି ଦିଆଯାଇଥିଲା
ଆଉ ଏକ ହାତ

ଦୁଇଟି ନାଁ ସନ୍ଧିରେ
ଉଡୁଥିଲେ ପ୍ରଜାପତି
ସେ ପହଂଚିଲା ପରେ
ମୋ ଘର ହାଣ୍ଡିଶାଳ
ଠାକୁର ଘର ଦାଣ୍ଡ ଦୁଆର ସାରା
ବୁଣିପଡ଼ିଲା ଜହ୍ନରାତି ।

+ମଣିଷ ଘର
ବାଗବୃନ୍ଦାବନ
ବାଲେଶ୍ୱର
(ମୋ)୯୯୩୭୯୩୨୫୭୦

**● ମମତା ବାରିକ୍**

## ॥ ମରଣ ବି ହାରିଯାଏ ॥



ଛଳ ଛଳ ଆବେଗରେ ବନ୍ଧା ଏଠି ମରଣର ପକ୍ଷୀଘର
ଉଡିଯାଏ ପକ୍ଷୀ ସିନା ସାକ୍ଷୀ ହୋଇ ରହିଯାଏ ବେଦନା ସେ ସହଚର
ଝଡ଼ ଆସେ ଚାଲିଯାଏ ହୃଦୟରେ ବହେ ଅଣଚାସ
ମରଣ ବି ହାରିଯାଏ ପ୍ରେମ ଯେଣୁ ଭୋଗୁଥାଏ ରୁଦ୍ଧ ଦୀର୍ଘଶ୍ୱାସ ।

ମୁଁ ଜାଣିଛି ମୋ ପାଇଁକି ଗୋପପୁର ଏବେ ଏକ ଅଲୋଡ଼ା ବିଶ୍ୱାସ
ସକାଳଠୁଁ ସଞ୍ଜ ଯାଏଁ ଚଉଦିଗ ତମେମୟ ତୁମେ ମୋର ପ୍ରୀତିର ନିଃଶ୍ୱାସ
ମୋ ଭିତରେ ତୁମ ଛୁଆଁ ପ୍ରଲମ୍ବିତ ପରିବ୍ୟାପ୍ତ ଦେହରୁ ବିଦେହ
ମରଣ ବି ହାରିଯାଏ ଯେଣୁ ମୋତେ ଛୁଏଁ ନାହିଁ ତୁମରି ବିରହ ।

ତୁମେତ ଯାଇଛ ବିଞ୍ଚି ରେଣୁ ରେଣୁ ଗୋପଠୁଁ ମଥୁରା
ଦେହଟିଏ ନୁହେଁ ତୁମେ ଯାହା ପାଇଁ ଗୋପଦାଣ୍ଡ ହେବ ପଥ ହୁଡା
ତୁମ ପ୍ରୀତି କଦମ୍ବ ମଞ୍ଜରୀ ମଞ୍ଜରିତ ହୁଏ ସିଞ୍ଚେ ଅମୃତର ବାରି
ମରଣ ବି ହାରିଯାଏ ଯେଣୁ ତୁମେ ପାଶେ ଥାଅ ଦିବସ ଶର୍ବରୀ ।

ଦେହର ଦେହଳୀ ଡେଇଁ ପ୍ରାଣ ପକ୍ଷୀ ଯେବେ ଚାହେଁ ହେବା ପାଇଁ ମୁକ୍ତ
ମରଣ ବି ହାରିଯାଏ କାନ ମୋର ଲୋଡୁଥାଏ ତୁମ ପ୍ରେମ ମୁକ୍ତିର ସଙ୍ଗୀତ ।

+ ୟୁନିଟ-୨, ଭୁବନେଶ୍ୱର
(ମୋ) ୯୪୩୭୨୭୧୩୩୩

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର, ରବିବାର, ୨୫ ଜୁଲାଇ, ୨୦୨୧




## ■ ଆଲୋଚନା ■

# ପ୍ରଣତୋସ୍ମି ରଥ ଶ୍ରେଷ୍ଠମ୍

### ନକୁଳ ଚନ୍ଦ୍ର ସାହୁ



(ପୂର୍ବ ପ୍ରକାଶିତ ଉତ୍ତାରୁ)

ଇନ୍ଦ୍ର ରଥରେ ବସି ଯୁଦ୍ଧ କରିବା ବର୍ଣ୍ଣନା କରାଯାଇଛି ଜୈତ୍ର ମିନ୍ଦ୍ର ରଥମା ତିଷ୍ଠାପୋବିତ୍ । 'ଦେବୀ ପୁରାଣ'ରେ କାର୍ତ୍ତିକ ମାସରେ ମହାଦେବୀଙ୍କ ରଥଯାତ୍ରା ଉତ୍ସବ ବର୍ଣ୍ଣିତ । ତାଙ୍କ ରଥ ଘଣ୍ଟା, ଚାମର, କିଙ୍କିଣୀ, ପତାକା, ଧ୍ୱଜ, ଦର୍ପଣ ଓ ନାନାବିଧ ସୁଗନ୍ଧପ୍ରଦ ପୁଷ୍ପ ବିଶୋଭିତ ହୋଇଥାଏ । ଦେବୀ ଭାଗବତ କହନ୍ତି, ଉତ୍କଳେ ନାଭିଦେଶସ୍ତୁ ବିରଜା କ୍ଷେତ୍ର ମୁଚ୍ୟତେ । ବିରଜା ସା ମହାଦେବୀ; ସେ ମଧ୍ୟ ରଥ ଯାତ୍ରା କରନ୍ତି ! 'ବିମଳାକଳ୍ପ'ରେ କୁହାଯାଇଛି, ବିମଳା ସା ପରାଶକ୍ତି ରୁଡ୍‌ଡୀୟାନ ପୁରେଶ୍ୱରୀ । ଉତ୍କଳର ପୁରେଶ୍ୱରୀ ବିରଜା । ଶ୍ରୀମନ୍ଦିର ଅର୍ଥାତ୍ ଜଗନ୍ନାଥଙ୍କ ଉପାସନା ପୀଠ ଶ୍ରୀ (ଲକ୍ଷ୍ମୀ)ଙ୍କ ଗୃହ । ତେଣୁ 'ଜ୍ଞାନାର୍ଣ୍ଣବ ତନ୍ତ୍ର' ମହାଲକ୍ଷ୍ମୀଙ୍କୁ ପ୍ରଦାନ କରିଛନ୍ତି ପ୍ରସିଦ୍ଧି- 'ମହାଲକ୍ଷ୍ମୀମୟଂ ପୀଠଂ ଉଡ୍‌ଡୀୟାନ ମତଃ ପରମ୍ ।' ବୌଦ୍ଧତନ୍ତ୍ରରେ- 'ଜଗନ୍ନାଥଂ ଉଡେଶମ୍' ଏବଂ ଦେବୀ ଭାଗବତରେ 'ଜଗନ୍ନାଥସ୍ତୁ ଭୈରବଃ' !

ଉଡ୍‌ଡୀୟାନ୍ ମହାପୀଠରେ ଶ୍ରୀ ଜଗନ୍ନାଥ 'ମହାଚକ୍ର ଅଘୋର ପରମ୍ ଶିବମ୍' । 'ସୁଭଦ୍ରିକା ପରାଶକ୍ତିଃ କାମ୍ପଲ୍ୟପୁର ବାସିନୀ' ! ମହାଚକ୍ର ପରମଚକ୍ର, 'ପରମଂ ଚକ୍ରଂ ମାୟା ଆହ୍ଲାଦିନୀ ପରାମ୍' ! ମହାରାଜା ଇନ୍ଦ୍ରଦ୍ୟୁମ୍ନ ପରମ ବିଷ୍ଣୁ ଭକ୍ତ ବୈଷ୍ଣବ । ମହାରାଜା ଗାଲବ ବା ଗାଲମାଧବ ଶକ୍ତି ଉପାସକ ଜଣେ ବିଶିଷ୍ଟ ତାନ୍ତ୍ରିକ । ଦୁହିଁଙ୍କ ଉପାସନାର ସମିଶ୍ରଣ ଜଗନ୍ନାଥ ଉପାସନା ରୀତିନୀତିରେ ପ୍ରତିଫଳିତ । ମାତ୍ର ରଥଯାତ୍ରା ପରଂପରା ବିଶୁଦ୍ଧ ବୈଦିକ । ସ୍କନ୍ଦ ପୁରାଣ ଓ ପଦ୍ମ ପୁରାଣରେ ବର୍ଣ୍ଣିତ କାର୍ତ୍ତିକ ଶୁକ୍ଳ ଦ୍ୱାଦଶୀ ଦିନ ଶ୍ରୀ ବିଷ୍ଣୁଙ୍କ ରଥଯାତ୍ରା ଉତ୍ସବ ହୋଇଥାଏ ପାଳିତ, ଭକ୍ତ ପ୍ରହଲାଦ ସର୍ବ ପ୍ରଥମେ ଏହି ରଥଯାତ୍ରା କରିଥିଲେ ପ୍ରବର୍ତ୍ତନ । ଏହି ରଥ ଦେବ, ସିଦ୍ଧ ଓ ଗନ୍ଧର୍ବଗଣ ପ୍ରଭୃତି ଟାଣିଥିଲେ । ସେମାନଙ୍କ ସହିତ ମଧ୍ୟ 'ମାନବାଃ; ସାଧାରଣ ଲୋକ-

ରଥସ୍ୟାକର୍ଷଣଂ ପୂର୍ବଂ କୁରୁତେ ଦୈତ୍ୟନାୟକଃ
ତତଃ ସୁରାଃ ସିଦ୍ଧ ସଙ୍ଘା ଯକ୍ଷ ଗନ୍ଧର୍ବ ମାନବାଃ ॥

ଏକାମ୍ର ପୁରାଣରେ ବର୍ଣ୍ଣିତ, ଚୈତ୍ର ଶୁକ୍ଲାଷ୍ଟମୀ ଦିନ ମହାଦେବ 'ଅଶୋକା' ଆଖ୍ୟାଯୁକ୍ତ କାଷ୍ଠ ନିର୍ମିତ ୪ଟି ଚକ ବିଶିଷ୍ଟ ୨୧ ହାତ ଉଚ୍ଚ ଏକ ରଥଯାତ୍ରା କରନ୍ତି । ବ୍ରହ୍ମା ଏହି ରଥର ସାରଥୀ । 'ଭବିଷ୍ୟ ପୁରାଣ' ପ୍ରଦାନ କରିଛନ୍ତି ସୂର୍ଯ୍ୟଦେବଙ୍କ ରଥଯାତ୍ରା ବିବରଣୀ ।

ପୂର୍ବମେବ ସହସ୍ରାଂ ଶ୍ରୋର୍ଯ୍ୟନହେତୋ ର୍ମହାତ୍ମନଃ ।
ସଂବତ୍ସର ସ୍ୟାବୟବୈଃ କଳ୍ପିତୋସ୍ୟ ରଥୋ ମୟ ।
ସର୍ବେ ସାନ୍ତୁ ରଥାନାଂ ବୈ ସ ରଥଃ ପ୍ରଥମଃ ସ୍ମୃତି ।

ଅର୍ଥାତ୍ ମାଘମାସ ସପ୍ତମୀ ତିଥି ସୂର୍ଯ୍ୟଦେବଙ୍କ ରଥଯାତ୍ରା ଉତ୍ସବ ହୋଇଥାଏ ପାଳିତ । ଅଷ୍ଟମୀଦିନ ରଥ ଭ୍ରମଣ କରାଇବା କଥା ହୋଇଛି ବର୍ଣ୍ଣିତ । ବ୍ରହ୍ମା, ବିଷ୍ଣୁ, ମହେଶ୍ୱରଙ୍କ ସହିତ ଏହି ରଥରେ ସୂର୍ଯ୍ୟଙ୍କର ଦୁଇ ପତ୍ନୀ ନିକ୍ଷୁରା ଓ ରାଜ୍ଞା ଯଥା ସ୍ଥାନରେ ହୋଇଥାନ୍ତି ସନ୍ନିବେଶିତ । ଅରୁଣ ଏହି ରଥର ସାରଥୀ । ଏହାର ପ୍ରଚଳନ ଏବେ ଆଉ ନାହିଁ । ସର୍ବାଧିକ ପ୍ରସିଦ୍ଧ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା 'ଶ୍ରୀଗୁଣ୍ଡିଚା', ତାହା ପାଖକୁ ଲିଙ୍ଗରାଜଙ୍କ 'ଅଶୋକା' ଏବଂ ଦେବୀ ବିରଜାଙ୍କ ରଥଯାତ୍ରା ଜନ ଚେତନାକୁ ପବିତ୍ର କରି ରଖିଛି ।

ଗୋଟିଏ ଧାଡ଼ି ରହିଛି, କାଳକାଳ ବ୍ୟାପି ଏକ ଅଲିଭା ପଂକ୍ତି, ଯେ ରଥେତ୍ୱଂ ବାମନ ଦୃଷ୍ଟା ପୁନର୍ଜନ୍ମ ନ ବିଦ୍ୟତେ ! ରଥାରୂଢ଼ ଜଗନ୍ନାଥ ବାମନ ଅଟନ୍ତି । ବାମନ ଶ୍ରୀବିଷ୍ଣୁଙ୍କ ଅବତାରମାନଙ୍କ ମଧ୍ୟରେ ଉଦାରତ୍ତମ । ଜଳଜ ଓ ସ୍ଥଳଜ ଜୀବ ରୂପରେ ଅବତାର ପରେ ବାମନ ମାନବ ରୂପ ଏହା ସର୍ଜନା ବିବର୍ତ୍ତନର କ୍ରମ ବିକାଶ । ଶତପଥ ବ୍ରାହ୍ମଣ ବର୍ଣ୍ଣନା କରିଛନ୍ତି, ବାମନୋ ହି ବିଷ୍ଣୁରାସ, (ଶ.ବ୍ରା.୧.୨.୫.୫), ଅର୍ଥାତ୍ ବିଷ୍ଣୁଙ୍କର ରାସ ରାସେଶ୍ୱର ବିଗ୍ରହ ବାମନ । ତୈତରୀୟ ବ୍ରାହ୍ମଣ ବର୍ଣ୍ଣନା କରିଛନ୍ତି ବାମନ (ପଶୂମ୍-ଜୀବାମ୍) ଆଲମ୍ଭତେ, ଅର୍ଥାତ୍ ବାମନ ସମସ୍ତ ଜୀବଙ୍କୁ ଆଲମ୍ଭନ କରନ୍ତି । ଭକ୍ତ ଓ ଭଗବାନ ମଧ୍ୟରେ ରହେନାହିଁ ଅନ୍ତରାୟ । ସମସ୍ତେ ଯୂପମୟ ବ୍ରହ୍ମଙ୍କୁ ଆଲିଙ୍ଗନ କରନ୍ତି । ଏଇ କେଇ ବର୍ଷ ହେଲା ସେବା ନିଯୁକ୍ତ ଭକ୍ତଙ୍କ ବ୍ୟତୀତ ଶ୍ରୀଜୀଉମାନଙ୍କୁ ସ୍ପର୍ଶ କରିବା ନିଷେଧ କରାଯାଇଛି ।

ଜଗନ୍ନାଥଙ୍କ ରଥ ଗଭୀର ଆଧ୍ୟାତ୍ମିକ ତତ୍ତ୍ୱ ସମ୍ବଳିତ କଳ୍ପନା ରଥ ରୂପରେ ନେଇଛି ଆକୃତି । ଷୋହଳ ଚକ ବିଶିଷ୍ଟ ଚକ୍ରପୀଠକୁ କଳାପୀଠ, ଅରମାନଙ୍କୁ ଅୟନାଂଶ, ପରିଧିକୁ ସମ୍ବତ୍ସର ଭାବରେ ଗ୍ରହଣ କରାଯାଇଛି । ଚବିଶ ଖଣ୍ଡ କାଠରେ ନିର୍ମିତ ରଥପୁର ଗାୟତ୍ରୀ ମଂତ୍ରର ପ୍ରତୀକ । ଚାରି ନାହାକା ବା ମୂଳ ସ୍ତର ଚତୁଷ୍ଟୟଙ୍କୁ ଚାରି ବେଦ ରୂପେ କଳ୍ପନା କରାଯାଇ ହୋଇଥାଏ ଧ୍ୱଜପୂଜା ପ୍ରକରଣ । ଦେବପୀଠ; ଯାହା ଚକା, ଛେକା, ରୁନ୍ଧାର୍ଗଳୀ ସିଂହାସନ, କନକ ମୁଣ୍ଡାଇ ତାହାକୁ କୁହାଯାଏ ବ୍ରହ୍ମ ସଦନ । ରଥର ଚାରି ଦ୍ୱାର ଚତୁଃ ହୋତାର, ସାତଗୋଟି ଛଂଦ ପାରାଭାଡି ବା କପୋତାଳୀକୁ ସପ୍ତଛଂଦମୟୀ ପୀଠ ଏବଂ ତାହା ଉପରକୁ ଋଷି ପଟା; ସପ୍ତର୍ଷି ନୁହସ୍ମ ବୈ ପୁରକ୍ଷା ଇତ୍ୟାଚକ୍ଷତେ (ଶ.ବ୍ରା.୨.୧.୨.୪), ସପ୍ତର୍ଷିମାନଙ୍କ ନାମରେ ନାମିତ ଓ ସମର୍ପିତ । ଏହା ଉପର ପୋଟଳ, ପ୍ରଜାପତି ବୈ ମୂର୍ଦ୍ଧ୍ନା (ଶ.ବ୍ରା. ୮.୨.୩.୧୦), ବ୍ରହ୍ମା ବା ଧାତା । ମୂର୍ଦ୍ଧ୍ନାର ଦେବତା ଏଷହି ବୈ ମୂର୍ଦ୍ଧା ସୂର୍ଯ୍ୟ ତପତି । ଏହା ଉପରକୁ ଦଧିନଉତି ଅମୃତ କୁମ୍ଭ । ତାହା ଦୁଇ ପାର୍ଶ୍ୱରେ ଦୁଇଟି ଓଲଟ ଶୁଆ; ଜୀବ ଓ ପରମ । ତାହା ଉପରକୁ ସୁବର୍ଣ୍ଣ ବର୍ଣ୍ଣର ତିନୋଟି କୁମ୍ଭ ବିଦ୍ୟମାନ । ସେମାନେ ତ୍ରିରାବୃତ୍ତ ପ୍ରାଣ (ପ୍ରାଣ ବୈ ତ୍ରିବୃତ୍ତ) ତାହା ଉପରକୁ ବିଂଦୁ ଶୋଭିତ ପ୍ରଣବମୟୀ ନେତ । ତହିଁରେ ସୈଷା ତ୍ରୟୀ ବିଦ୍ୟ ଯଜ୍ଞ, ତ୍ରୟ ଯଜ୍ଞ ହୋଇଥାନ୍ତି ବିଦ୍ୟମାନ । 'ଶତପଥ'ରେ କୁହାଯାଇଛି, ଯେ ବୈ ବିଷ୍ଣୁ ସ ଯଜ୍ଞ । ଯିଏ ବିଷ୍ଣୁ ସେ ଯଜ୍ଞ । ପୁନଶ୍ଚ- ନ ଭିନ୍ନୋ ଜାୟତେ ତ୍ରିଭିଃ । ଜଗନ୍ନାଥଙ୍କ ରଥ ବହୁ ପ୍ରାଚୀନ ବୈଦିକ ରଥ । ପ୍ରତିବର୍ଷ ଏହା ନୂଆ ହେଉଥିବା ହେତୁ ଥରେ ବ୍ୟବହୃତ ରଥ ପୁନଃ ବ୍ୟବହାର ହୁଏ ନାହିଁ । ଶ୍ରୀଜଗନ୍ନାଥଙ୍କ ରଥର ନାମ ନନ୍ଦିଘୋଷ । ୩୩ ହାତ ୫ ଆଙ୍ଗୁଳି ଉଚ୍ଚ । ୮୩୨ ଖଣ୍ଡ କାଷ୍ଠ ଦ୍ୱାରା ନିର୍ମିତ । ଷୋଳ ଚକ । ସାରଥୀର ନାମ ଦାରୁକ । ରଥ ରଜ୍ଜୁ 'ଶଂଖଚୂଡ଼' । ଅଶ୍ୱ ୪: ଶଂଖ, ବଳାହକ, ଶ୍ୱେତ ଓ ହରିଦାଶ୍ୱ । ସୁଭଦ୍ରାଙ୍କ ରଥ 'ଦର୍ପଦଳନ' । ୩୧ ହାତ ଉଚ୍ଚ । ୫୯୩ ଖଣ୍ଡ କାଷ୍ଠରେ ନିର୍ମିତ । ୧୨ ଚକ । ରଥ ସାରଥୀ 'ଅର୍ଜ୍ଜୁନ' । ରଜ୍ଜୁର ନାମ ସ୍ୱର୍ଣ୍ଣସୂଡ଼ନାଗ। ୪ ଅଶ୍ୱ; ରୋଚିକା, ମୋଚିକା, ଜିତା ଓ ଅପରାଜିତା ।

ଶ୍ରୀ ବଳଭଦ୍ରଙ୍କ ରଥର ନାମ ତାଳଧ୍ୱଜ । ୩୨ ହାତ ୧୦ଆଙ୍ଗୁଳି ଉଚ୍ଚ । ୭୬୩ ଖଣ୍ଡ କାଷ୍ଠ ନିର୍ମିତ, ଚୌଦ ଚକ । ସାରଥୀର ନାମ 'ମାଳତୀ' । ରଥ ରଜ୍ଜୁ 'ବାସୁକୀ' । ରଥ ଅଶ୍ୱ- ତୀବ୍ର-ତୀବ୍ର, ଘୋର, ଦୀର୍ଘଶ୍ରମ ଓ ସ୍ୱର୍ଣ୍ଣନାଭ । ବିଶ୍ୱକବି ରବୀନ୍ଦ୍ର ନାଥ ଗୋଟିଏ କବିତାରେ ବ୍ୟକ୍ତ କରିଛନ୍ତି-

ରଥଯାତ୍ରା, ଲୋକାରଣ୍ୟ, ମହାଧୂମ୍‌ଧାମ୍ / ଭକ୍ତୋରା ଲୁଟାୟେ ପଥେ କରିଛେ ପ୍ରଣାମ ।
ପଥ ଭାବେ "ଆମିଦେବ", ରଥ ଭାବେ "ଆମି" / ମୂର୍ତ୍ତି ଭାବେ "ଆମିଦେବ", ହାସେ ଅନ୍ତର୍ଯ୍ୟାମୀ ।

ରଥଯାତ୍ରା ମହାନାୟକଙ୍କ ମହାଲୀଳା । ଏହା ସ୍ନାନ ଯାତ୍ରାରୁ ହୋଇଥାଏ ଶ୍ରୀଜୀଉମାନଙ୍କ ମାନବୀୟ ଲୀଳା । ୧୦୮ ଗରା ସ୍ୱର୍ଣ୍ଣ କୂପ ଜଳ ସ୍ନାନ କରି ହୁଅନ୍ତି ପୀଡ଼ିତ । ଅଣସର ଗୃହକୁ ପଂଦର ଦିନ ପାଇଁ ବିଜେ କରନ୍ତି । ମୋଦକ ଓ ଫୁଲେରି ତେଲ (ଔଷଧ) ସେବା ଦ୍ୱାରା ସୁସ୍ଥ ହୋଇ ଦିଅନ୍ତି ନବଯୌବନ ଦର୍ଶନ । ଏହାକୁ କୁହାଯାଏ ନେତ୍ରୋତ୍ସବ ଏବଂ ତାହା ପରଦିନ ରଥାରୋହଣ କରି ଶ୍ରୀଜୀଉମାନେ କରିଥାନ୍ତି ପ୍ରସିଦ୍ଧ ରଥଯାତ୍ରା ।

ରଥାରୋହଣ ପାଇଁ ସେବକ ପଣ୍ଡାମାନେ ଶ୍ରୀ ଜୀଉଙ୍କୁ ଗୋଟି ଗୋଟିକିଆ ପହଂଡିରେ ନିଅନ୍ତି । ପଦପାତ ଶବ୍ଦର ପୁରୀ ବୋଲି 'ପହଂଡି' । ଟାହିଆ ଆନ୍ଦୋଳିତ କରି କନ୍ଦର୍ପ ରୂପ ଜିଣା ନାଟୁଆ ଜୀଉ ସେବକ ପ୍ରିୟ ପରିଚୟ ତଥା ଭକ୍ତ ଓ ଭଗବାନ ଏକ ମେଳ ଭାବ ଓ ଉଦ୍ଦୀପନା ସୃଷ୍ଟି କରନ୍ତି । 'ନୀଳାଦ୍ରି ମହୋତ୍ସବ' କାବ୍ୟରେ କବି ଲୋକନାଥ ଭ୍ରମରବର ଚତୁର୍ଦ୍ଧା ମୂର୍ତ୍ତିଙ୍କ ପହଣ୍ଡି ବିଜେ ବେଳର ସୁନ୍ଦର ଚିତ୍ର ଅଙ୍କନ କରିଛନ୍ତି । ରଥରେ ରଥ ଚାଳକ 'ଡାହୁକ' ଓ 'ଡାହୁକ ବୋଲି' ତାନ୍ତ୍ରିକ ଯୁଗର ସ୍ମୃତି । କଥିତ ଅଶ୍ଳୀଳ ଭାଷାରେ ଶ୍ରୋତାଙ୍କ ମନ ମୋହନ କରି ରଥ ଆଗକୁ ଆଗକୁ ଟଣାଇ ନେଇଥାନ୍ତି । ସଂପ୍ରତି ଡାହୁକ ବୋଲିକୁ ପ୍ରଶାସନ ବଦଳାଇ ଦେଇଛନ୍ତି । ପୂର୍ବରୁ ଧାରଣା ପ୍ରଚଳିତ; ଲୋକଙ୍କ ମନରେ ଅପୂର୍ବ ପୁଲକ ଓ ରଥ ଟାଣିବାକୁ ଉତ୍ସାହ ପ୍ରଦାନ କରିଥାଏ ଡାହୁକଗୀତ । କବି ଲୋକନାଥ ଭ୍ରମରବର କରିଛନ୍ତି ଚିତ୍ରିତ-

ଧରନ୍ତି ଦଉଡ଼ି ହୋଇ ଧାଡ଼ି ଧାଡ଼ି / ଏ ପ୍ରକାରେ ପ୍ରତି ସ୍ୟନ୍ଦନ
ସୁନ୍ଦର ଘୋଟକ ଉପରେ ବାହୁକ / ବିରାଜେ ଯେମନ୍ତ ଶୋଭନ ମୁକୁଳ,
କରି ସେ ଚିକୁର ନିକର / କୁଗତି ଦେଖାଇ ରସନା ବୁଲାଇ
ନାନା ଭଙ୍ଗୀରେ ଚାଳିକର / ତୁଚ୍ଛ ପଦମାନ କରନ୍ତି ଗାୟନ
ଏମନ୍ତ ହୋଇ ସେ ଦାରୁକ । (ନୀଳାଦ୍ରି ମହୋତ୍ସବ)

ଶ୍ରୀ ଜଗନ୍ନାଥ ସଂସ୍କୃତି ସର୍ଜନା ଓ ସୃଷ୍ଟିର ସଂସ୍କୃତି । ଶ୍ରୀଜଗନ୍ନାଥ ସଂସ୍କୃତି ଜୀବନ ବଂଚିବା ପ୍ରତୀକର ସଂସ୍କୃତି । ଏହାର ସମସ୍ତ ରୀତି ଓ ନୀତିରେ ରହସ୍ୟମୟ ଆଧ୍ୟାତ୍ମିକ ଅସ୍ତିତ୍ୱ ଖଚିତ ହୋଇ ରହିଛି । ବୈଷମ୍ୟ ନିବାରକ ସାମ୍ୟ ଶାନ୍ତି ମନ୍ତ୍ର ପ୍ରଚାରକ ଶ୍ରୀଜଗନ୍ନାଥଙ୍କ ଘଣ୍ଟଘୋଷ । ଉପେନ୍ଦ୍ର ଭଞ୍ଜ କରିଛନ୍ତି ଉଲ୍ଲେଖ-

ଶ୍ରୀମହା ପ୍ରସାଦ ଗଦ ପଦ ଘଣ୍ଟ ଘୋଷ /
ଭକ୍ଷଣେ ଶ୍ରବଣେ କିଲ୍ୱିଷ ବିଷ ନାଶ ହେ । (କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ)

ଦଶମୀ ଦିନ ଶ୍ରୀ ଜଗନ୍ନାଥ ଶ୍ରୀମନ୍ଦିରକୁ ବାହୁଡନ୍ତି । ପୁଣି ପହୁଣ୍ଡି ହୁଏ । ପଣ୍ଡିତ ସଦାଶିବ ରଥଶର୍ମା କହନ୍ତି ପହୁଣ୍ଡି ନାମ ପଛରେ ପର୍ଣ୍ଣକ ଶବ୍ଦର ଅର୍ଥ ରହିଛି । ପର୍ଣ୍ଣକ କହିଲେ ଭିଲ୍ଲ ବା ଶବର ସାମନ୍ତ ଗୋଷ୍ଠୀର ବ୍ୟକ୍ତି ବିଶେଷ । ସେମାନଙ୍କ ଆଣିବାର ପଦ୍ଧତି ହିଁ ପର୍ଣ୍ଣକୀ ବା ପହୁଣ୍ଡି ହୋଇପାରେ । ବାହୁଡ଼ା ବେଳେ ଶ୍ରୀଜଗନ୍ନାଥ ତାଙ୍କ ମାଉସୀ ମା' ଅର୍ଦ୍ଧ ଷୋଷଣୀ'ଙ୍କ ଠାରୁ 'ପୁରୋଡ଼ାଶ' ବା ପୋଡ଼ପିଠା ନୈବେଦ୍ୟ ଗ୍ରହଣ କରି ଫେରନ୍ତି । ପଥରେ ବିମଳାଙ୍କ ଦ୍ୱାରା ମଂତ୍ର ଧୂଳି ଦିଆ ବିଡ଼ିଆ ପାନ ଖଣ୍ଡେ ସେ ମହାଲକ୍ଷ୍ମୀଙ୍କ ଠାରୁ ଗ୍ରହଣ କରି ଶ୍ରୀମନ୍ଦିର ଦ୍ୱାରରେ ଲାଗନ୍ତି । ଦ୍ୱାଦଶୀ ଦିନ ରସଗୋଲା ଖୁଆରେ ମହାଲକ୍ଷ୍ମୀଙ୍କ ମାନଭଞ୍ଜନ କରନ୍ତି । ବିଶ୍ୱନାୟକଙ୍କ ଏହା ଦାମ୍ପତ୍ୟ ଲୀଳା ।


(ଅବଶିଷ୍ଟାଂଶ ପୃଷ୍ଠା-୭ରେ)


## ଧାରାବାହିକ ଉପନ୍ୟାସ

# ନାତି



### ଡ. ରତିକାନ୍ତ ବେହେରା


କୃଷ୍ଣନଗର, ଅଙ୍ଗାରଗଡିଆ, ବାଲେଶ୍ୱର, (ମୋ)୯୪୩୯୪୪୨୯୪୨




**ଅନୁଭବ ଏବଂ ଅନୁଭୂତି ପୂର୍ଣ୍ଣତଃ ବ୍ୟକ୍ତିଗତ ହେଲେ ବି, ଏକ ସାର୍ବଜନୀନ ଆବେଦନ ଏହାର ଅନ୍ତର୍ନିହିତ ଭାବବସ୍ତୁ । ଘଟଣା ସହିତ ପ୍ରତ୍ୟକ୍ଷ ଜଡ଼ିତ ହୋଇ ପଡ଼ିଥିବା ଚରିତ୍ରମାନେ ଏହାକୁ ପାଠ କଲା ପରେ ହୁଏତ ଲୁହ ଗଡ଼େଇବେ । ବାସ୍ତବତା ପରିପ୍ରେକ୍ଷୀରେ ସେମାନଙ୍କ ପ୍ରତି ମୁଁ ଅତ୍ୟନ୍ତ କଠୋର ହୋଇଥିବା ଉପଲବ୍ଧି କରିବେ । କିନ୍ତୁ ନିଛକ କଳା ବା ସାହିତ୍ୟ ରୂପେ ଏହାକୁ ଗ୍ରହଣ କରିନେଲେ ବୋଧହୁଏ ତାଙ୍କ ଆତ୍ମାକୁ କଷ୍ଟ ଲାଗିବ ନାହିଁ, ବରଂ ଶାନ୍ତି ମିଳିବ । - ଲେଖକ**

ଭାଗ-୩୭

(ପୂର୍ବ ପ୍ରକାଶିତ ଉତ୍ତାରୁ..)

ପ୍ରାୟ କେତେଦିନ ପରେ ଏପଟ ସେପଟ ଦଉଡ଼ାଦଉଡ଼ି କରି ସେତକ ସଂଗ୍ରହ କଲେ ଦୀନନାଥ । ଆଉ ତାକୁ ଅଫିସ୍ ଦ୍ୱାରା ବିଧିବଦ୍ଧ ଜଉମୁଦ କରି ନିଜେ ନେଇ ଅଫିସରେ ଦାଖଲ କଲେ । ଏପରି ଯେଉଁମାନଙ୍କର ଘଟିଥିଲା, ସେମାନଙ୍କ ପାଖରୁ ଦୀନନାଥ ଯାହା ବୁଝିଲେ ତାଙ୍କର ଭୀଷଣ ପ୍ରତିକ୍ରିୟା ହେଲା । ସଭିଏଁ କାଗଜପତ୍ର ଦାଖଲ କରିବା ସହିତ ପ୍ରତ୍ୟେକ ପାଞ୍ଚଶହ / ହଜାରେ କରି ସଂପୃକ୍ତ କିରାଣୀକୁ ଲାଞ୍ଚ ଦେଇଥିଲେ । କିନ୍ତୁ ଦୀନନାଥ ଲାଞ୍ଚ ଦେବେ ନାହିଁ ବୋଲି ଜିଦ୍‌ରେ ଅଟଳ ରହି ବିଧିବଦ୍ଧ କାଗଜପତ୍ର ଦାଖଲ କରିଆସିଲେ । ଏହାର କେତେଦିନ ପରେ ପ୍ରମୋସନ୍‌ର ଲମ୍ବା ତାଲିକା ବାହାରିଲା, ଯେଉଁଥିରେ ଦୀନନାଥଙ୍କର ନାମ ହିଁ ନଥିଲା । ଯଥେଷ୍ଟ ବିଳମ୍ବରେ ଅର୍ଥାତ୍ ଦୁଇବର୍ଷପରେ ତାଙ୍କୁ ପ୍ରମୋସନ୍ ମିଳିଥିଲା । ଏଥିପାଇଁ ତାଙ୍କୁ କମ୍ ଯନ୍ତ୍ରଣା ଭୋଗିବାକୁ ପଡ଼ି ନଥିଲା ।

କିନ୍ତୁ ତାଙ୍କର ଏ ଆଦର୍ଶ ଓ ଜିଦ୍ ଭାଙ୍ଗି ଚୁର୍‌ମାର୍ ହୋଇଯାଇଥିଲା ଏସ୍.ଏନ୍.ସି.ୟୁ. ଭିତରେ, ଯେଉଁଠି ନାତିକୁ ଦେଖିବା ପାଇଁ ସେ ନର୍ସକୁ ଶହେ ଟଂକାର ଲାଞ୍ଚଦେଇ ଭିତରେ ପ୍ରବେଶ କରିଥିଲେ । ଦୁଃଖ, ଅନୁତାପ ଓ ମାନସିକ ଚାପର ବଶବର୍ତ୍ତୀ ହୋଇ ସେତେବେଳେ ସେ ଯାହା କରିଥିଲେ, ଏବେ ତାହା ତାଙ୍କୁ ଭଲ ଦିଶୁନାହିଁ । ନିଜକୁ ଲଜ୍ଜିତ ମଣୁଛନ୍ତି ସେ ଏଥିପାଇଁ । ଏପରି ସ୍ଥଳେ ନାତିର ଜନ୍ମଗତ ପ୍ରମାଣପତ୍ର ବାହାର କରିବାପାଇଁ ଲୋକଟିକୁ ଲାଞ୍ଚ ଦେବେ ? ମାନସିକ ସ୍ତରରେ ପ୍ରସ୍ତୁତ ହୋଇପାରିଲେ ନାହିଁ ଦୀନନାଥ । ପଚାରିଲେ -

"ଟଙ୍କା ନ ଦେଲେ କ'ଣ ଜନ୍ମଗତ ପ୍ରମାଣପତ୍ର ହେବନାହିଁ ?"

"ସାର୍ ମ୍ୟୁନିସ୍‌ପାଲଟିବାଲା ପ୍ରତି କେଶ୍ ପାଇଁ ଟଙ୍କା ଦାବୀ କରୁଛନ୍ତି । ଆମକୁ ବି ଏଥିପାଇଁ ସେଠିକି ଯିବାକୁ ପଡୁଛି । ଟଙ୍କା ନଦେଲେ ନହେବାର କିଛି କାରଣ ନାହିଁ । ହୁଏତ ଅନେକ ବିଳମ୍ବ ଅର୍ଥାତ୍ ମାସ ମାସ ଏଥିପାଇଁ ବିତିଯାଇପାରେ !" - ବିନୀତ ଭାବେ ଲୋକଟି କହିଲା ।

"ଟଙ୍କା ଦେଲେ କେତେଦିନ କି ମାସ ଭିତରେ ହେବ ?" - ଲୋକଟିକୁ ଜେରା କଲାଭଳି ପ୍ରଶ୍ନ କଲେ ଦୀନନାଥ ।

"ସାର୍, ଏକ ମାସ ଭିତରେ ହୋଇଯିବ ।"

"ଆଉ ନ ଦେଲେ ?"

"ଧରନ୍ତୁ ଛ'ମାସ ।" - ଲୋକଟି ମୁଣ୍ଡ ଉଠେଇ ସିଧା ଦୀନନାଥଙ୍କ ଆଖି ସହିତ ଆଖି ମିଶେଇ କହିଲା ।

"ଠିକ୍ ଅଛି, ମୋର ଛ'ମାସ ପରେ ଦରକାର ।" - ଏତକ କହି ସିଧା ରୁମ୍‌ରୁ ବାହାରି ଆସିଲେ ଦୀନନାଥ । ଆସିଲାବେଳେ ଲୋକଟିକୁ କହିଦେଇ ଆସିଲେ । "ଦୁଇଦିନ ପରେ ମୁଁ ଝିଅ ଜ୍ୱାଇଁଙ୍କର ଭୋଟର୍ ପରିଚୟପତ୍ରର ଜେରେକ୍ସ ନକଲ ଆଣି ତୁମକୁ ଦେଇଯିବି ।" ଏତକ କହି ଦୀନନାଥ ଆସି ବାହାରେ ଛିଡ଼ା ହେଲେ । ଓ୍ୱେଟିଂରୁମ୍‌ରେ ଲୋକଭର୍ତ୍ତି । ସମସ୍ତେ ସମସ୍ତଙ୍କ ସମସ୍ୟା ନେଇ ତତ୍ପର । କେହି କାହାରିକୁ ଲକ୍ଷ୍ୟ କରିବାର ଅବସ୍ଥାରେ ନାହାନ୍ତି । ଇଚ୍ଛା ହେଲା ମାଡ଼ାମ୍‌ଙ୍କୁ ଭେଟିବାପାଇଁ । କିନ୍ତୁ ପରେ ସେ ପ୍ରକାର ଇଚ୍ଛାରୁ ନିଜକୁ ନିବୃତ୍ତ କଲେ ସେ । ନାତି ସଂପର୍କରେ ତାଙ୍କ ସହିତ କିଛି କଥା ହେବାକୁ ସେ ଉଚିତ ମନେ କଲେନାହିଁ । ବରଂ ଶୁଭଦା ରହୁଥିବା ରୁମ୍‌ଆଡୁ ଟିକେ ବୁଲି ଆସିବାକୁ ତାଙ୍କ ଇଚ୍ଛା ବଳବତ୍ତର ହୋଇଉଠିଲା ।

ସିଡ଼ି ପାହାଚ ଅତିକ୍ରମ କଲାପରେ ପହିଲେ ପଡ଼ିଲା ଶହେ ଦୁଇ ନମ୍ବର ପ୍ରକୋଷ୍ଠ । ମନେକଲେ, ମିଥ୍ୟା ପ୍ରତିଶ୍ରୁତିକୁ ହୃଦୟରେ ସମ୍ବଳ କରି ପ୍ରତୀକ୍ଷା କରିଥିବା ସ୍ତ୍ରୀଲୋକଟି ହୁଏତ ଚିକିତ୍ସିତ ହେଉଥିବ ଏଠି ଏବଂ ତା'ର ଯୁବପ୍ରୌଢ଼ ସ୍ୱାମୀ ଜଣକ ସମ୍ମୁଖରେ ଚିନ୍ତାଗ୍ରସ୍ତ ମନ ନେଇ ଛିଡ଼ା ହୋଇଥିବ !

କିନ୍ତୁ ନା ! ସେମାନେ ନାହାନ୍ତି । ହୁଏତ ଚାଲିଗଲେଣି । ସେଠି କବାଟ ଖୋଲା ଅଛି । ପାଞ୍ଚ ସାତଜଣ ସ୍ତ୍ରୀଲୋକ ଓ ପିଲାଛୁଆ କଥା ହେଉଛନ୍ତି ।

ଦୀନନାଥ କ୍ରମେ ଅଗ୍ରସର ହେଲେ ଶହେ ଛ'ନମ୍ବର ପ୍ରକୋଷ୍ଠ ଆଡ଼କୁ, ଯେଉଁଠି ଶୁଭଦା ରହୁଥିଲା । ଦିନେ ନୁହେଁ କି ଅଧେ ନୁହେଁ, ଦୀର୍ଘ ସାତଦିନ ଧରି ।

ଦୁଆର ମୁହଁରୁ ଟିକେ ଦୂରେଇ ଛିଡ଼ା ହେଲେ ଦୀନନାଥ । କୋଠରୀଟି ଭିତରୁ ବନ୍ଦଥିଲା । ଭିତରେ ହୁଏତ କେହି ରୋଗୀ କିମ୍ବା ପ୍ରସୂତି ଥାଇପାରନ୍ତି ! କରିଡୋରରେ କେହି କେହି ଯା'ଆସ କରୁଛନ୍ତି । ସେ ପାଖକୁ ଓ.ଟି. ସମ୍ମୁଖରେ ନାଲିବତୀ ଜଳୁଛି । ସମ୍ଭବତଃ କାହାର ଅପରେସନ୍ କିମ୍ବା ଡେଲିଭରୀ ଚାଲିଛି ।

ହଠାତ୍ ଶହେଛ'ନମ୍ବର ପ୍ରକୋଷ୍ଠରୁ ଏକ ସଦ୍ୟଜାତ ଶିଶୁର କୁଆଁ କୁଆଁ ଚିତ୍କାରରେ ସେ ଚମକି ପଡ଼ିଲେ । ଯେଉଁଠୁ ନିଜ ନାତିର କାନ୍ଦଣା ସେ ଶୁଣିଥାନ୍ତେ ମାର୍ଚ୍ଚ ଦଶ ତାରିଖରେ, ସେଠୁ ଆଉ କାହାର ନବଜାତ ପିଲାର କୁଆଁ କୁଆଁ ରଡ଼ି ଭାସି ଆସୁଛି ।

ସେ ଆଶ୍ୱସ୍ତ ହେଲେ । ଯାହାର ସେ ପିଲା ହୋଇଥାଉ ନା କାହିଁକି, ଜନ୍ମପରେ କାନ୍ଦିଛି ତ ! ନ କାନ୍ଦିଥିଲେ ହୁଏତ ତା'ର ପିତାମାତା, ଅଜା, ଆଇ, ଜେଜେବାପା ଜେଜେମା', ମାମୁ କିମ୍ବା ଆତ୍ମୀୟସ୍ୱଜନମାନେ ଦହଗଂଜ ହୋଇଥାନ୍ତେ ! କିନ୍ତୁ ଏବେ ଆଉ ସେମାନେ ବୃଥା ସନ୍ତୁଳି ହେବେ ନାହିଁ । ଅର୍ଟିଷ୍ଟିକ୍ ହୋଇଯିବାର ସଂଭାବନାରେ ଘାରି ହେବେ ନାହିଁ । ଆମ୍ବୁଲାନ୍‌ସ ଖୋଜିବେ ନାହିଁ । ସୁତରାଂ ପୃଥିବୀର ସବୁପିଲା ଜନ୍ମପରେ ଏମିତି କାନ୍ଦିବା ଉଚିତ ।

ସେ ଫେରିଆସିଲେ । ଶହେ ଦୁଇ ନମ୍ବରରୁ ଜଣେ ନର୍ସ ବାହାରି ଆସୁଛି । ଦୀନନାଥ ତାକୁ ହାତରେ ଇଂଗିତ କରି ଅଟକେଇଲେ । ଆଉ ପଚାରିଲେ -

"ପନ୍ଦରଦିନ ତଳେ ଏଠି ଯେଉଁ ସ୍ତ୍ରୀ ଲୋକଟି ମାନସିକ ବିକୃତିରେ ତା' ମୃତ ସନ୍ତାନକୁ ପ୍ରତୀକ୍ଷା କରି ଚିକିତ୍ସିତ ହେଉଥିଲା, କହିପାରିବେ ସେ ଏବେ କେଉଁଠି ?"

ନର୍ସଟି ଦୀନନାଥଙ୍କୁ ଅନେଇଲା । ଅଳ୍ପ ଚିହ୍ନୁଥିଲେ ବି ସଂପୂର୍ଣ୍ଣ ମନେ ପକେଇ ପାରୁ ନଥିଲା । ନିଜର ସ୍ମୃତିକୁ ବିଶେଷ ଘଣ୍ଟା ଚକଟା ନ କରି ସରଳ ଭବେ କହିଲା -

"ସ୍ତ୍ରୀ ଲୋକଟି ପ୍ରକୃତ ସତ୍ୟ ଜାଣିଲା ପରେ ସଂପୂର୍ଣ୍ଣ ପାଗଳୀ ହୋଇଗଲା । ମାଡାମ୍ ତାକୁ ରାଞ୍ଚି କି ଆଉ କେଉଁ ମେଣ୍ଟାଲ୍ ହସପିଟାଲ୍‌କୁ ରେଫର୍ କରିଦେଲେ ।"

ଦୀନନାଥ ଆଉ ସେଠି ଗୋଟିଏ ମୁହୂର୍ତ୍ତ ନରହି ଜୋର୍ ଜୋର୍ ପାହୁଣ୍ଡ ପକେଇ ସିଡ଼ି ଦେଇ ତଳକୁ ଓହ୍ଲେଇ ଆସିଲେ ଏବଂ ଘରମୁହାଁ ଗାଡ଼ି ଛୁଟେଇ ଦେଲେ ।

॥ ୨୦ ॥

ନାତି ଫେରିବାର ପରଦିନ ସଂଧ୍ୟାରେ ସମୁଦି ଦେବାନନ୍ଦ ବାବୁ ଫୋନ୍‌କଲେ ଦୀନନାଥଙ୍କୁ । ସେତେବେଳେ ଦୀନନାଥବାବୁ ଟି.ଭି.ରୁ ଡଲ୍‌ଫିନ୍‌ମାନଙ୍କର କ୍ରମ ବିବର୍ତ୍ତନ ଜୀବନଧାରାକୁ ଖୁବ୍ ନିବିଡ଼ ଭାବେ ଦେଖୁଥିଲେ । ଡଲ୍‌ଫିନ୍‌ମାନଙ୍କର ପୂର୍ବଜ ଏବେ ପ୍ରଶାନ୍ତ ମହାସାଗରର ଗଭୀର ଜଳରେ ରହୁଛନ୍ତି ! ମଣିଷ ଓ ଡଲ୍‌ଫିନ୍‌କୁ ମିଶେଇଦେଲେ ଯେଉଁ ମିଶ୍ରିତ ଚେହେରା ଓ ଆକୃତି ଦୃଷ୍ଟ ହେବ, ସେମିତି ଚେହେରାର ଶହ ଶହ ସଂଖ୍ୟକ ଜଳଚରପ୍ରାଣୀ ଏବେ ବି ଗଭୀର ସମୁଦ୍ର ଭିତରେ ଅଛନ୍ତି । ସେମାନଙ୍କର ହାତ ଦୁଇଟି ସମାନ୍ତରାଳ ଭାବେ ଦେହ ସହିତ ଜଡ଼େଇ ହୋଇ ରହିଛି, ପାଟି ସହିତ ମୁଣ୍ଡଟି ସାମ୍ନାଆଡ଼କୁ ଲମ୍ବିଯାଇଛି, ଦେହ ସମ୍ପୂର୍ଣ୍ଣ ଲୋମବିହୀନ, ଗୋଡ଼ ଦୁଇଟି ଅଣ୍ଟାପାଖରୁ ଯୋଡ଼ି ହୋଇ ଯାଇଛି ଏବଂ ପାଦଯୋଡ଼ିକ ଆହୁଲାସଦୃଶ ଏପରି ଅଦ୍ଭୁତ ଜୀବକୁ ଗଭୀର ଜଳରେ ଦ୍ରୁତ ଗତିରେ ପହଁରିବାରେ ସାହାଯ୍ୟ କରୁଛି । ଆହୁରି ଏକ ଆଶ୍ଚର୍ଯ୍ୟର କଥା ଯେ, ଏମାନେ କେତୋଟି ଶବ୍ଦ ଉଚ୍ଚାରଣ କରି ପରସ୍ପର ଭାବ ବିନିମୟ କରୁଛନ୍ତି ଯାହାକୁ ସେମାନଙ୍କ ବ୍ୟବହୃତ ଭାଷାବୋଲି କହିହେବ ।

ଏଗୁଡ଼ିକୁ ପାଣିତଳେ ଦେଖିଲେ ଏଇଆ ମନେ ହେବ ଯେ, ଆଦିମ ଅଧିବାସୀମାନଙ୍କ ମଧ୍ୟରୁ ଗୋଟିଏ ସିଂହଭାଗ ବଣଜଂଗଲରେ ଏବଂ ଅନ୍ୟ ଏକ ଗୌଣଭାଗ ସମୁଦ୍ର ତଟରେ ବସବାସ କରୁଥିବେ । ସମୁଦ୍ରକୂଳରେ ରହୁଥିବା ମଣିଷମାନେ ତଟବର୍ତ୍ତୀ ଅଞ୍ଚଳରୁ ମାଛଜାତୀୟ ଜୀବମାନଙ୍କୁ ଖାଇ ବଂଚୁଥିବେ ! ଆବଶ୍ୟକ ମତେ ଏମାନଙ୍କୁ ବେଳେ ବେଳେ ପାଣି ଭିତରେ ଡୁବିରହି ମାଛ ଧରିବାକୁ ପଡୁଥିବ ! ଏମିତି ଘଣ୍ଟା ଘଣ୍ଟା ଧରି ସେମାନେ ପାଣି ଭିତରେ ବୁଡ଼ି ରହୁଥିବେ ଏବଂ ତାହା କ୍ରମଶଃ ବଢ଼ି ବଢ଼ି ଦିନ ଦିନ ବିତିଯାଉଥିବ ! ପୁଣି ଗୋଟିଏ ସ୍ଥାନରୁ ଅନ୍ୟ ଏକ ସ୍ଥାନକୁ, ସ୍ୱଳ୍ପ ଜଳରୁ ଗଭୀର ଜଳ ପର୍ଯ୍ୟନ୍ତ ଏମାନଙ୍କୁ ଗତି କରିବାକୁ ପଡୁଥିବ । କୂଳକୁ ଫେରିପାରୁ ନ ଥିବେ ଏବଂ କ୍ରମେ ଜଳଚର ଜୀବରେ ପରିଣତ ହୋଇଯାଇଥିବେ ! ଶିକାରରେ ହାତ ବ୍ୟବହାର ନ କରି ପାଟି ବ୍ୟବହାର କରୁଥିବାରୁ ଏମାନଙ୍କ ମୁହଁ କ୍ରମଶଃ ଲମ୍ବ ହୋଇଯାଇଥିବ ! ଏହା କୌଣସି ଦିନକର ପ୍ରକ୍ରିୟା ନୁହଁ, ହଜାର ହଜାର ବର୍ଷଧରି ଏହି ପ୍ରକ୍ରିୟା ଜାରି ରହିଥିବା ଯୋଗୁଁ ଏମାନଙ୍କ ଆଚରଣ ଓ ଶାରୀରିକ ପରିବର୍ତ୍ତନ ହୋଇଯାଇଥିବ ! ଏମାନେ ଆଉ ସ୍ଥଳଚର ନ ହୋଇ ସଂପୂର୍ଣ୍ଣ ଜଳଚର ପ୍ରାଣୀ ହୋଇଯାଇଥିବେ !

ଏମିତି ଏକ ଆଶ୍ଚର୍ଯ୍ୟ ଦେଖି ସେତେବେଳେ ଖୁବ୍ ଗମ୍ଭୀର ହୋଇଯାଇଥିଲେ ଦୀନନାଥ । କଳ୍ପଲତା ଓ ଶୁଭକାନ୍ତ ଯାଇଥିଲେ ବଜାରକୁ କ'ଣ କିଣାକିଣି କରିବାକୁ । ଘରେ ଏକୁଟିଆ ଟି.ଭି. ପାଖରେ ବସି ରହିଥିଲେ ସେ । ଆଉ ଭାବୁଥିଲେ ସୃଷ୍ଟିର ଆବାହମାନ କାଳରୁ ଏ ବିବର୍ତ୍ତନ ପ୍ରକ୍ରିୟା ଚାଲିଛି ବିଶ୍ୱର ପ୍ରତିଟି ଜୀବଜନ୍ତୁ ଓ ମଣିଷ ଉପରେ । ଏହାପରେ ମଣିଷର ଆଉ କେଉଁ ଅବସ୍ଥାପ୍ରାପ୍ତ ହେବ ? ଏମିତି ଚିନ୍ତାରେ ବୁଡ଼ିଯାଇଥିଲେ ସେ ।

ଦୀନନାଥ ଏଣୁ ମନେ ମନେ ସିଦ୍ଧାନ୍ତ କଲେ, ବିବର୍ତ୍ତନ ଧାରାରେ ବୋଧହୁଏ ଦୁଇଟି ବିପରୀତମୁଖୀ ପ୍ରକ୍ରିୟା କାମ କରେ । ଗୋଟିଏ କ୍ରମୋନ୍ନତିର ଏବଂ ଆଉ ଗୋଟିଏ କ୍ରମ ଅଧୋଗତିର ବିବର୍ତ୍ତନ । କ୍ରମୋନ୍ନତି ପ୍ରକ୍ରିୟାରେ ମଣିଷ ଏବେ ଆଦିମସ୍ତରରୁ ଆସି ପ୍ରଚଣ୍ଡ ଧୀ-ଶକ୍ତିସଂପନ୍ନ ମଣିଷରେ ପରିଣତ ହୋଇଛି ଏବଂ ଅନ୍ୟ ଏକ ଭାଗ କ୍ରମଶଃ ଅଧୋଗତିପ୍ରାପ୍ତ ହୋଇଛି । ସଂପ୍ରତି ବେଶୀଭାଗ ଲୋକ ଏବେ ବିପଥଗାମୀ । ନିମ୍ନସ୍ତରର ଭାବାବେଗ ସହିତ ଏମାନେ ଅଧିକ ପରିମାଣରେ ଜଡ଼ିତ । ଏଇଥିପାଇଁ ସମାଜରେ ହତ୍ୟା, ଲୁଣ୍ଠନ, ଲାଞ୍ଚ, ମିଛ, ଚୋରୀ, ଡକାୟତି ଓ ଧର୍ଷଣ ପରି ଘୃଣିତ ଓ ଜଘନ୍ୟ କାମ ବେଶୀ ହେଉଥିବାର ଏବେ ଲକ୍ଷ୍ୟ କରାଯାଉଛି । ପ୍ରତିଦିନ ଖବରକାଗଜର ପୃଷ୍ଠାମଣ୍ଡନ କରୁଛି ଏପରି କିଛି ଘଟଣା ଓ ସମ୍ବାଦ । ଆଉ ସବୁଠୁଁ ଆଶ୍ଚର୍ଯ୍ୟଜନକ କଥା ହେଉଛି ଯେ, ଲୋକେ ଏବେ କେବଳ ଖବର କାଗଜରୁ ଏଇଧରଣର ସମ୍ବାଦ ପଢ଼ିବାପାଇଁ ବେଶୀ ଆକୃଷ୍ଟ ହେଉଛନ୍ତି ! ବାସ୍ତବିକତା ହେଲା, ବେଶୀଭାଗ ଲୋକ ବର୍ତ୍ତମାନ ବିପଥଗାମୀ କିମ୍ବା ନିମ୍ନଗାମୀ ଏବଂ କମସଂଖ୍ୟକ ଲୋକ ଊର୍ଦ୍ଧ୍ୱଗାମୀ ତଥା ମହତ୍ତର ଅନୁଗାମୀ, ଠିକ୍ ଆଦିମାନବ ପରି । ପାର୍ଥକ୍ୟ କେବଳ ସେଠାରେ ବେଶୀ ସଂଖ୍ୟକ ଲୋକ ଊର୍ଦ୍ଧ୍ୱଗାମୀ ଥିଲାବେଳେ, ଏବେ ସେମାନଙ୍କ ସଂଖ୍ୟା ନଗଣ୍ୟ ।

ନିଜ ଭାବନାରୁ ନିବୃତ୍ତ ହୋଇ ଦୀନନାଥ ସମୁଦିଙ୍କର ଫୋନ୍ ଉଠେଇଲେ । ସେ ପାଖରୁ ସମୁଦି ଦେବାନନ୍ଦବାବୁ ପଚାରିଲେ -

"କେମିତି ଅଛନ୍ତି ସମୁଦି ?"

"ଅପରାହ୍ନ ଅପେକ୍ଷା ବାଳସୂର୍ଯ୍ୟର ଅବସ୍ଥା କିପରି ଅଛି କୁହନ୍ତୁ । ପ୍ରତି ମୁହୂର୍ତ୍ତରେ ତା'ର ଅବସ୍ଥା ଜାଣିବା ପାଇଁ ମନ ଛଟପଟ ହେଉଛି ।"(କ୍ରମଶଃ)

# ଦେହାତୀତ

**ଅନୁବାଦଗଳ୍ପ**

ମୂଳହିନ୍ଦୀ- ମଧୁଜୈନ

ଅନୁବାଦ: ବିନୟ କୁମାର ଦାସ

ଆଃ କି ସୁନ୍ଦର ବାସ୍ନା !

ଜଣାଯାଉଛି ସତେ ଯେମିତି ଆମ ରୋଷେଇଘରୁ ଆସୁଛି । ହେଲେ ଏମିତି ତ କିଛି ରୋଷେଇ ଆମର ଆଜି ହେବାର ଯୋଜନା ନଥିଲା । ବୋଧେ ଏ ବାସ୍ନା ଆମ ପଡୋଶୀଙ୍କ ଘରୁ ଆସୁଛି । କାବ୍ୟାର ଦେହାନ୍ତ ପରେ ଏମିତି ସ୍ୱାଦିଷ୍ଟ କିଛି ଖାଦ୍ୟର ରୋଷେଇ ଆମ ଘରେ ହୋଇ ପାରିନାହିଁ । କେମିତି ହେବ ? କାହାରି ମନରେ ଏତେ ଟିକେ ବି ସରସତା ନାହିଁ । ପୁଅକୁ ଜନ୍ମ ଦେଲା ପରେ କାବ୍ୟାର ଏମିତି ଆକସ୍ମିକ ମୃତ୍ୟୁ ହୋଇଯିବ ବୋଲି କେହି କେବେ କଳ୍ପନା ବି କରି ନଥିଲେ । ତାର ମୃତ୍ୟୁ ପରିବାରର ପ୍ରତିଟି ସଦସ୍ୟକୁ ସତେ ଯେମିତି ଏକ ପ୍ରକାର କୋମା ଅବସ୍ଥାକୁ ନେଇ ଯାଇଛି । କେହି ବି ଏ ଯାଏ ନର୍ମାଲ ଅବସ୍ଥାକୁ ଆସି ପାରୁନାହାନ୍ତି । ଘରେ କଣ ରନ୍ଧା ହେଉଛି, କଣ ଖିଆ ହେଉଛି, ତାର କିଛି ଠିକ ଠିକଣା ରହୁନାହିଁ । ହେଲେ ହଠାତ୍ ଆଜି ଏ ବାସ୍ନା ! ଏମିତି କେତେ କଣ ଭାବୁଭାବୁ ବିନୟ କେତେବେଳେ ଯେ ରୋଷେଇ ଘରେ ପହଂଚି ଯାଇଛି , ସେ ନିଜେ ବି ଜାଣି ପାରିନି ।

" ମାଆ..ତୁମେ ? ତୁମେ ରାନ୍ଧୁଛ ? କଣ ଏମିତି ରାନ୍ଧୁଛ ଯେ ସାରା ଘର ଆଜି ମହକି ଗଲାଣି । କଥା କଣ ?" ଆଶ୍ଚର୍ଯ୍ୟ ହୋଇ ପଚାରିଲା ବିନୟ ।

"ମୋର ଜଣେ ପୁରୁଣା ବାନ୍ଧବୀ ଆଜି ଆମ ଘରକୁ ଆସିବ, ମୋ ସହିତ ସାକ୍ଷାତ କରିବା ପାଇଁ । ତାହାରି ପାଇଁ ଏ ପ୍ରସ୍ତୁତି ।"

"ଭଲ କଥା । ହେଲେ କିଏ ତୁମର ସେ ବାନ୍ଧବୀ ?"

"ତୁ ତାକୁ ଜାଣିନୁ । ବିବାହ ପର ଠାରୁ ଆମେ ପରସ୍ପରକୁ ଭେଟି ପାରିନୁ । ଏହା ଭିତରେ ପାଖାପାଖି ପଇଁତିରିଶ ବର୍ଷ ଅତିବାହିତ ହୋଇ ଗଲାଣି ।"

"କଣ କହୁଚ ମାଆ ! ପଇଁତିରିଶ ବର୍ଷ ? ଅଥଚ ତୁମେ କେବେ ମୋତେ ତାଙ୍କ କଥା ତ କହି ନାହଁ । ତୁମେ ତାଙ୍କୁ କେମିତି ଚିହ୍ନିବ ଯେ ? ତାଙ୍କର ତ ବହୁତ ପରିବର୍ତ୍ତନ ହୋଇ ସାରିଥିବ ।"

"ଯେତେ ପରିବର୍ତ୍ତନ ହେଲେ ବି ମୁଁ ତାକୁ ଚିହ୍ନି ନେବି । ଆମେ ଖୁବ୍ ଘନିଷ୍ଠ ଥିଲୁ ତ.. । ପ୍ରଥମେ ତ ମୁଁ ତା ପିଲା କଥା ବୁଝିବି । ସେତିକି ଜାଣିବା ପାଇଁ ମୋ ମନରେ କେତେ ଉତ୍କଣ୍ଠା ଭରି ରହିଛି ।"

"ଏମିତି କାହିଁକି ମାଆ ? କି ଉତ୍କଣ୍ଠା ମୋତେ ବି ଟିକେ କୁହନା ।"

"କଥା କଣ କି ମୁଁ ଖବର ପାଇଥିଲି ତାର ପ୍ରଥମ ସନ୍ତାନଟି କିନ୍ନର ଥିଲା । ହେଲେ ସେ ପିଲାକୁ ସେ କିନ୍ନରମାନଙ୍କୁ ଦେଇ ନଥିଲା । "

"ତେବେ ତ ମା, ସେତେବେଳେ ବହୁତ ହଙ୍ଗାମା ହୋଇଥିବ ?"

"ହଁ, ତା ହେବା ସ୍ୱାଭାବିକ । ତେବେ ଖୁସିର କଥା ତା ସ୍ୱାମୀ ତାକୁ ଏଥିପାଇଁ ସମର୍ଥନ କରିଥିଲେ । ଶେଷରେ ଘରର ଅନ୍ୟମାନେ ଏଥିରେ ସହମତ ପ୍ରକାଶ କରିବାକୁ ବାଧ୍ୟ ହେଲେ । ଏବେ ସେ ପିଲା କେମିତି ଅଛି...ସେତକ ଜାଣିବା ପାଇଁ ମୋ ମନ ବ୍ୟାକୁଳ ହେଉଛି ।"

ଏତକି ବେଳେ କଲିଂ ବେଲ୍ ବାଜିଲା । ଘର ଭିତରକୁ ହସିହସି ଯେଉଁ ଭଦ୍ରମହିଳା ଜଣକ ପ୍ରବେଶ କଲେ, ସେ ଯେ ମାଆଙ୍କ ବାନ୍ଧବୀ ଏତକ ବିନୟ ଅନୁମାନ କରିନେଲା । ଦୁଇ ବାନ୍ଧବୀ ପରସ୍ପରକୁ କୁଣ୍ଢାଇ ଧରି ବହୁତ କାନ୍ଦିଲେ । ଏହି ଦୃଶ୍ୟ ଦେଖି ବିନୟର ଆଖି ବି ଛଳଛଳ ହୋଇଗଲା । ସେ ସେଠାରୁ ଚାଲିଗଲା ପାଖ ଏକ କୋଠରୀକୁ । ସେଇଠୁ ଥାଇ ସେ ଦୁଇ ବାନ୍ଧବୀଙ୍କ କଥପୋକଥନ ଶୁଣିବା ପାଇଁ କାନ ଡେରି ରହିଲା ।

ସତକୁ ସତ ମାଆ ପ୍ରଥମେ ପଚାରିଲେ ତାଙ୍କ ବାନ୍ଧବୀଙ୍କ ସନ୍ତାନ କଥା ।

"ଆରେ ସେ ପରା ଡେପୁଟି କଲେକ୍ଟର ଅଛି । ତାର ନୂଆ ପୋଷ୍ଟିଂ ହୋଇଛି ଏଇ ସହରରେ । ତାକୁ କହିବାରୁ ସେ ପରା ତୋ ଠିକଣା ବାହାର କରି ମୋତେ କହିଲା । "

"ବାଃ, ବଢିଆ କରିଛୁ । ତାକୁ ପାଠପଢାଇ ମଣିଷ କରାଇ ଦେଇଛୁ । ଏତକ ଶୁଣି ମୋ ମନରେ ଯେ କେତେ ଶାନ୍ତି ଆସିଗଲା ତୁ ବୁଝି ପାରିବୁ ନାହିଁ । ଆଲୋ, ସବୁବେଳେ ମୁଁ ତୋ କଥା ଭାବେ , ଭାବେ ତୋର ସେଇ ପିଲା କଥା । ହେଲେ ଜାଣି ପାରୁନଥିଲି । ଆଜି ମୋ ମନ ବହୁତ ଖୁସି ହୋଇଗଲା । ଆଉ ତାପରେ କିଛି ପିଲାପିଲି ?"

"ନା, ଆମେ ଆଉ ପିଲାକଥା ମନକୁ ଆଣିଲୁ ନାହିଁ । କିଏ ଜାଣେ , ଆମର ପୁଣି ଯଦି କିନ୍ନର ପିଲାଟେ ଜନ୍ମ ହେବ , ତେବେ କଣ ହେବ ଆମ ସାମାଜିକ ପରିସ୍ଥିତି ? ଆଉ ଯଦି ବି ନର୍ମାଲ ପିଲା ହେବ, ତେବେ ହୁଏତ ତା ପ୍ରତି ଆମର ଅଧିକ ମାତ୍ରାରେ ସ୍ନେହ ମମତା ବଢିଯିବ ଆଉ ଆମେ ପ୍ରଥମ ପିଲାକୁ ନେଗଲେକ୍ଟ କରିପାରୁ । ଏହା ତା ପ୍ରତି ଖୁବ୍ ଅନ୍ୟାୟ ହେବ । ତେଣୁ ଆଉ ପିଲା କଥା ଜମା ଭାବିଲୁ ନାହିଁ । "

"ବାଃ, ଇଏ ବି ଖୁବ୍ ଭଲ ପଦକ୍ଷେପ । "

"ହଁ ସବୁ ଭଲ ହେଲା ଯେ.. ଏବେ ମୋର ଖାଲି ଗୋଟିଏ ଚିନ୍ତା ।"

"ପୁଣି କି ଚିନ୍ତା ?"

"ତା ଭବିଷ୍ୟତ କଣ ହେବ ? ଆମ ଅନ୍ତେ ସେ ସଂପୂର୍ଣ୍ଣ ଭାବରେ ଏକାକୀ ହୋଇଯିବ । କାରଣ ତାକୁ ତ କେବେ ବି ତା ଜୀବନ ସାଥୀଟିଏ ମିଳିବ ନାହିଁ । କିଏ ବିବାହ କରିବ ଗୋଟିଏ କିନ୍ନରକୁ ?"

ଏତକ କହିସାରି ସେ ଏକ ଦୀର୍ଘଶ୍ୱାସ ପକାଇ ନୀରବ ରହିଲେ । କିଛି କ୍ଷଣ ପରେ ସହଜ ହୋଇ କହିଲେ, "ମୋ କଥା ତ ଶୁଣିଲୁ । ଏବେ ତୋ କଥା କହ । ତୋର ତ ନାତି ନାତୁଣୀ..ଭରପୁର ସଂସାର ।"

" ହଁ, ନାତୁଣୀର ଚାରି ବର୍ଷ । ନାତି ଏବେ ବର୍ଷକର ହେଲା । ତେବେ ..ନାତିକୁ ଜନ୍ମ ଦେଇ ସାରିବା ପରେ ତା ମାଆ ଆମ ସମସ୍ତଙ୍କୁ ଛାଡି ଆରପୁରୀକୁ ଚାଲିଗଲା । "

"ଓହୋ..ଇଏ ତ ଅତି ଦୁଃଖର କଥା । ପୁଅର ଦ୍ୱିତୀୟ ବିବାହ କରାଇ ଦେଲୁନି ?"

"ବହୁତ ଚେଷ୍ଟା କରିଛି । ହେଲେ ପୁଅ ଜମାରୁ ରାଜି ହେଉ ନାହିଁ ।"

ଏତିକି ବେଳେ ବିନୟ ସେଠାରେ ପହଂଚି କହିଲା, "ମାଆ, ମୁଁ ସେ ଝିଅକୁ ବିବାହ କରିବାକୁ ରାଜି ଅଛି । "

ଏତକ ଶୁଣି ଦୁଇ ବାନ୍ଧବୀ ଚମକି ପଡିଲେ । ପରସ୍ପରକୁ ଆଶ୍ଚର୍ଯ୍ୟ ହୋଇ ଚାହିଁ ରହିଲେ କିଛି ସମୟ ପାଇଁ । କଣ କହୁଚି ବିନୟ ? ସବୁ ଜାଣିଲା ପରେ ବି ଏମିତି ଏକ ସିଦ୍ଧାନ୍ତ ନେଉଛି ସେ କେମିତି ?

"ତୁ କଣ କହୁଛୁ ତୁ ନିଜେ ବୁଝି ପାରୁଚୁ ତ ? ଜାଣିଛୁ ତ ସେ କିଏ ? ସବୁ ଜାଣିଶୁଣି..."

" ମୁଁ , ସବୁ ଜାଣିଛି ମା, ସବୁ ଶୁଣି ସାରିଛି । ବହୁତ ଭାବିଚିନ୍ତି ମୁଁ ଏ ସିଦ୍ଧାନ୍ତ ନେଇଛି । ମୋର ପତ୍ନୀ ନୁହେଁ , ଜଣେ ଉଚ୍ଚ ଶିକ୍ଷିତା ବିଚାରଶୀଳା ଜୀବନ ସାଥୀଟିଏ ଦରକାର । ମୁଁ ଏତକ ବି ସ୍ପଷ୍ଟ କରିଦେଉଛି ମା , ଦୁନିଆରେ ଦେହାତୀତ ସଂପର୍କର ବି ଯଥେଷ୍ଟ ଗୁରୁତ୍ୱ ରହିଛି । ମୁଁ ମୋ କଥା କହିଦେଲି । ତେଣିକି ତୁମେ ଦୁହେଁ ଏଥିରେ ସହମତ ହେବ କି ନାହିଁ , ସେତକ ତୁମ ଉପରେ ନିର୍ଭର କରୁଛି ।"

ଦୁଇ ବାନ୍ଧବୀଙ୍କ ମୁହଁରେ କିଛି ଭାଷା ନଥିଲା । ସେମାନେ ପୁଣି ଥରେ ପରସ୍ପରକୁ ନିଜ ଛାତିରେ ଜଡାଇ ଧରିଲେ ଆଉ ସେମାନଙ୍କୁ ଚକ୍ଷୁଯୁଗଳରୁ ବହି ଚାଲିଥିଲା ଅର୍ନଗଳ ଲୋତକର ଧାରା ।


ଅନାମିକା ନୀଡ, ଅଂଗାରଗଡିଆ, ବାଲେଶ୍ୱର-୧
ମୋ- ୭୯୭୮୮୬୦୩୬୩

## ଚିନ୍ତା ଅନୁଚିନ୍ତା (୧୮)

# ନାରୀର ଭୂଷଣ ଲଜ୍ଜା: ଏଣିକି ପ୍ରାସଙ୍ଗିକତା ହରାଉଛି

କବି ଓ ପ୍ରାବନ୍ଧିକ **କାଳୀପଦ ପଣ୍ଡା** ଧ୍ୱନି ପ୍ରତିଧ୍ୱନି ପାଠକମାନଙ୍କର ଗୋଟେ ଚିହ୍ନାମୁହଁ । ଏହା ପୂର୍ବରୁ ଶ୍ରୀ ପଣ୍ଡାଙ୍କର ଚିନ୍ତା ଚତୁରଙ୍ଗ, ଚିନ୍ତା ତରଙ୍ଗ, ଚିନ୍ତା ଚେତନା ଆଦି ସ୍ତମ୍ଭ ପ୍ରକାଶ ପାଇ ପାଠକୀୟତା ହାସଲ କରି ସାରିଛି । ଏଇ ନୂତନ ସ୍ତମ୍ଭ 'ଚିନ୍ତା ଅନୁଚିନ୍ତା'ରେ ଆପଣ ଭେଟିବେ ଲେଖକଙ୍କ ମାନସମନ୍ଥନକୁ ଗୋଟେ ନିଆରା ଢଙ୍ଗରେ ।



ସୂନାରୂଇ, ବି.କଟିସାହି, ସିଂଲା , ବାଲିଆପାଳ, ବାଲେଶ୍ୱର
(ମୋ) ୯୪୩୭୦୮୯୨୪୧/ ୮୯୧୭୨୫୫୪୯୩

ସବୁ କାଳରେ ଭାରତବର୍ଷରେ ସୃଜନମୟୀ, ଚିରବନ୍ଦନୀୟା, ମାତୃସ୍ୱରୂପା ଭାରତୀୟ ନାରୀ ଯେଉଁ ଐଶ୍ୱର୍ଯ୍ୟରେ ଅଧିକ ଶ୍ରୀମଣ୍ଡିତା ତାହାହେଲା 'ଲଜ୍ଜା' ରୂପକ ଭୂଷଣ । ଲଜ୍ଜାର ଅକ୍ଷରିକ ଅର୍ଥ ହେଲା 'ସରମ' ଅଥବା ସ୍ୱାଭାବିକ ସଂକୋଚ । ଏହି ସଂକୋଚବୋଧରେ ନାରୀ ହୋଇଛି ଅଧିକ ମହିମାନ୍ୱିତ । ତାର ଦ୍ୟୁତି, ପ୍ରଭା ଏହି ଭୂଷଣରେ ଗୌରବମୟ ହୋଇଉଠେ । ଏହାର ପ୍ରଭାବ ଉଭୟ ଆଚାରଗତ ବ୍ୟବହାର, ଚାଲିଚଳଣି, ବକ୍ତବ୍ୟ ସହ ଶାରିରୀକ ପୋଷାକ ପରିଚ୍ଛଦରେ ଫୁଟିଉଠେ । ବିଶେଷତଃ ମନମୁଗ୍‌ଧକର ବସ୍ତ୍ରାଳଙ୍କାର ଭିତରେ ନାରୀର ସୁଷମା ଅଧିକ ପ୍ରାଣବନ୍ତ ହୋଇଥାଏ । ଘୋଢ଼ଣି ବା ବସ୍ତ୍ରାବୃତ ମଧ୍ୟରେ ଶରୀର ଅଙ୍ଗପ୍ରତ୍ୟଙ୍ଗର ସୌନ୍ଦର୍ଯ୍ୟର ଔଜଲ୍ୟ, ମନ ଓ ପ୍ରାଣରେ ପୁଲକ ଭରେ । ଯେମିତିକି ଓଢ଼ଣି ଭିତରେ ରଖୁଥିବା ମୁଖଶ୍ରୀର ଦର୍ଶନ ପାଇଁ ପୁରୁଷର ବ୍ୟାକୁଳତା ନିରନ୍ତର । ଓଢ଼ଣି ଆମ ସଂସ୍କୃତିର ଏକ ବିଶେଷ ଅଙ୍ଗରୂପେ ପ୍ରତିପାଦିତ । ଏହି ପ୍ରାଚୀନଧାରାରେ ଅନେକ ମହତ୍ତ୍ୱପୂର୍ଣ୍ଣ ଘଟଣା ମଧ୍ୟ ନିହିତ। ଯେଭଳି କି ସ୍ୱାମୀଙ୍କର ଗୁରୁଜନମାନଙ୍କୁ ବଡ଼ଭାଇ, ବାପା, ଦେଢ଼ଶୁର ମାନ୍ୟକରି ଓଢ଼ଣା ତାଙ୍କ ସମ୍ମୁଖରେ ଦେବାକୁ ପଡ଼ିଥାଏ। କିଛି ନହେଲେ ଖଣ୍ଡି ଓଢ଼ଣା ଦେବାକୁ ପଡ଼ିଥାଏ, ଏମିତିକି ଶାଶୁ ମଧ ଜ୍ୱାଇଁ ସାମ୍ନାକୁ ଆସିଲେ ଗୋଟିଏ ପାଖ ଓଢ଼ଣା ଦେଇ ଗୋଟିଏ ପାଖରେ କଥା ହେଉଥିବାର ପରମ୍ପରା ନିହିତ । ଏହାଦ୍ୱାରା କାମ କଲାବେଳେ ସୂର୍ଯ୍ୟକିରଣରୁ ରକ୍ଷା ମିଳିବା ସହ ଧୂଳିଧୂଆଁ ପ୍ରଭୃତିର ପ୍ରଦୂଷଣରୁ ନାରୀଟିଏ ନିଜକୁ ରକ୍ଷା କରିପାରୁଥିଲା । ଏହି ପ୍ରଥାକୁ ବେଶ୍ ଉଚ୍ଚସ୍ଥାନ ଦିଆଯାଇଛି ସାହିତ୍ୟରେ । ଅବଗୁଣ୍ଠନ ବା ଅବଗୁଣ୍ଠିତ ଶବ୍ଦର ବହୁଳ ବ୍ୟବହାର କାବ୍ୟ-କବିତାରେ ପରିଦୃଷ୍ଟ ହୁଏ । ଅବଗୁଣ୍ଠନର ଅର୍ଥ ଓଢ଼ଣା, ଅବଗୁଣ୍ଠିତ ହେଲା ଓଢ଼ଣାଯୁକ୍ତ । ସାଧାରଣତଃ ନାରୀମାନେ ପିନ୍ଧା ଶାଢ଼ିର ପଣତ ବା ଅଞ୍ଚଳକୁ ଓଢ଼ଣିରୂପେ ବ୍ୟବହାର କରି ମୁହଁକୁ ଢାଙ୍କିନିଅନ୍ତି ।

ଆମ ସଂସ୍କୃତିରେ ନବବଧୂର ମୁହଁଦେଖା ପରମ୍ପରା କଥା ଏବେବି କିଛିକିଛି ସ୍ଥାନରେ ପ୍ରଚଳିତ । ବାହାଘର ପରେ ପରିବାର ପରିଜନ ଏବଂ ଆତ୍ମୀୟ ସ୍ୱଜନ ବୋହୂର ମୁହଁ ପ୍ରଥମଥର ଦେଖିଲା ବେଳେ ଉପହାର (ଭେଟି) ପ୍ରଦାନ କରିଥାନ୍ତି । ଯାହାକୁ ମୁହଁଚାହାଁ କୁହାଯାଏ । ବୋହୂଟିଏ ଓଢ଼ଣି ଟେକି ସେହି ଉପହାର ପ୍ରଦାନକାରୀ ବ୍ୟକ୍ତିଙ୍କ ହସ୍ତରୁ ଉପହାର ଗ୍ରହଣବେଳେ ନିଜର ମୁଖଦର୍ଶନ କରାଇଥାନ୍ତି । ବୋହୂ ଯେତେ ପୁରୁଣା ହେଲେ ବି ସ୍ଥାନବିଶେଷରେ ଗୁରୁଗୁରୁଜନଙ୍କ ସମ୍ମୁଖରେ ଖଣ୍ଡି ଓଢ଼ଣା ଦେଇ ତାର ମର୍ଯ୍ୟାଦା ରକ୍ଷା କରୁଥାଏ । ଆଜି କିନ୍ତୁ ସମୟ ବଦଳି ଯାଇଛି । ସୁଶିକ୍ଷିତ ନାରୀସମାଜ ଓଢ଼ଣି ପରମ୍ପରାକୁ ଗ୍ରହଣ କରିବାକୁ ପ୍ରସ୍ତୁତ ନୁହଁନ୍ତି । ଶାଢ଼ୀର ପରିଧାନ କେବଳ ପର୍ବ ପର୍ବାଣୀ ବା ପୂଜାପାଠ ଦିନରେ ସୀମିତ ରହୁଛି । ଏବେ ଝିଅମାନଙ୍କ ସହ ବିବାହିତ ନାରୀମାନେ ସାଲୱାର ପଞ୍ଜାବି ପିନ୍ଧିବାକୁ ଅଧିକ ପସନ୍ଦ କରୁଛନ୍ତି । ଏଭଳିକି ଦେହରେ ଓଢ଼ଣି ପକାଇବାକୁ ବି ପସନ୍ଦ କରୁନାହାଁନ୍ତି । ଫଟା ଜିନ୍‌ପ୍ୟାଣ୍ଟ ଓ ଟି-ସାର୍ଟକୁ ବରଂ ଅଧିକ ଆପଣେଇବାକୁ ଚାହୁଁଛନ୍ତି । ସମୟ ଅନୁସାରେ ସବୁ ରୁଚିର ପରିବର୍ତ୍ତନ ଆସୁଛି । ଖାଦ୍ୟରୁଚିରେ ଯେମିତି ଅନେକ ପରିବର୍ତ୍ତନ ଆସିଛି ସେମିତି ପୋଷାକ ରୁଚିରେ ପରିବର୍ତ୍ତନ ଆସିବା କିଛି ନୂଆ କଥା ନୁହେଁ । କିନ୍ତୁ ଏଠାରେ ଆମେ ଭୁଲିଯାଉଛନ୍ତି ଯେ ନାରୀର ଶାରିରୀକ ଗଠନଶୈଳୀ ଦୃଷ୍ଟିରୁ ତାକୁ ବସ୍ତ୍ରାବୃତ ରହିବା ପ୍ରଣିଧାନଯୋଗ୍ୟ । ତହିଁରେ ବରଂ ତାର ସୌନ୍ଦର୍ଯ୍ୟପଣ ଅଧିକ ପ୍ରକଟ ହୁଏ । ମାତ୍ର ଅଧୁନାତନ ସମାଜରେ କ୍ରମଶଃ କ୍ଷୁଦ୍ରରୁ କ୍ଷୁଦ୍ରତର ଡିଜାଇନ ପୋଷାକରେ ପରିପାଟୀର ପରଧାନ ଭିତରେ ରୁଚିଶୀଳତା ଠାରୁ ଅଧିକ ଅଶ୍ୱସ୍ତିକର ପରିବେଶ ନିର୍ମାଣ ହେଉଛି ବଜାରଘାଟରେ । ବ୍ୟକ୍ତି ସ୍ୱାଧୀନତା ସଭିଙ୍କର ସମାନ । ମାତ୍ର ଯାହାର ଦର୍ଶନରେ ପୁରୁଷ ଭିତରେ କାମ ଭାବ ଜାଗ୍ରତ କରାଇ ଦିଏ, ତାହା ପୁଣି ଯୁବପିଢ଼ିଙ୍କୁ କାଣ୍ଡହୀନ ହୋଇ ହିତାହିତଜ୍ଞାନ ଭୁଲି ଅପକର୍ମ କରିବାକୁ ପ୍ରଚୋଦନା ଯୋଗାଏ, ତାହା ବର୍ଜନୀୟ । ଏତେ ସଂକ୍ଷିପ୍ତ ପୋଷାକ ପରିଧାନ ଭିତରେ ଝିଅବୋହୂ ରାସ୍ତାଘାଟକୁ ଆସିଲେଣି ଯେ, ଯାହାର ପରିଣତି ଏକ ଭୟାବହ ଘଟଣାର ସୂତ୍ରପାତ କରାଉଛି । ଉଦାହରଣ ପଲ୍ଲୀଠାରୁ ସହର ପର୍ଯ୍ୟନ୍ତ ପ୍ରତ୍ୟହ ବିଦ୍ୟମାନ । ମନେହେଉଛି ସତେ ଅବା ନାରୀର ଭୂଷଣ ଲଜ୍ଜା କ୍ରମଶଃ ଅପ୍ରାସଙ୍ଗିକ ହୋଇଉଠୁଛି । ନାରୀ ଯେ ଚିରକାଳ ସମସ୍ତ ସୁନ୍ଦର ସୃଷ୍ଟି ଓ ସମାଜ ଜୀବନର ଆଦ୍ୟ ଏବଂ ଶ୍ରେଷ୍ଠା ସଂସ୍ଥାପକ ତାହା ଭୁଲିଯାଉଛି । ଦେହ-ଦହନର ଉର୍ଦ୍ଧ୍ୱରେ ସେ ପ୍ରାଣସତ୍ତା । ସେ ହିଁ ଶ୍ରୀ, ପ୍ରଜ୍ଞା, ଦୟା, କ୍ଷମା, ସେବା, ମମତା, ଦ୍ୟୁତି, ପ୍ରଭା ସବୁର ସେ ଆଧାର, ତାର ସ୍ଥାନ ପୁରୁଷଠୁଁ ଅନେକ ଉର୍ଦ୍ଧ୍ୱରେ । ସେଇଥିପାଇଁ ପରା ପୁରୁଷର ନାମ ପୂର୍ବରୁ ପ୍ରତୀକବାଚୀ ଭାବେ ତା'ର ନାମ ଯୋଡ଼ା ଯାଇଛି । ସୀତାରାମ, ରାଧାକୃଷ୍ଣ, ଗୌରୀଶଙ୍କର, ଲକ୍ଷ୍ମୀନାରାୟଣ ପ୍ରଭୃତି । ସେ ତ୍ୟାଗ ଓ ସଂହାରର ପ୍ରତୀକ । ସାବିତ୍ରୀ ସତ୍ୟବାନ ପ୍ରସଙ୍ଗ, ଦକ୍ଷଯଜ୍ଞରେ ଶଙ୍କରଙ୍କ ଅପମାନ ସହି ନପାରି ସତୀଙ୍କର ଯଜ୍ଞକୁଣ୍ଡରେ ଦାହ, ପୁଣି ଅନ୍ଧ ସ୍ୱାମୀଙ୍କ ପାଇଁ ଗାନ୍ଧାରୀଙ୍କ ସ୍ୱେଚ୍ଛା ଅନ୍ଧପୁତୁଳି ଧାରଣ ଆମକୁ ଯେଉଁ ଶିକ୍ଷାଦିଏ ତାହାକୁ ଭୁଲିଯିବା ଉଚିତ ନୁହେଁ । ବୈଦିକଯୁଗରୁ ନାରୀ ଦେବୀ ରୂପେ ଆରାଧ୍ୟା । ତେବେ ଆର୍ଯ୍ୟାବର୍ତ୍ତ ଭାରତରେ ଭାରତୀୟ ନାରୀର ଯେଉଁ ଶ୍ରେଷ୍ଠ ଭୂଷଣ ଲଜ୍ଜା ତାହା ଉଭୟ ପୋଷାକ ପରିଚ୍ଛଦ ଓ ବ୍ୟବହାର ଏଣିକି ଅପ୍ରାସଙ୍ଗିକ ହୋଇଉଠିଛି, ଯାହା ଶୁଭଙ୍କର ନୁହେଁ ।

## ପ୍ରେମରେ ପ୍ରେମରେ ଗୀତି ....(୧୧)



■ ବିପିନ ମହାନ୍ତି

୩୩, ଗଡ ମହାବୀର ବିହାର,
ଗ୍ୟାରେଜ ଛକ,
ଭୁବନେଶ୍ୱର-୨
(ମୋ) ୯୮୬୧୧୪୪୯୯୧

### ॥ ସ୍ମୃତିର ଏରୁଣ୍ଡି ଡେଇଁ ॥

ତୁମେ ହେଲେ ସଜ ଲାଜେ ଆସେ ରଜ
ସ୍ମୃତିର ଏରୁଣ୍ଡି ଡେଇଁ,
ଖିଲିପାନେ ତୁମେ ଏମିତି କି ଦେଲ
ଝୁରୁଛି ତୁମକୁ ସହୀ !

ହୃଦୟର ତୁମ ପାନ ପତରରେ
ମନର ଲବଙ୍ଗ ଖୋସି,
କୁଆଁରୀ ସପନ ବାଡୁଅ ରାତିକୁ
ଯାଚି ଦେଲ ହସିହସି,
ମନ ଦୋଳି ମୋର ନିତି ଫେରେ ତୁମ
ଦେହର ଦେଉଳ ଛୁଇଁ ।

ଡେଲିଙ୍ଗି ବାଇଦ ବଜାଇ ଆକାଶେ
ରୋଷଣି କଳାଣି ମେଘ,
ତୁମରି ରୂପର ରୂପା ନଗରୀରେ
ବରଷିବ ବୋଲି ଆଗ,
ତୁମ ପ୍ରେମ ଗୋରୀ ! ରଜ ପାଗ ପରି
ଏଇ ଅଛି ଏଇ ନାହିଁ ।

## ଶ୍ରାଦ୍ଧବାର୍ଷିକୀ ଅବସରରେ

# ଓଡ଼ିଆ ସାହିତ୍ୟ ଜଗତର ସାରସ୍ୱତ ସାଧକ ପଣ୍ଡିତ ଗୋଦାବରୀଶ ମିଶ୍ର



ସତ୍ୟବାଦୀ ପଞ୍ଚସଖା ଯୁଗର ଅନ୍ୟତମ ସାଧକ ପଣ୍ଡିତ ଗୋଦାବରୀଶ ମିଶ୍ର ଏକାଧାରାରେ ଜଣେ ଆଦର୍ଶ ଶିକ୍ଷକ,ଶିକ୍ଷାବିଦ୍,ନିସ୍ୱାର୍ଥପର ଜନସେବକ, ପ୍ରବୀଣ ରାଜନୀତିଜ୍ଞ ଏବଂ ଓଡ଼ିଆ ଭାଷା ଓ ସାହିତ୍ୟ ର ଏକନିଷ୍ଠ ପୂଜାରୀ ଭାବରେ ଏକ ଉତ୍ତୁଙ୍ଗ ଶାସନର ଅଧିକାରୀ। ତାଙ୍କର କାନ୍ତ, କୋମଳ, ଭାବମୟ ତଥା ମଧୁମୟ ଗାଥା ଓ ଗୀତିକବିତା ମାନ ଯୁଗେ ଯୁଗେ ଆମ ସାହିତ୍ୟର ଅମୂଲ୍ୟ ଓ ଅକ୍ଷୟ ସମ୍ପଦ। କବିପ୍ରାଣର ଅନନ୍ତ ବିସ୍ତୃତି,ଜୀବନର ଉଦାରତା, ମାନବତାର ଐଶ୍ୱର୍ଯ୍ୟ ଓ ଉତ୍ତୁଙ୍ଗ ଜୀବନାଦର୍ଶରେ ସମୁଜ୍ଜଳ ତାଙ୍କର କାବ୍ୟ ସାହିତ୍ୟ ଅନନ୍ୟ ଓ ଅତୁଳନୀୟ। ସେ ୨୬ ଅକ୍ଟୋବର ୧୮୮୬ ମସିହା ପୁରୀ ଜିଲ୍ଲା ବାଣପୁର ର ଶ୍ରୀନିବାସପୁର ଶାସନ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ।ତାଙ୍କର ପିତାଙ୍କ ନାମ ଲିଙ୍ଗରାଜ ମିଶ୍ର ଓ ମାତାଙ୍କ ନାମ ଅପସରା ଦେବୀ। ତାଙ୍କର ପ୍ରାଥମିକ ଶିକ୍ଷା ଗ୍ରାମ ସ୍କୁଲରେ ସମାପ୍ତ ହୋଇଥିଲା,ପରବର୍ତ୍ତୀ ସମୟରେ ପୁରୀ ଜିଲ୍ଲା ସ୍କୁଲରେ ତାଙ୍କର ଉଚ୍ଚଶିକ୍ଷା ସମାପ୍ତ ହୋଇଥିଲା। ସେ ୧୯୧୦ରେ ରେଭେନ୍ସା ମହାବିଦ୍ୟାଳୟରୁ ଦାର୍ଶନିକ ବିଭାଗରେ ସ୍ନାତକ ଡ଼ିଗ୍ରୀ ହାସଲ କଲେ। ୧୯୧୨ ମସିହାରେ କଲିକତା ବିଶ୍ୱବିଦ୍ୟାଳୟରୁ ଅର୍ଥନୀତି ବିଭାଗରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କଲେ। ୧୯୧୩ ମସିହାରେ ପଣ୍ଡିତ ଗୋଦାବରୀଶ ମିଶ୍ର ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରେରଣାରେ ସତ୍ୟବାଦୀ ବନବିଦ୍ୟାଳୟରେ ଶିକ୍ଷକତାକୁ ଆଦରିନେଇ ତ୍ୟାଗ, ସେବା ଓ ସାଧନାର ବେଦୀରେ ନିଜ ଜୀବନକୁ ଉତ୍ସର୍ଗ କରିଥିଲେ। ବକୁଳ-ଛୁରିଆନାର ସେହି ରମଣୀୟ ପ୍ରାକୃତିକ ପରିବେଶ ତାଙ୍କୁ ସମ୍ମୋହିତ କରିବା ସାଙ୍ଗକୁ ଅମୃତମୟୀ କବିତା ରଚ଼ନା ପାଇଁ ଉଦ୍‌ବୁଦ୍ଧ କରିଥିଲା। 'ଆଲେଖିକା' ର ଗାଥା କବିତାମାନ ପଣ୍ଡିତ ଗୋଦାବରୀଶଙ୍କ ଗଭୀର ଜାତୀୟତାବୋଧ, ସ୍ୱଦେଶପ୍ରୀତି, ଐତିହ୍ୟ-ଅନୁରକ୍ତିର ଜୀବନ୍ତ ଆଲେଖ୍ୟ। ଅନୁଭୂତି-ରସାଣିତ ଆବେଗମୟ ପ୍ରାଣପ୍ରାଚୁର୍ଯ୍ୟ ଭରା 'କିଶଳୟ' ଓ 'କଳିକାର' କବିତାବଳୀ ଏକ ଅପୂର୍ବ ଐଶ୍ୱର୍ଯ୍ୟରେ ବିଭବଶାଳୀ। 'ମୁକୁନ୍ଦ ଦେବ' ଓ 'ପୁରୁଷୋତ୍ତମ ଦେବ' ଐତିହାସିକ ନାଟକ ଦ୍ୱୟ ତାଙ୍କ ଉତ୍କଳାନୁରାଗରେ ସୁସ୍ପଷ୍ଟ ନିଦର୍ଶନ। କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପକ୍ଷରୁ ପୁରସ୍କୃତ ତାଙ୍କର ଆତ୍ମଜୀବନୀ ଗ୍ରନ୍ଥ 'ଅର୍ଦ୍ଧଶତାବ୍ଦୀରେ ଓଡ଼ିଶା ଓ ତହିଁରେ ମୋ ସ୍ଥାନ' ତତ୍କାଳୀନ ଓଡ଼ିଶାର ସାମାଜିକ, ସାଂସ୍କୃତିକ, ରାଜନୈତିକ ତଥା ଅର୍ଥନୈତିକ ଜୀବନଧାରାରେ ଏକ ସତ୍ୟନିଷ୍ଠ ବିବରଣୀ । ଏହା ବ୍ୟତୀତ ଚୟନିକା, କବିତାୟନ, ଗୀତାୟନ ଓ କବିତାଗ୍ରନ୍ଥ ଆଦି କେତେକ ପାଠ୍ୟପୁସ୍ତକ ଓ ତତସହିତ ବହୁ ଶିଶୁ-କବିତା ରଚ଼ନା କରି ସେ ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିଯାଇଛନ୍ତି। ସେ 'ଘଟାନ୍ତର', 'ଅଭାଗିନୀ', 'ଅଠର ଶହ ସତର' ଓ 'ନିର୍ବାସିତ' ଉପନ୍ୟାସର ସ୍ରଷ୍ଟା । ତାଙ୍କର ଅଭାଗିନୀ ଉପନ୍ୟାସ ୧୯୧୨ ମସିହାରେ ପ୍ରଥମେ ପ୍ରକାଶିତ। ଅନ୍ୟ ଉପନ୍ୟାସଗୁଡିକ ୧୯୪୦ ମସିହାରୁ ୧୯୫୧ ମଧ୍ୟରେ ପ୍ରକାଶିତ। ତାଙ୍କର ଗାଥା କବିତା ଗୁଡ଼ିକ ହେଲା କାଳିଜାଇ, ଅଭିରାମ ସିଂହ, ଧରଣୀଧର। ୧୯୧୯ ମସିହାରେ ସିଂହଭୂମି ଯାଇ ସେଠାରେ ଓଡ଼ିଆ ଭାଷାର ସୁରକ୍ଷା ଓ ପ୍ରସାର କଳ୍ପେ କେତେକ ଉଚ୍ଚବିଦ୍ୟାଳୟ ସମେତ ବହୁ ପ୍ରାଥମିକ ବିଦ୍ୟାଳୟ ସ୍ଥାପନ କରିଥିଲେ। ଚ଼କ୍ରଧରପୁର ବିଦ୍ୟାଳୟକୁ ସେ ଏକ ଜାତୀୟ ବିଦ୍ୟାଳୟ ଭାବରେ ପରିଣତ କରି ପ୍ରଧାନଶିକ୍ଷକ ଦାୟିତ୍ୱ ଗ୍ରହଣ କରିଥିଲେ। ପରବର୍ତ୍ତୀ ସମୟରେ ବାଣପୁର ନିର୍ବାଚ଼ନ ମଣ୍ଡଳୀର ବିଧାୟକ ଭାବେ ନିର୍ବାଚ଼ିତ ହୋଇଥିଲେ। ସେ ମହାରାଜା କୃଷ୍ଣଚ଼ନ୍ଦ୍ର ଗଜପତିଙ୍କ ମନ୍ତ୍ରୀମଣ୍ଡଳରେ ଶିକ୍ଷାମନ୍ତ୍ରୀ ହୋଇଥିଲେ।ତାଙ୍କରି ଉଦ୍ୟମରେ ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହୋଇଥିଲା। ପଣ୍ଡିତ ଗୋଦାବରୀଶ ମିଶ୍ର ୨୬ ଜୁଲାଇ ୧୯୫୬ ମସିହାରେ ମୃତ୍ୟୁବରଣ କରିଥିଲେ।

ଆସନ୍ତାକାଲି ତାଙ୍କର ଶ୍ରାଦ୍ଧବାର୍ଷିକୀ ଅବସରରେ ମୋର ବିନମ୍ର ଶ୍ରଦ୍ଧାଞ୍ଜଳି।

ଆଲେଖ୍ୟ : ବିଶ୍ୱବିଜୟୀ ଦାଶ
ଗମ୍ଭାରିମୁଣ୍ଡା,ବାଣପୁର,ଖୋର୍ଦ୍ଧା
ପିନ୍- ୭୫୨୦୩୫
(ମୋ) ୬୩୭୦୨୦୮୪୨୮

# ॥ ଦାଦା ଠାକୁର୍ ॥



● ଦୀପକ ରଂଜନ ମିଶ୍ର




ପ୍ରାୟ ୧୯୪୨ ମସିହାର କଥା । ଓଡ଼ିଶାର ଢେଙ୍କାନାଳ ଜିଲ୍ଲା ଅନ୍ତର୍ଗତ 'ଭୁବନ' ଗାଁରେ କୃତିତ୍ୱର ସହ ସପ୍ତମଶ୍ରେଣୀ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୁଅନ୍ତି ଲକ୍ଷ୍ମଣ ମିଶ୍ର । ତା'ପରେ ସେଇଠି ପଢ଼ିବାକୁ ଆଉ ସୁବିଧା ନଥିବାରୁ ଆଖପାଖ ଅଞ୍ଚଳର ପିଲାମାନେ ଢେଙ୍କାନାଳରେ ଆସି ହାଇସ୍କୁଲରେ ନାମ ଲେଖାନ୍ତି । ୟା'ଙ୍କର ବି ଭାରି ମନ ହାଇସ୍କୁଲରେ ପାଠ ପଢ଼ିବାକୁ । ହେଲେ ବାପା ରାଜି ହୁଅନ୍ତିନି । ମେଞ୍ଚଡ଼ ଟୋକାଟା, ଗାଲ ଚିପିଦେଲେ ଦୁଧ ପିଚ୍‌କି ପଡ଼ିବ । ସିଏ ପୁଣି ଘରଛାଡ଼ି ଢେଙ୍କାନାଳ ସହରରେ ଛାତ୍ରାବାସରେ ରହିବ ! କୁଟା ଖଣ୍ଡକୁ ଦୁଇଖଣ୍ଡ କରୁ ନଥିବା ପିଲା ନିଜେ ନିଜ କପଡ଼ା କାଚିବା ଠାରୁ ଆରମ୍ଭ କରି ରନ୍ଧାବଢ଼ା କରି ବାସନ ପର୍ଯ୍ୟନ୍ତ ମାଜିବ, ହୁଁ... । ବାପା ଆଦୌ ରାଜି ନହୋଇ ପୁଅର ପାଠରେ ଡୋରି ବାନ୍ଧିବାର ବ୍ୟବସ୍ଥା କରି ଦିଅନ୍ତି । ବାର ବର୍ଷର କୋମଳମତି କିଶୋରଟିର ମନରେ ଶକ୍ତ ଆଘାତ୍ ଲାଗେ ବାପାଙ୍କର ଏଇ ବ୍ୟବହାର ଯୋଗୁଁ । ବାରମ୍ବାର ସେଇ ଗୋଟିଏ ପ୍ରଶ୍ନ ପ୍ରତିଧ୍ୱନିତ ହୁଏ ତାଙ୍କ କର୍ଣ୍ଣକୁହରରେ । କପଡ଼ା କାଚିବା, ରନ୍ଧାବଢ଼ା ଇତ୍ୟାଦି କାମ କ'ଣ ମୋ ଦେଇ ହେବନି ? ଚେଷ୍ଟାକଲେ ଅସମ୍ଭବକୁ ବି ସମ୍ଭବ କରାଯାଇ ପାରିବ ? ଯେତେ ହାରି ଗୁହାରି କଲେ ବି ବାପାଙ୍କ ରୋକ୍‌ଠୋକ୍ କଥା - ନା ତୋତେ ଛଡ଼ାଯିବନି । ସେଇ ବାପର ପୁଅ ତ । ତା'ର ବି ଏକା ଜିଦ୍, ସିଏ ପାଠ ପଢ଼ିବ । ଅଲବତ୍ ପଢ଼ିବ । ଆଉ ନିଜକାମ ନିଜେ କରିବା ସହ ଆପଣା ଅନ୍ନସଂସ୍ଥାନ ବି କରି ଦେଖାଇ ଦେବ ବାପାଙ୍କୁ । କ'ଣ ଭାବୁଛନ୍ତି କି ସେ ତାକୁ ।

ଘରର ଚାକରାଣୀ ପାଖରୁ ପାଞ୍ଚଟଙ୍କା ଧାର ଆଣି ରାତ୍ରୀର ନିସ୍ତବ୍ଧ ପ୍ରହରରେ ସେ ଏକବସ୍ତ୍ରୀ ହୋଇ ଘର ଛାଡ଼ି ଚାଲିଯାଆନ୍ତି । ତାହା ଥିଲା ଦ୍ୱିତୀୟ ବିଶ୍ୱଯୁଦ୍ଧର ସମୟ । ଚାରିଆଡ଼େ ଖେଳି ରହିଥିଲା ଆତଙ୍କ । କେତେବେଳେ ଜର୍ମାନ ସେନା ଆକ୍ରମଣ କରିବାର ଯୋଜନା କରୁଥିବାର ଖବର ଆସୁଥାଏ ତ କେତେବେଳେ ଜାପାନୀ ବୋମା ପଡ଼ିବା ଭୟରେ ଘର ଭିତରେ ଲଣ୍ଠନ୍‌ରେ ସୁଦ୍ଧା କାଚ ଉପରେ କାଗଜ ଢଙ୍କା ହେଉଥାଏ । ଛାତିରେ ଛାତିଏ ଅଭିମାନ ନେଇ ସେଇ ଘନ ଅନ୍ଧକାର ଭିତରେ ଆଗକୁ ପାଦ ବଢ଼ାନ୍ତି ଲକ୍ଷ୍ମଣ । ଯାଜପୁର ରୋଡ଼୍ ଷ୍ଟେସନ୍‌ରୁ ଟ୍ରେନ୍‌ରେ ଚଢ଼ି ପହଞ୍ଚନ୍ତି କଲିକତା । କିଛିଦିନ ଷ୍ଟେସନ୍‌ରେ କୁଲିକାମ କରିବା ପରେ ଜଣକ ଜିନିଷ ପତ୍ର ସିଆଲଦା ପହଞ୍ଚାଇବାକୁ ଯାଇ ସେଇଠି ରହିଯାଆନ୍ତି । ସିଆଲ୍‌ଦା ଷ୍ଟେସନ୍‌ରେ ଦେଖାହୁଏ ସୁବୋଧ ଘୋଷଙ୍କ ସହ । କଥାବାର୍ତ୍ତାରୁ ଭଲଘରର ତଥା ଶିକ୍ଷିତ ପିଲାଟିଏ ବୋଲି ଜାଣି ତାଙ୍କୁ ସେ ସାଙ୍ଗରେ ନେଇଯାଆନ୍ତି ନିଜ ଘରକୁ । ଆଉ କିଛିଦିନ ପରେ ତାଙ୍କୁ ନେଇ ପୂର୍ବବଙ୍ଗ ଯଶୋର ଜିଲ୍ଲା ଅନ୍ତର୍ଗତ ଭୈରବ ନଦୀ କୂଳରେ ସ୍ଥିତ 'ଆଦିଲ୍‌ପୁର' ଗାଁରେ ନକୁଳେଶ୍ୱର ଭଟ୍ଟାଚାର୍ଯ୍ୟଙ୍କ ଘରେ ପହଞ୍ଚନ୍ତି । ସେଇଠି ତାଙ୍କର ରହିବା ଖାଇବାର ବ୍ୟବସ୍ଥା କରିବା ସହ ସେଠିକା ବିଦ୍ୟାଳୟରେ ନାମ ଲେଖାଇ ଦିଅନ୍ତି ସୁବୋଧ ବାବୁ । ପ୍ରତୁଲ୍ ଚନ୍ଦ୍ର ବୋଷ ଥାଆନ୍ତି ପ୍ରଧାନ ଶିକ୍ଷକ । ଅଫିସ୍‌କୁ ଡାକି ଲକ୍ଷ୍ମଣଙ୍କୁ ପଚାରନ୍ତି ସିଏ କୋଉ କ୍ଲାସ୍ ପର୍ଯ୍ୟନ୍ତ ପଢ଼ିଛନ୍ତି ବୋଲି । ସପ୍ତମ ଶ୍ରେଣୀ ପାଶ୍ କରିଥିଲେ ବି ଅଷ୍ଟମ ଶ୍ରେଣୀରେ ନାମ ଲେଖାଇବା କ'ଣ ସମ୍ଭବ ? ଓଡ଼ିଆ ମାଧ୍ୟମର ଛାତ୍ର ବଙ୍ଗାଳୀ ମାଧ୍ୟମରେ ଉଚ୍ଚ ଶ୍ରେଣୀରେ କେମିତି ପଢ଼ି ପାରିବ ? ଯିଏ ବଙ୍ଗାଳୀ କହିବା ତ ଦୂରର କଥା ଭଲକରି ବୁଝି ମଧ୍ୟ ପାରୁନାହିଁ । ପ୍ରତୁଲ ବାବୁ ତାଙ୍କୁ ପୁଣିଥରେ ସପ୍ତମ ଶ୍ରେଣୀର ବାର୍ଷିକ ପରୀକ୍ଷା ଦେଇ ପାଶ୍ କରିବାକୁ କହନ୍ତି । ପାଶ୍ କରିଗଲେ ଅଷ୍ଟମ ଶ୍ରେଣୀରେ ନାମ ଲେଖାଇ ଦିଆଯିବ । ତେବେ ହାତରେ ଅଛି ଖୁବ୍ କମ୍ ସମୟ । ସପ୍ତାହେ କ୍ଲାସ୍ ହେଲାପରେ ଛୁଟି ହେବ । ଆଉ ଛୁଟି ପରେ କ୍ଲାସ୍‌ଉଠା ପରୀକ୍ଷା । ସେ କ'ଣ ନିଜକୁ ପରୀକ୍ଷାରେ ବସିବା ପାଇଁ ପ୍ରସ୍ତୁତ କରି ପାରିବେ ଏତେ କମ୍ ସମୟ ଭିତରେ ? ପ୍ରଧାନ ଶିକ୍ଷକଙ୍କର ଏଇ ଆହ୍ୱାନ୍‌କୁ ସ୍ୱୀକାର କରି ଭଟ୍ଟାଚାର୍ଯ୍ୟଙ୍କ ଘରକୁ ଫେରିଆସନ୍ତି ଲକ୍ଷ୍ମଣ ।

ବଙ୍ଗାଳୀମାନେ ଭାରି ସ୍ନେହୀ । ସେମାନେ ଅଚିହ୍ନା ଅଜଣା ଲୋକକୁ ବି ଅତି ଆପଣାର କରିନିଅନ୍ତି ମୁହୂର୍ତ୍ତକ ମଧ୍ୟରେ । ଏଇ ଗୁଣ ବିଶେଷ କରି ପୂର୍ବବଙ୍ଗର ବଙ୍ଗାଳୀଙ୍କ ମଧ୍ୟରେ ଅଧିକ ପରିଲକ୍ଷିତ ହୋଇଥାଏ । କାହାକୁ ମାମୁଁ, କାହାକୁ ମାଇଁ ତଥା କାହାକୁ ମାଉସୀ ସମ୍ବୋଧନ କରି ଲକ୍ଷ୍ମଣ ଖୁବ୍ ଆତ୍ମୀୟ ହୋଇଯାଆନ୍ତି ସେଇ ବ୍ରାହ୍ମଣ ପରିବାରର ସମସ୍ତ ସଦସ୍ୟଙ୍କ ସହ । ସମବୟସ୍କ 'ବାଦଲ୍' ସହିତ ତାଙ୍କର ଘନିଷ୍ଠ ଭାବଦୋସ୍ତି । ସେ ବହୁତ ଚେଷ୍ଟାକରେ ୟା'ଙ୍କୁ ବଙ୍ଗାଳୀ ଶବ୍ଦ ଶିଖାଇବା ପାଇଁ । ସାତ ଆଠ ଦିନରେ ଲକ୍ଷ୍ମଣ କିଛି ବୁଝିପାରିବା ସହ ଅଳ୍ପ ଅଳ୍ପ କହି ମଧ୍ୟ ପାରନ୍ତି । ଭଟ୍ଟାଚାର୍ଯ୍ୟଙ୍କ ଘରେ ସେମିତି କିଛି ଅସୁବିଧା ସିନା ହୁଏନି ହେଲେ ପଢ଼ା ପରିବେଶ ନଥାଏ ତାଙ୍କର । ଘରେ ସବୁବେଳେ ଲୋକଭର୍ତ୍ତି, ହାଉଜାଉ । ଏଇ ସମୟରେ ଦିନେ ଗାଁ ଜମିଦାରଙ୍କ ଘରୁ ଡାକରା ଆସେ କୌଣସି ଗୋଟେ ପୂଜାର ଅନୁଷ୍ଠାନ ପାଇଁ । ଭଟ୍ଟାଚାର୍ଯ୍ୟ ସାଙ୍ଗରେ ବାଦଲ, ନାରାଣ ଓ ଲକ୍ଷ୍ମଣଙ୍କୁ ନେଇ ଜମିଦାରଙ୍କ ଘରକୁ ଯାଆନ୍ତି । ବାଦଲ ଶିରିଣି ଭୋଗ ପ୍ରସ୍ତୁତ କଲାବେଳେ ନାରାଣ ପୂଜାରେ ସାହାଯ୍ୟ କରେ । ଲକ୍ଷ୍ମଣଙ୍କ ଭାଗରେ ପଡ଼େ ଚନ୍ଦନ ଘୋରିବା ଭଳି କିଛି ହାଲୁକା କାମ । ପୂଜା ଅନୁଷ୍ଠାନ ସମାପନ କରି ବାହାରିଲା ବେଳକୁ ଜମିଦାରଙ୍କ ବିଧବା ଭଉଣୀ ଆସି ଲକ୍ଷ୍ମଣଙ୍କ ମୁଣ୍ଡରେ ହାତ ବୁଲାଇ ତାଙ୍କ ନାମ ତଥା ଗ୍ରାମ ବିଷୟରେ ପଚାରନ୍ତି । ସୌମ୍ୟଦର୍ଶୀ କିଶୋର, ଧୀରସ୍ଥିର ସ୍ୱଭାବ । ବ୍ରାହ୍ମଣ ଘରର ପୁଅ । ପାଠ ପଢ଼ିବାକୁ ତା'ର ଭାରି ମନ । ଇୟେ ତାଙ୍କ ଘରେ ରହିଲେ ତାଙ୍କର ଆଉ ଠାକୁର ପୂଜା ପାଇଁ ଚିନ୍ତା ନାହିଁ । ତା'ସହ ଜମିଦାରଙ୍କ ଦ୍ୱିତୀୟ ପକ୍ଷର ପୁଅ 'ନିଲୁ' ଟା ପଢ଼ାପଢ଼ି ନକରି ଘରେ କେବଳ ବଦମାସୀ କରୁଛି । ୟା'ସାଙ୍ଗରେ ରହିଲେ କାଳେ ତା'ର ବି ପଢ଼ାପଢ଼ି କରିବାକୁ ଆଗ୍ରହ ହୋଇପାରେ । ଏସବୁ କଥା କହି ମହିଳା ଜଣକ ଭଟ୍ଟାଚାର୍ଯ୍ୟଙ୍କୁ ଅନୁରୋଧ କରନ୍ତି ଲକ୍ଷ୍ମଣଙ୍କୁ ତାଙ୍କ ଘରେ ରହିବାପାଇଁ ଛାଡ଼ି ଦେବାକୁ । ଭଟ୍ଟାଚାର୍ଯ୍ୟଙ୍କ ଅମଙ୍ଗ ହେବାର କୌଣସି କାରଣ ନଥାଏ । ପିଲାଟିର ପଢ଼ିବାକୁ ଭାରି ଆଗ୍ରହ ହେଲେ ତାଙ୍କଘରେ ହାଉଜାଉ ଭିତରେ ପଢ଼ିବାର ପରିବେଶ ପାଉନି ବିଚରା । ଏଠି ଜମିଦାରଙ୍କ କୋଠାରେ ଘର ଯାହାକୁ ଯେତେ । ପରିବାରରେ ବିଧବା ତିନିଜଣ - ଦିଦିମା, ମାସୀମା ଓ ମାମିମା । ନିରୋଳାରେ ଭଲ ପଢ଼ି ପାରିବ ପିଲାଟି । ହଁ ଖାଇବାରେ ତା'ର ନିଶ୍ଚିତ ଅସୁବିଧା ହେବ । ବ୍ରାହ୍ମଣ ପୁଅ କାୟସ୍ଥ ଘରେ ଖାଇବ କେମିତି ଯେ ! ଭଟ୍ଟାଚାର୍ଯ୍ୟ ରାଜି ହୁଅନ୍ତି ଗୋଟିଏ ସର୍ତ୍ତରେ । ସେ ଏଇଠି ରହିଲେ ରହୁ କିଛି ଅସୁବିଧା ନାହିଁ । ହେଲେ ପ୍ରତିଦିନ ଦୁଇଓଳି ଯାଇ ତାଙ୍କଘରେ ଖାଇଦେଇ ଆସିବ । ଲକ୍ଷ୍ମଣଙ୍କୁ ସେଇଠି ଛାଡ଼ିଦେଇ ବାଦଲ ଓ ନାରାଣଙ୍କ ଘରକୁ ଫେରିବାର ଆଦୌ ଇଚ୍ଛା ନଥାଏ । ଆଖି ଢଳ ଢଳ ହୋଇଯାଏ ଉଭୟଙ୍କର । ହେଲେ କୋଉ ଦୂରଜାଗା ଯେ, ଏକା ଗାଁରେ ରହିବେ, ଏକା ସ୍କୁଲରେ ପଢ଼ିବେ ।

ଲକ୍ଷ୍ମଣ ସେଇ ଦିନଠାରୁ ଜମିଦାରଙ୍କ ଘରେ ରହନ୍ତି । ପଢ଼ାପଢ଼ି ପାଇଁ ପ୍ରଚୁର ଅବସର । ତାଙ୍କଘରେ ପୂଜା କରିବା ସହ ଆଉ ଦୁଇଘରେ ମଧ୍ୟ ଠାକୁର ପୂଜା କରନ୍ତି । ସକାଳୁ ଜମିଦାର, ଘୋଷଘର ପୂଜା ସାରି ତାଙ୍କ ପାଉଣା ରୂପେ ପାଇଥିବା ଚାଉଳ ନେଇ ଦେଇ ଦିଅନ୍ତି ଭଟ୍ଟାଚାର୍ଯ୍ୟଙ୍କ ଘରେ । ମିତ୍ରଘର ଚାଉଳ ବି ଦିଅନ୍ତି ରାତି ଖାଇବା ପାଇଁ । ଆଉ ବୋଷଘରୁ ପାଉଥିବା ଚାଉଳ ସେ ଘୋର ଆର୍ଥିକ ଦୁର୍ଦ୍ଦଶା ଭୋଗୁଥିବା ମଜୁମ୍‌ଦାର ପରିବାରଙ୍କୁ ଦେଇ ଦିଅନ୍ତି । ତାଙ୍କ ଘରର ବଡ଼ପୁଅ ଆଣ୍ଡାମାନ୍‌ରେ ଡାକ ବିଭାଗରେ ଚାକିରି କରୁଥିଲେ । ହେଲେ ୧୯୪୧ ମସିହାରେ ଜାପାନ ଆଣ୍ଡାମାନ୍ ଅଧିକାର କରିନେବାଠାରୁ ନା ସେ ଛୁଟିରେ କେବେ ଘରକୁ ଆସି ପାରୁଥିଲେ ନା କିଛି ପଇସା ପଠାଇ ପାରୁଥିଲେ ପରିବାରର ଭରଣପୋଷଣ ପାଇଁ । ତାଙ୍କର କିଛି ଖବର ଅନ୍ତର ବି ମିଳୁ ନଥିଲା ଏମାନଙ୍କୁ । ଆଉ ଦ୍ୱିତୀୟ ପିଲାଟି କଲିକତାରେ ଚାକିରି ପାଇଥିଲେ ହେଲେ ବେମାର ପଡ଼ି ମୃତ୍ୟୁବରଣ କରିଥିଲେ ଅସମୟରେ । ବାର ବର୍ଷ ବୟସର ଲକ୍ଷ୍ମଣ, ଯାହାଙ୍କର ନିଜର ଆର ଓଳିର ଖାଦ୍ୟ ସୁରକ୍ଷିତ ନଥିଲା ସେ ପୁଣି ଅନ୍ୟର ଦୁଃଖ ଦେଖି ତାଙ୍କୁ ସାହାଯ୍ୟର ହାତ ବଢ଼ାଇଛନ୍ତି ! ଆଜିକାଲିର ବସ୍ତୁବାଦୀ ଦୁନିଆଁରେ ଏକଥା କଳ୍ପନା କରିବା ବି ସମ୍ଭବ ହୋଇ ପାରୁନି ଆମମାନଙ୍କ ପାଇଁ । ତିନିଘରେ ପୂଜା କରିବା ପାଇଁ ପ୍ରତ୍ୟହ ତାଙ୍କୁ ଅଢ଼େଇ ମାଇଲ ବାଟ ଚାଲିକି ଯିବାକୁ ପଡୁଥିଲା । ପୁଣି କଠୋର ପରିଶ୍ରମ ପଢ଼ାପଢ଼ି ପାଇଁ । ଓଡ଼ିଆ ମାଧ୍ୟମରୁ ବଙ୍ଗାଳୀ ମାଧ୍ୟମକୁ ବଦଳାଇ ସେଥିରେ ପୁଣି ସପ୍ତମ ଶ୍ରେଣୀର ପରୀକ୍ଷା ପାଶ୍ କରିବା କିଛି କମ୍ ବଡ଼ ଚେଲେଞ୍ଜ୍ ନଥିଲା । ତାହା ପୁଣି ମାତ୍ର ଦେଢ଼ ମାସ ଭିତରେ ।

ପୂର୍ବ ନିର୍ଦ୍ଧାରିତ ତାରିଖରେ ସ୍କୁଲରେ ପରୀକ୍ଷା କରାଯାଏ । କଳିଙ୍ଗର ବୀରପୁତ୍ର ଲକ୍ଷ୍ମଣ ଆପଣା ଧନୁତୀର ଧରି ପ୍ରସ୍ତୁତ ଥାଆନ୍ତି ଯୁଦ୍ଧ କ୍ଷେତ୍ରରେ ପଦାର୍ପଣ କରିବାକୁ । ସମଗ୍ର ଜୀବନକୁ ଯିଏ ଯୁଦ୍ଧକ୍ଷେତ୍ର ବୋଲି ଭାବି ନେଇଛନ୍ତି ତାଙ୍କ ପାଇଁ କ୍ଲାସ୍‌ଉଠା ପରୀକ୍ଷା ଏକ ସାଧାରଣ କଥା ନିଶ୍ଚିତ । ଆଣ୍ଠୁ ନ ଲୁଚୁଥିବା ଧୋତି କୁ ଉପରେ ଘୋଡ଼େଇ ହୋଇଥାନ୍ତି ଚାଦର ଖଣ୍ଡେ । ମୁଣ୍ଡରେ ବ୍ରାହ୍ମଣପୁଅର ଚୁଟି । ଚଟି ବିହୀନ ପାଦ । କ୍ଲାସ୍‌ରେ ସବୁ ସହପାଠୀ ତାଙ୍କର ଜଣେ ଜଣେ ପ୍ରତିପକ୍ଷ । କିଏ କଚ୍ଛା ଟାଣି ଦେଲାଣି ତ କିଏ ଚୁଟିରେ ବାନ୍ଧିବା ପାଇଁ ଫୁଲଟିଏ ନେଇଆସୁଛି ସାମ୍ନା ବଗିଚାରୁ । ହୋ ହୋ ହୋଇ ହସୁଛନ୍ତି ସମସ୍ତେ ୟା'ଙ୍କ ସହ ଟାହି ଟାପରା କରି । ତାଙ୍କ ବ୍ୟବହାରରେ ବିରକ୍ତ ହୋଇ କିଛି ଲାଭ ନାହିଁ ବୋଲି ଭାବନ୍ତି ଲକ୍ଷ୍ମଣ । ଏମାନେ ତ ସମସ୍ତେ ଜଣେ ଜଣେ ପ୍ରତିପକ୍ଷ । ଲକ୍ଷ୍ୟସ୍ଥାନରେ ପହଞ୍ଚିବାକୁ ହେଲେ ତାଙ୍କ ଭିତରେ ଯୁଦ୍ଧଖୋର ପ୍ରବୃତ୍ତି ଆବଶ୍ୟକ । ତେଣୁ ସହପାଠୀମାନେ ଯିଏ ଯାହା କହିଲେ ବି ସେ ଆଦୌ ବିରକ୍ତି ପ୍ରକାଶ ନକରି ତାଙ୍କସହ ନିଜେ ମଧ୍ୟ ହସିବାକୁ ଲାଗନ୍ତି । ଦୈନିକ ଗୋଟିଏ ଦୁଇଟି ଲେଖା ବିଷୟ ହୋଇ ପରୀକ୍ଷା ସରିଯାଏ । ଫଳ ବାହାରିଲା ବେଳେ ସମଗ୍ର ଶ୍ରେଣୀରେ ସେ ତୃତୀୟ ସ୍ଥାନ ଅଧିକାର କରିଥାନ୍ତି । ପ୍ରଥମ ଓ ଦ୍ୱିତୀୟ ସ୍ଥାନ ପାଖରୁ ତାଙ୍କର ଥାଏ ଖୁବ୍ ଅଳ୍ପ ମାର୍କର ବ୍ୟବଧାନ । ଏଇ ଦେଢ଼ମାସର ପ୍ରସ୍ତୁତି ମଧ୍ୟରେ ସେ ଯେ କେବଳ ବହିଧରି ଦିନରାତି ବସିରହୁଥିଲେ ତାହା ନୁହେଁ, ଘୋଷ, ବୋଷ ତଥା ମିତ୍ରଙ୍କ ଘରେ ପୂଜା ବି କରୁଥିଲେ । ଆଉ ତା' ସାଙ୍ଗେ ନିଜେ ସ୍ୱାବଲମ୍ବୀ ହେବାପାଇଁ ରୋଷେଇ ମଧ୍ୟ ଶିଖୁଥିଲେ ଜମିଦାରଙ୍କ ବିଧବା ଭଉଣୀ, ମାସୀମାଙ୍କ ପାଖରୁ । (କ୍ରମଶଃ)




ବାର ବର୍ଷ ବୟସର ଲକ୍ଷ୍ମଣ, ଯାହାଙ୍କର ନିଜର ଆର ଓଳିର ଖାଦ୍ୟ ସୁରକ୍ଷିତ ନଥିଲା ସେ ପୁଣି ଅନ୍ୟର ଦୁଃଖ ଦେଖି ତାଙ୍କୁ ସାହାଯ୍ୟର ହାତ ବଢ଼ାଇଛନ୍ତି ! ଆଜିକାଲିର ବସ୍ତୁବାଦୀ ଦୁନିଆଁରେ ଏକଥା କଳ୍ପନା କରିବା ବି ସମ୍ଭବ ହୋଇ ପାରୁନି ଆମମାନଙ୍କ ପାଇଁ । ତିନିଘରେ ପୂଜା କରିବା ପାଇଁ ପ୍ରତ୍ୟହ ତାଙ୍କୁ ଅଢ଼େଇ ମାଇଲ ବାଟ ଚାଲିକି ଯିବାକୁ ପଡୁଥିଲା । ପୁଣି କଠୋର ପରିଶ୍ରମ ପଢ଼ାପଢ଼ି ପାଇଁ । ଓଡ଼ିଆ ମାଧ୍ୟମରୁ ବଙ୍ଗାଳୀ ମାଧ୍ୟମକୁ ବଦଳାଇ ସେଥିରେ ପୁଣି ସପ୍ତମ ଶ୍ରେଣୀର ପରୀକ୍ଷା ପାଶ୍ କରିବା କିଛି କମ୍ ବଡ଼ ଚେଲେଞ୍ଜ୍ ନଥିଲା । ତାହା ପୁଣି ମାତ୍ର ଦେଢ଼ ମାସ ଭିତରେ ।

ସା./ପୋ- ଧର୍ମଶାଳା, ଜି- ସୁବର୍ଣ୍ଣପୁର, ଓଡ଼ିଶା-୭୬୭୦୩୪, (ମୋ) ୯୪୩୭୨୫୩୭୧୫

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର
ରବିବାର, ୨୫ ଜୁଲାଇ, ୨୦୨୧

ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ
ସୃଜନର ସୁରମ୍ୟ ସମ୍ଭାର

email : rabibarachayan2015@gmail.com



## ଆଉଜା କବାଟ (୪୪)



# ଆମ ଶିକ୍ଷା ବ୍ୟବସ୍ଥାରେ ମାତୃଭାଷା (୨)

ଡ. ରାଧାରଂଜନ ପଟ୍ଟନାୟକ

(ପୂର୍ବ ପ୍ରକାଶିତ ଉତ୍ତାରୁ)

ମାତୃଭାଷାର ଶିକ୍ଷାଦାନ କେବଳ ସାହିତ୍ୟକୁ ଯେ ବୁଝାଇଥାଏ, ତାହା ନୁହେଁ ବରଂ ଅନ୍ୟ ବିଷୟ ଯଥା ଗଣିତ, ବିଜ୍ଞାନ, ସାମାଜିକ ବିଜ୍ଞାନ, ଅର୍ଥନୀତି, ରାଜନୀତି ବିଜ୍ଞାନ ଏବଂ ପ୍ରାଣୀବିଜ୍ଞାନ ପ୍ରଭୃତିକୁ ମାତୃଭାଷାରେ ଶିକ୍ଷାଦାନ କରାଯାଇପାରେ।

ଅନୁଧ୍ୟାନରୁ ସ୍ପଷ୍ଟ ହୋଇ ସାରିଛି ଯେ, ମାତୃଭାଷାରେ ଅଧ୍ୟୟନ କଲେ ଜଣେ ଛାତ୍ର ଯେତେ ଶୀଘ୍ର ବିଷୟଟିକୁ ଗ୍ରହଣ କରେ, ଅନ୍ୟ ଭାଷାରେ ତାହା ପାଇଁ ଜଟିଳ ସମସ୍ୟା ସୃଷ୍ଟି କରେ। ସବୁ ଯେମିତି ଅସ୍ପଷ୍ଟ ଏବଂ ଅବୋଧ ରହେ। ଏସବୁ ଦୃଷ୍ଟିକୋଣରୁ ବିଚାର କଲେ ମାତୃଭାଷାର ଶିକ୍ଷାଦାନ କରିବା କ୍ଷେତ୍ରରେ ପଥରୋଧ କାହିଁକି ? କାହିଁକି ମାତୃଭାଷା ପ୍ରତି ବିମୁଖତା ପ୍ରକାଶ କରୁଛନ୍ତି ଆମ ସର୍କାର। କାହିଁକି ମାତୃଭାଷା ଶିକ୍ଷାକୁ ବାଧ୍ୟତାମୂଳକ କରାଯାଉ ନାହିଁ। ଛତୁ ଫୁଟିଲା ଭଳି ଇଂରାଜୀ ମାଧ୍ୟମ ସ୍କୁଲ ପୌନପୌନିକ ରୀତିରେ ବୃଦ୍ଧି ପାଇବାରେ ଲାଗିଛି। ଇଂରାଜୀ ଭାଷାଟିଏ ଶିଖିଗଲେ ସତେ ଯେମିତି ସ୍ୱର୍ଗରୁ ପାରିଜାତ ଫୁଲ ପାଇବାର ଅଭିପ୍ସା ରହୁଛି। ଏହା କ'ଣ ଗୋଟିଏ ସୁସ୍ଥ ତଥା ଓଡ଼ିଆ ଭାଷାଭିତ୍ତିକ ରାଜ୍ୟ ପ୍ରତି କୁଠାରଘାତ ନୁହେଁ କି ? ଏପରିକି, ଓଡ଼ିଆ ସର୍କାର ପ୍ରତି ବ୍ଲକ୍‌ର ଆଦର୍ଶ ବିଦ୍ୟାଳୟ (ଗଜ୍ଞୟରକ୍ଷ) ଖୋଲି ଚାଲିଛନ୍ତି। ସେଥିରେ ସି.ବି.ଏସ୍.ସି. ପ୍ରଣାଳୀୟ ପାଠପଢ଼ା ହେବାର ଯୋଜନା ମଧ୍ୟ ପ୍ରସ୍ତୁତ କରାଯାଇଛି। ମାତ୍ର ଓଡ଼ିଆ ଭାଷା (ମାତୃଭାଷା) ପ୍ରତି ଗୁରୁତ୍ୱାରୋପ କରାଯାଇ ନାହିଁ। ଏହା ପଛରେ କେଉଁମାନେ ଖଳନାୟକ ସାଜିଛନ୍ତି, ତାହା ବୁଝା ପଡୁନାହିଁ। ଏସବୁ ଯଦି ଏମିତି ଘଟି ଚାଲେ ମାତୃଭାଷାର ବିକାଶ ହେବ କେମିତି ?

ମାତୃଭାଷାରେ ରଚିତ ପୁସ୍ତକ ଅଧ୍ୟୟନ କରିବାରେ ମଧ୍ୟ ଆଜିର ଯୁବଗୋଷ୍ଠୀ ହେୟ ମନେ କରୁଛନ୍ତି। ଫେସ୍‌ବୁକ୍, ମେସେଞ୍ଜର ଏବଂ ହ୍ୱାର୍ଡସ୍ ଆପ୍‌ରେ ଜୋର୍‌ଦାର ଚାଟ୍ ଚାଲିଛି। ଅବଶ୍ୟ ଚାଟିଂର ଭାଷା ଏକ ନିର୍ଦ୍ଦିଷ୍ଟ ନୁହେଁ। ଅଧା ଓଡ଼ିଆ, ଅଧା ଇଂରାଜୀ ପୁଣି ଅଧା ହିନ୍ଦୀ। ଏଭଳି କ୍ଷେତ୍ରରେ ମାତୃଭାଷାର ଅବସ୍ଥା କ'ଣ ହେଉଥିବ, ତାହା ଆଜି ଚିନ୍ତାର କାରଣ ପାଲଟିଛି। ଭାବ ବିନିମୟ ଜନିତ ବୈପ୍ଲବିକ ଯୁଗରେ ପ୍ରତ୍ୟେକ ମଣିଷ ଗଣମାଧ୍ୟମର ଅଷ୍ଟବକ୍ର ଭାଷା ଦ୍ୱାରା ଭାରାକ୍ରାନ୍ତ ହୋଇ ପଶୁଥିବାରୁ ପଠନ ଉପରେ ଗୁରୁତ୍ୱ ଦିଆଯାଉ ନାହିଁ। ପଠନ ହେଉଛି ଲେଖକ ଏବଂ ପାଠକ ମଧ୍ୟରେ ପାରସ୍ପରିକ ଅଂଶୀଦାର ଅନୁଭବ। କେବଳ ଏତିକି ନୁହେଁ, ଏହା ପାଠକର ଆଲୋଚନାତ୍ମକ ବିଚାରଧାରା ଉପରେ ନିର୍ଭର କରେ। ପଠନ ପ୍ରକ୍ରିୟା ହିଁ ଛାତ୍ରର ବିଚାର, ବୋଧଶକ୍ତିର ବ୍ୟାପକତା ବୃଦ୍ଧି କରାଇବା ସଙ୍ଗେ ସଙ୍ଗେ ସମୀକ୍ଷାତ୍ମକ ଚିନ୍ତନ ଏବଂ ଧୀ-ଶକ୍ତିର ସ୍ମରଣ କରାଇଥାଏ।

ମାତୃଭାଷା ମାଧ୍ୟମରେ ଶିକ୍ଷାଦାନ ପ୍ରଣାଳୀ ଏକ ଗୁରୁତ୍ୱପୂର୍ଣ୍ଣ କାରକ। ଏହା କେବଳ ଉପଜୀବ୍ୟ ନୁହେଁ, କ'ଣ କୁହାଗଲା ଅପେକ୍ଷା ତାର ଅଭିବ୍ୟକ୍ତ 'କିପରି କୁହାଗଲା' ଅଧ୍ୟୟନ ପ୍ରକ୍ରିୟାର ପ୍ରଧାନ ଭୂମିକା ଗ୍ରହଣ କରିଥାଏ। ଶ୍ରବଣ ଏବଂ ପଠନ ମଧ୍ୟରେ ଥିବା ପାର୍ଥକ୍ୟ ନିର୍ଦ୍ଧାରଣର ଅସଂଖ୍ୟ କାରକ ଦେଖିବାକୁ ମିଳେ। ଗୋଟିକର ପ୍ରଶ୍ନ ଅନ୍ୟଟିରେ ବିବୃତି, ମୁଖ୍ୟତଃ ମାତୃଭାଷା ପ୍ରତି ଆଗ୍ରହ ସୃଷ୍ଟି କରାଇବା ପ୍ରଧାନ ଦାୟିତ୍ୱ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କର। ଉପର ଦେଖାଣିଆ ଭାବେ ଅଧ୍ୟାପନା ଆଳରେ ସମୟ ଅତିବାହିତ କରିବା ଅର୍ଥ ମାତୃଭାଷାର ମାନ ହ୍ରାସ ହେବା। ଯଦି ଏପରି ହୁଏ, ତେବେ ଛାତ୍ରଛାତ୍ରୀମାନେ ମାତୃଭାଷା ପଠନ ପ୍ରତି ବିମୁଖତା ପ୍ରକାଶ କରିବା ସ୍ୱାଭାବିକ। ଛାତ୍ରଛାତ୍ରୀମାନଙ୍କ ମନନ କ୍ରିୟାକୁ ବିଶ୍ଳେଷଣ କରି ଶିକ୍ଷକ ଶିକ୍ଷୟିତ୍ରୀମାନେ 'ମାତୃଭାଷା' ମାଧ୍ୟମକୁ ଆପଣେଇବା ଆବଶ୍ୟକ।

ଶ୍ରେଣୀ ଗୃହରେ ଅଧ୍ୟୟନ ଛାତ୍ରଛାତ୍ରୀମାନଙ୍କ ମନସ୍ତତ୍ତ୍ୱକୁ ବିଶ୍ଳେଷଣ କରିବା ପ୍ରତ୍ୟେକ ଶିକ୍ଷକମାନଙ୍କର ଧ୍ୟେୟ ହେବା ଆବଶ୍ୟକ। ଶ୍ରେଣୀ ଗୃହରେ କେହି ଛାତ୍ରଛାତ୍ରୀ ହୁଏତ ଆମୋଦ ପ୍ରମୋଦ ଓ ବିଶ୍ରାମ ଚାହୁଁଥିଲା ବେଳେ କେହି ହୁଏତ କ୍ଳାନ୍ତି ପରିହାର କରିବାକୁ ଇଚ୍ଛା ପ୍ରକାଶ କରନ୍ତି। ଏପରି ସ୍ଥଳେ ଶିକ୍ଷକମାନଙ୍କର ଅନୁଭୂତିର ବ୍ୟାପକତାକୁ ସଂପ୍ରସାରଣ କରି ୩ଟି ପରିସର ସମ୍ପର୍କରେ ବିଚାର କରାଯାଇପାରେ, ଆତ୍ମବୋଧର ମନସ୍ତତ୍ତ୍ୱ ଦିଗଟିକୁ ଲକ୍ଷ୍ୟ କରିବା କିମ୍ବା କୌଣସି ପ୍ରକାର ସୌନ୍ଦର୍ଯ୍ୟାତ୍ମକ ପରିପୂର୍ଣ୍ଣ ଖୋଜି ବୁଲିବା। ଶିଶୁମାନେ ଯେଉଁ ବିଷୟରେ ଅଧ୍ୟୟନ କରନ୍ତି, ସେହିଥିରୁ ହିଁ ସେମାନେ କେବଳ ପ୍ରଶ୍ନ କରିଥାନ୍ତି। ସେଥିରୁ ସେମାନଙ୍କର ପଠନ ଆଗ୍ରହର ମୂଳ ବିନ୍ଦୁକୁ ଅନୁସନ୍ଧାନ କରାଯିବା ଆବଶ୍ୟକ। ଅପର ପକ୍ଷରେ ଛାତ୍ରଛାତ୍ରୀମାନଙ୍କ ଅଭିଭାବକମାନେ ମଧ୍ୟ ଏଥିପ୍ରତି ଧ୍ୟାନ ଦେବା ଜରୁରୀ। ବିଶେଷ କରି ପରିବାରର ପିତାମାତାମାନେ ନିଜ ନିଜ ସନ୍ତାନମାନଙ୍କ ସହ କଥାବାର୍ତ୍ତା କଲାବେଳେ ମାତୃଭାଷାର ଗୁରୁତ୍ୱ ସମ୍ପର୍କରେ ବୁଝାଇବା, ଦୈନନ୍ଦିନ ଜୀବନରେ ମାତୃଭାଷାର ଉପାଦେୟତା ସର୍ବୋପରି ଅଧ୍ୟୟନ କ୍ଷେତ୍ରରେ ମାତୃଭାଷାର ଭୂମିକା ସମ୍ପର୍କରେ ଯଦି ପ୍ରଥମ ବୀଜବପନ କରନ୍ତି, ତେବେ ନିଃସନ୍ଦେହ ଛାତ୍ରଛାତ୍ରୀମାନେ ନିଜ ମାତୃଭାଷା ପ୍ରତି ହତାଦାର କରିବେ ନାହିଁ।

ଭାଷା ହେଉଛି ଭାବପ୍ରକାଶ ଏବଂ ଭାବ ଆଦାନ ପ୍ରଦାନର ଏକ ବଳିଷ୍ଠ ମାଧ୍ୟମ। ସାମାଜିକ ଅନୁଷ୍ଠାନ ଭିତ୍ତିରେ ଭାଷା ଆଚରଣକୁ ସଂରଚନା କରାଯାଇପାରେ। ଭାଷାର ଆଧୁନିକତା ପ୍ରକ୍ରିୟାର ଭୂସମାନ୍ତର ଓ ଭୂଲମ୍ବି ଉଭୟ ବିଧ ବିଭାଜନ ରେଖାମାନ ରହିଛି। ଯାହା ଫଳରେ ଷ୍ଟାଣ୍ଡାର୍ଟ ଏବଂ ଅଣଷ୍ଟାଣ୍ଡାର୍ଟ ଉପଭାଷାମାନ ସୃଷ୍ଟି ହୋଇଛି। ବିଶିଷ୍ଟ ଭାଷା ବିଜ୍ଞାନୀ ରାମ ଭୋସ୍‌ଲେଙ୍କ ବ୍ୟକ୍ତି ସତ୍ତା ଅଧ୍ୟୟନ (Case of Study) (My Part-II, College Youth in Poona, a study of Elite in the Making) ପ୍ରକାଶ କାଳ ୧୯୬୦ ପୃଷ୍ଠା-୪୧ରେ ଉଲ୍ଲେଖ ଅଛି- 'ଭାଷା କେବଳ ଯେ ପାରିବାରିକ ସମ୍ପର୍କ ଉପରେ ନୂତନ ଗୁରୁତ୍ୱାରୋପ କରିଥାଏ, ତାହା ନୁହେଁ, ପରନ୍ତୁ ଏକ ସୃଜ୍ୟମାନ ଭଦ୍ରଗୋଷ୍ଠୀ ଗଠନ ସହିତ ଅଭିନ୍ନତା ସଂପାଦନ କରିବାରେ ବଳିଷ୍ଠ ଭାବରେ ପ୍ରଭାବ ପକାଇଥାଏ।' କେବଳ ସେତିକି ନୁହେଁ, ଘରେ ଯେଉଁ ଭାଷାରେ ସମ୍ପର୍କର ପୃଥିବୀ ଗଢ଼ି ଉଠେ, ଯେଉଁ ଭାଷାରେ କୋଟି ଲାବଣ୍ୟ ଫୁଲର ବର୍ଷା ହୁଏ, ତାହା ହିଁ ଆମ ପରିଚୟ ଏବଂ ଆମର ମାତୃଭାଷା।

ଏକବିଂଶ ଶତାବ୍ଦୀର ପ୍ରଥମ ଦଶକରୁ ଜଣାପଡୁଛି ଯେ ମାତୃଭାଷା ମାଧ୍ୟମର ବିଦ୍ୟାଳୟମାନଙ୍କର ଛାତ୍ରଛାତ୍ରୀମାନଙ୍କର ଉପସ୍ଥାନ ସଂଖ୍ୟା ଧୀରେ ଧୀରେ ହ୍ରାସ ପାଉଥିଲା ବେଳେ ଇଂରାଜୀ ମାଧ୍ୟମ ବିଦ୍ୟାଳୟମାନଙ୍କର ଆଶାତୀତ ଭାବେ ଛାତ୍ରଛାତ୍ରୀମାନଙ୍କର ଉପସ୍ଥାନ ସଂଖ୍ୟା ବୃଦ୍ଧି ହେବା ଆମ ଭାଷା ପ୍ରତି ପରୋକ୍ଷ ଆକ୍ରମଣ ନୁହେଁ କି ? ଏଥିପାଇଁ ଆମେ କୋମଳମତି ଛାତ୍ରଛାତ୍ରୀମାନଙ୍କୁ ଦାୟୀ କରିବା ଠିକ୍ ନୁହେଁ। ବରଂ ଏଥିପାଇଁ ବ୍ୟକ୍ତିଗତ ଭାବେ ଅଭିଭାବକମାନଙ୍କୁ ଦାୟୀ କରାଯାଇପାରେ। କାରଣ, ଆଜିର ବିଶ୍ୱ ଉଦାରୀକରଣ ପରୀପ୍ରେକ୍ଷୀରେ ଅଭିଭାବକମାନେ ନିଜ ଭାଷାକୁ ଗୁରୁତ୍ୱ ନଦେଇ ଦୀର୍ଘ ଦିନ ଧରି ଆମକୁ ଗୋଲାମ ରଖିଥିବା ଗୋଟିଏ ଇଂରେଜ ଜାତିର ବାନ୍ତିକରା ଭାଷାକୁ ଜପାମାଳି କରି ଚାଲିଛନ୍ତି।

ମୁଁ ଏଠାରେ ଇଂରାଜୀ ଭାଷା ସାହିତ୍ୟ ଉପରେ ଅଙ୍ଗୁଳି ନିର୍ଦ୍ଦେଶ କରୁନାହିଁ କି ସମାଲୋଚନା କରୁନାହିଁ। ଇଂରାଜୀ ଭାଷା ଅଧ୍ୟୟନ କରନ୍ତୁ, ଆପତ୍ତି ନାହିଁ କିନ୍ତୁ ମାତୃଭାଷା (ମା'ର ଭାଷାକୁ) ସଉତୁଣୀର ବ୍ୟବହାର ନ କରନ୍ତୁ। ଏଥିପାଇଁ ତ ଫକୀରମୋହନ ସେନାପତି କହିଛନ୍ତି- 'ଭଲ ଗୋଟେ ମାତୃଭାଷା କିସ ହେବ ଭାଇ / ଚଳି ଯାଉଅଛି କାମ ରୁଣ୍ଡାର ପୁଣ୍ଡାର / କୁକୁର କି ପାଇଁ ଗୋଟେ ବନ୍ଧାଇବ ଘର / ଚାଟି ବୁଲେ ବାରମିଶା ଅଇଁଠା ପତର।'

ଓଡ଼ିଆ ଭାଷା ପ୍ରତି ଅନାଦାର ହେବାର ଅନ୍ୟ ଏକ କାରଣ ଆମ ଶିକ୍ଷା ବ୍ୟବସ୍ଥାର ବୈମାତୃକ ଭାବ। ଶିକ୍ଷାୟତନ ମାନଙ୍କରେ ମାତୃଭାଷାର ଶିକ୍ଷକମାନଙ୍କୁ ହେୟ (ଗୌଣ) ଦୃଷ୍ଟିରେ ଦେଖାଯାଉଛି। ଏହା ଆମ ଶିକ୍ଷା ବ୍ୟବସ୍ଥାର ଏକ ଦୁର୍ଭାଗ୍ୟ ଜନକ କଥା। ସବୁଠି ବିସ୍ମୟର କଥା ସର୍ବଭାରତୀୟ ପ୍ରଶାସନିକ ସେବା ପାଇଁ ଅନ୍ୟାନ୍ୟ ଆଞ୍ଚଳିକ ଭାଷାରେ ପରୀକ୍ଷା ଦେବା ପାଇଁ ସୁଯୋଗ ଥିଲେ ମଧ୍ୟ ଏକ ସର୍ବପ୍ରାଚୀନ ଶାସ୍ତ୍ରୀୟ ମାନ୍ୟତାପ୍ରାପ୍ତ ଓଡ଼ିଆ ଭାଷାକୁ ଉପେକ୍ଷା କରିବା ଓଡ଼ିଶାବାସୀଙ୍କ ପ୍ରତି ଚରମ କୁଠାରାଘାତ ନୁହେଁ କି ? ଏଥିପାଇଁ ଆମକୁ ଏକ୍ ହେବାକୁ ପଡ଼ିବ। ଏକ ସ୍ୱରରେ ଆମ ଭାଷା ଏବଂ ସାହିତ୍ୟର ଗତି ନିର୍ଦ୍ଧାରଣ କରିବାକୁ ପଡ଼ିବ। ସରକାରଙ୍କ ଉପରେ ଚାପ ପକାଇ ଗୋଟିଏ ଐତିହ୍ୟପୂର୍ଣ୍ଣ ସମ୍ରାଟ ଖାରବେଳଙ୍କ ମାଟିର ସମ୍ମାନ ରଖିବାକୁ ପଡ଼ିବ। ତେବେ ଯାଇ ଆମେ ନିଜର ମାଆ, ମାଟି ଓ ମାତୃଭାଷାକୁ ଆପଣାର କରିପାରିବା। (ସମାପ୍ତ)

କାଦ୍ରାବାଦ, ସୁନହଟ, ବାଲେଶ୍ୱର, ମୋ. ୯୪୩୮୨୯୦୦୭୨

---

## ସ୍ମୃତି ଶତଦଳ ୨୦୫

# ଆସାମର ଆତ୍ମୀୟତା (୩)



ଡା. ସରୋଜିନୀ ଷଡଙ୍ଗୀ
ଲିଙ୍କରୋଡ଼, କଟକ-୧୨
ଫୋନ୍-୯୪୩୭୦୫୫୦୦୭

**ପୁରାଣ ଅନୁଯାୟୀ ଶିବଙ୍କ ଧ୍ୟାନ ଭାଙ୍ଗିବାକୁ କାମଦେବ ଚେଷ୍ଟା କଲାବେଳେ ଶିବଙ୍କ କ୍ରୋଧରେ ଜଳି ଜଳି ସେ ପାଉଁଶ ହୋଇଗଲେ । କାମଦେବଙ୍କ ପତ୍ନୀ ରତି କାମଦେବଙ୍କର ଜୀବନ ଦାନ ପାଇଁ ଶିବଙ୍କୁ ପ୍ରାର୍ଥନା କରିବାରୁ ଶିବ କହିଥିଲେ, "ଯେଉଁ ସ୍ଥାନରେ ସତୀଙ୍କର ଯୋନି ପଡ଼ିଛି ସେହି ସ୍ଥାନରେ ଏକ ମନ୍ଦିର ନିର୍ମାଣ କରିବେ କାମଦେବ ।" ତେଣୁ କାମଦେବ ନୀଳାଚଳ ପାହାଡ଼ ଉପରେ ସତୀଙ୍କ ପାଇଁ ମନ୍ଦିର ନିର୍ମାଣ କରିଥିଲେ ।**

(ପୂର୍ବ ପ୍ରକାଶିତ ଉତ୍ତାରୁ)

କାମାକ୍ଷା ମନ୍ଦିର ହେଉଛି ଗୌହାଟୀର ଆକର୍ଷଣର କେନ୍ଦ୍ରବିନ୍ଦୁ ଏବଂ ଏହି ଦେବୀ କାମାକ୍ଷା ମନ୍ଦିର ହିଁ ଆସାମକୁ ଦେଇଛି ଏକ ସ୍ୱତନ୍ତ୍ର ପରିଚୟ । ନୀଳାଚଳ ପାହାଡ଼ ଉପରେ ଅବସ୍ଥାନ କରନ୍ତି ମା'କାମାକ୍ଷା । ଶିବ ପୁରାଣ ଅନୁଯାୟୀ ଦକ୍ଷରାଜାଙ୍କର ଯଜ୍ଞକୁ ସତୀ ଅନିମନ୍ତ୍ରିତ ଭାବେ ଯାଇଥିଲେ ଏବଂ ଶିବଙ୍କର ଅପମାନ ସହି ନ ପାରି ଯଜ୍ଞକୁଣ୍ଡରେ ଝାସ ଦେଇଥିଲେ । ଶିବ ସତୀଙ୍କର ଅର୍ଦ୍ଧନଗ୍ନ ଶରୀରକୁ ଧରି ତାଣ୍ଡବ ନୃତ୍ୟକରି ସୃଷ୍ଟିକୁ ଧ୍ୱଂସ କରିବାକୁ ବଦ୍ଧପରିକର ହେଲେ । ଶିବଙ୍କ କୋପାନଳ ଓ ତାଣ୍ଡବ ନୃତ୍ୟରେ ସାରା ସୃଷ୍ଟିକୁ ଧ୍ୱଂସ ମୁଖରୁ ରକ୍ଷା କରିବା ପାଇଁ ବ୍ରହ୍ମା ଆଦି ସବୁ ଦେବତାମାନେ ବିଷ୍ଣୁଙ୍କୁ ପ୍ରାର୍ଥନା କଲେ ଏବଂ ବିଷ୍ଣୁ ସୁଦର୍ଶନ ଚକ୍ର ଦ୍ୱାରା ସତୀଙ୍କ ଶରୀରକୁ ଖଣ୍ଡ ଖଣ୍ଡ କରି କାଟିପକାଇଲେ । ସତୀଙ୍କ ଶରୀର ୫୧ ଖଣ୍ଡ ହୋଇ ଭିନ୍ନ ଭିନ୍ନ ସ୍ଥାନରେ ପଡ଼ିଲା ଏବଂ ପରବର୍ତ୍ତୀ ସମୟରେ ସେଇ ସବୁ ସ୍ଥାନ ଶକ୍ତିପୀଠ ରୂପରେ ଖ୍ୟାତ ହେଲା । ପୌରାଣିକ ତଥ୍ୟ ଅନୁଯାୟୀ ସତୀଙ୍କ ଯୋନି ନୀଳାଚଳ ପାହାଡ଼ ଉପରେ ପଡ଼ିଥିଲା, ଯାହା କାମାକ୍ଷା ମନ୍ଦିର ରୂପେ ପ୍ରସିଦ୍ଧି ଲାଭ କଲା । ସତୀଙ୍କର ଏହି ଅଂଶ ମନ୍ଦିରର ଗର୍ଭଗୃହରେ ଲାଲ ରଙ୍ଗର ରେଶମ କପଡ଼ାରେ ଘୋଡ଼ା ହୋଇ ପୂଜା ପାଇଥାଏ ।

ପୁରାଣ ଅନୁଯାୟୀ ଶିବଙ୍କ ଧ୍ୟାନ ଭାଙ୍ଗିବାକୁ କାମଦେବ ଚେଷ୍ଟା କଲାବେଳେ ଶିବଙ୍କ କ୍ରୋଧରେ ଜଳି ଜଳି ସେ ପାଉଁଶ ହୋଇଗଲେ । କାମଦେବଙ୍କ ପତ୍ନୀ ରତି କାମଦେବଙ୍କର ଜୀବନ ଦାନ ପାଇଁ ଶିବଙ୍କୁ ପ୍ରାର୍ଥନା କରିବାରୁ ଶିବ କହିଥିଲେ, "ଯେଉଁ ସ୍ଥାନରେ ସତୀଙ୍କର ଯୋନି ପଡ଼ିଛି ସେହି ସ୍ଥାନରେ ଏକ ମନ୍ଦିର ନିର୍ମାଣ କରିବେ କାମଦେବ ।" ତେଣୁ କାମଦେବ ନୀଳାଚଳ ପାହାଡ଼ ଉପରେ ସତୀଙ୍କ ପାଇଁ ମନ୍ଦିର ନିର୍ମାଣ କରିଥିଲେ । ସେଥିପାଇଁ ଆସାମର ପୁରୁଣା ନାଁ ଥିଲା କାମରୂପ । ଐତିହାସିକ ତଥ୍ୟରୁ ଜଣାଯାଇଛି ଯେ, କୁଚବିହାରର ରାଜା ନରନାରାୟଣ ଓ ତୈଳରାଇ ମିଶି ସପ୍ତଦଶ ଶତାବ୍ଦୀରେ ଦେବୀଙ୍କ ମନ୍ଦିର ପୁନଃ ନିର୍ମାଣ କରିଥିଲେ ।

ଚିତ୍ରରେ ଦେବୀ କାମାକ୍ଷା ଏକ ୧୬ ବର୍ଷର ତରୁଣୀର ରୂପଧାରଣ କରିଥା'ନ୍ତି । ୧୨ଟି ହାତ ଓ ୬ ମସ୍ତକ ବିଶିଷ୍ଟ ଶକ୍ତିଶାଳୀ, ସର୍ବ ବିଦ୍ୟମାନ ହିସାବରେ ଦେବୀ ଦୃଶ୍ୟମାନ ହୁଅନ୍ତି । ଲାଲଶାଢ଼ୀ, ଗହଣା ପରିହିତା ଦେବୀଙ୍କର ଗଳାରେ ମନ୍ଦାର ଫୁଲ ଶୋଭା ପାଉଥାଏ । ହାତରେ ଥାଏ ପଦ୍ମ, ତ୍ରିଶୂଳ, ଖଣ୍ଡା, ଘଣ୍ଟି, ଧନୁ, ଶର । ଶିବଙ୍କ ଆଶ୍ରିତ ହୋଇ, ଦେବୀ ସିଂହ ଉପରେ ପଦ୍ମଫୁଲରେ ଅବସ୍ଥାନ କରିଥାନ୍ତି ଏବଂ ତାଙ୍କର ଉଭୟ ପାଖରେ ଥା'ନ୍ତି ବ୍ରହ୍ମା ଓ ବିଷ୍ଣୁ ।

ଆମେ ସୂର୍ଯ୍ୟୋଦୟ ପୂର୍ବରୁ କାମାକ୍ଷା ଦେବୀଙ୍କ ମନ୍ଦିର ଯାଇ ସ୍ୱତନ୍ତ୍ର ଭାବରେ ଦର୍ଶନ ଓ ପୂଜାର୍ଚ୍ଚନା କରି ଫେରିଆସିଲୁ । ସେ ମୁହୂର୍ତ୍ତ ଆମ ପାଇଁ ଅପୂର୍ବ ଥିଲା । କାମାକ୍ଷାଦେବୀଙ୍କ ଦର୍ଶନ ପରେ ଆମେ ଗୌହାଟୀ ମେଡ଼ିକାଲ୍ କଲେଜ ଫେରିଥିଲୁ । ସେଠାରେ ଆମକୁ ଗାମୁଛା, ଜାପି ଓ ଗୟଳ ମୂର୍ତ୍ତି ଦେଇ ସମ୍ମାନିତ କରିଥିଲେ । ମତେ ଖୁବ୍ ସୁନ୍ଦର ଚମ୍ପାରଙ୍ଗର ଆସାମୀ ପାଟଶାଢ଼ୀ ଉପହାର ସ୍ୱରୂପ ଦେଇଥିଲେ ।

ଆସାମବାସୀଙ୍କର ଜୀବନ ଶୈଳୀର ପ୍ରତୀକ ହେଉଛି ଗାମୁଛା, ଜୋରାଇ, ଜାପି ଓ ତାମୁଲପାନ । ଗାମୁଛାକୁ ଆସାମ ସଂସ୍କୃତିର ଏକ ପ୍ରତୀକ ହିସାବରେ ଗ୍ରହଣ କରାଯାଇଛି । ହାତରେ ବୁଣା ହୋଇଥିବା ସୂତା କିମ୍ବା ରେଶମର ଏମ୍ବ୍ରୋଡୋରୀ ପୂର୍ଣ୍ଣ ଗାମୁଛା ଓ ସୁନ୍ଦର ବେତରେ ଫୁଲ ଲାଗିଥିବା 'ଜାପି' ଅତିଥିମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ବେଳେ ଆଦରରେ ପ୍ରଦାନ କରାଯାଇଥାଏ ।

ଆମେ ଲଂଚ ପରେ ପରେ ବାହାରିଲୁ ମେଘାଳୟର ସିଲଂକୁ, ଯାହା ଏକ ସୁନ୍ଦର ଶୈଳ ନିବାସ । ପ୍ରାୟ ୬-୭ ଘଣ୍ଟାର ରାସ୍ତା ଆମେ କାର୍‌ରେ ଗଲାବେଳେ, ଦୁଇ ପାର୍ଶ୍ୱରେ ଥିବା ରମଣୀୟ ଓ ସୁନ୍ଦର ଗଛଲତା, ଚା' ବଗିଚା ଓ ସବୁଜ ଅରଣ୍ୟ ଦେଖି ଦେଖି ଯାଉଥିଲୁ । ସେ ଦୃଶ୍ୟ ଏତେ ଚମତ୍କାର ଯେ, କ୍ୟାମେରା ମଧ୍ୟ ସେ ସୌନ୍ଦର୍ଯ୍ୟକୁ ଧରି ରଖିବା ସମ୍ଭବ ନ ଥିଲା। କେବଳ ମନ ଓ ହୃଦୟର ପରଦାରେ ବୋଧହୁଏ ତାହା ଲିପିବଦ୍ଧ ହୋଇ ରହିଯାଇଥିଲା, ଯେଉଁ ଦୃଶ୍ୟ ଏବେ ମଧ୍ୟ ଆମେ ଭୁଲି ପାରିନାହୁଁ ।

ସିଲଂ ୧୯୭୨ ପର୍ଯ୍ୟନ୍ତ ଆସାମର ରାଜଧାନୀ ଥିଲା ଏବଂ ୧୯୭୨ରେ ମେଘାଳୟର ଅନ୍ତର୍ଭୁକ୍ତ ହୋଇ ତା'ର ରାଜଧାନୀ ହେଲା ଯାହାକୁ "ମେଘମାଳାର ବାସଗୃହ ବା ଆବୋଡ଼ ଅଫ୍ କ୍ଲାଉଡ଼ସ୍" ବୋଲି କୁହାଯାଏ । ଏହା ଏକ ରମଣୀୟ ହିଲ୍ ଷ୍ଟେସନ୍- ଏଠାରେ "ନେହୁ" ବା ନର୍ଥ ଇଷ୍ଟର୍ଣ୍ଣ ହିଲ୍ ୟୁନିଭର୍ସିଟି ଅଛି । ଆମେ ପହଂଚିଲା ବେଳକୁ ସନ୍ଧ୍ୟା ଗଡ଼ି ଯାଇଥିଲା ଏବଂ ଶୀତ ଏତେ ପ୍ରବଳ ମାତ୍ରାରେ ହେଉଥିଲା ଯେ, ଆମେ ଶୀତରେ ଥରି ଯାଉଥିଲୁ । ପ୍ରାୟ ଜନବସତିର ୩୦ କି.ମି. ଦୂରରେ ନର୍ଥ ଇଷ୍ଟ ମେଡ଼ିକାଲ କଲେଜ ଥିଲା । ସେଠି ଗେଷ୍ଟ ହାଉସ୍‌ରେ ପହଂଚିଲା ବେଳକୁ ଆମର ଦାନ୍ତକୁ ଦାନ୍ତ ଶୀତରେ ଠକ୍ ଠକ୍ ହୋଇ ଥରୁଥିଲା । ଗରମ ପାଣିରେ ହାତ ମୁହଁ ଧୋଇ, ରୁମ୍‌ହିଟର ରଖି ଆମେ ଶୋଇଲୁ । ସେଠି ମେଡ଼ିକାଲ କଲେଜରେ ସ୍ତ୍ରୀରୋଗ ଓ ପ୍ରସୂତି ବିଶେଷଜ୍ଞ ଡଃ ଦାଶ୍ ଓ ହୃଦ୍‌ବକ୍ଷଶଲ୍ୟ ଚିକିତ୍ସକ ଆମର ସବୁ ପ୍ରକାର ଯତ୍ନ ନେଇଥିଲେ । ଆମେ ସକାଳୁ ଉଠି ମେଡ଼ିକାଲ୍ କଲେଜ ବୁଲି ସେଠିକାର କିଛି ଦର୍ଶନୀୟ ସ୍ଥାନଦେଖି ଗୌହାଟୀ ଫେରିବାକୁ ବାହାରିଲୁ । ଫେରିଲାବେଳେ ଏଲିଫାଣ୍ଟ ଫଲସ୍, ଦି କ୍ୟାଥେଡ୍ରାଲ୍ ଅଫ୍ ମେରି ହେଲ୍ପ ଅଫ୍ କ୍ରିଷ୍ଟିଆନସ୍ ଓ ୱାର୍ଡ଼ର ଲେକ୍ ବୁଲି, ପୁଣି ସେଇ,ସୁନ୍ଦର ସବୁଜ ବୃକ୍ଷରାଜି ଓ ଚା' ବଗିଚା ଦେଖି ଦେଖି ଗୌହାଟୀ ଫେରିଲୁ ଏବଂ ସେଠାରୁ ସିଧା ଏଆର୍‌ପୋର୍ଟ ଆସି କଲିକତା ଓ କଲିକତାରୁ ଭୁବନେଶ୍ୱର ଆସିଲୁ ।


ତେବେ ଆସାମ ଭ୍ରମଣ ବିଶେଷଭାବରେ ବ୍ରହ୍ମପୁତ୍ର ନଦୀର ବିସ୍ତୀର୍ଣ୍ଣ ଜଳରାଶି ଓ ତା' ଉପରେ ପଡ଼ିଥିବା ଅସ୍ତଗାମୀ ସୂର୍ଯ୍ୟଙ୍କର ଲାଲ୍ କିରଣର ଆଭା, ଗୌହାଟୀ ସହର, କାମାକ୍ଷାଦେବୀଙ୍କ ଦର୍ଶନ ଓ ସିଲଂ ହିଲ୍‌ଷ୍ଟେସନ୍‌ର ମନୋରମ ଦୃଶ୍ୟ ଆମ ହୃଦୟରେ ଚିରଦିନ ଜୀବନ୍ତ ହୋଇ ରହିଥିବ ।

(କ୍ରମଶଃ)

---

## ପୁସ୍ତକ ସମୀକ୍ଷା

**'ସାହିତ୍ୟର ପାରାବାର'**
(ଗଳ୍ପ ସଂକଳନ)
ଲେଖକ: ଡ. ଭଗବାନ ପଟେଲ
ପ୍ରକାଶକ- ଲିପିକା
ନିଜିଗଡ଼ କୁରୁଖ, ହରିରାଜପୁର, ଜଟଣୀ, ପୁରୀ-୭୫୨୦୫୦
ମୂଲ୍ୟ-୨୦୦/-




# ତର୍କ ଓ ତଥ୍ୟର ଗନ୍ତାଘର- ଡଃ ଭଗବାନ ପଟେଲଙ୍କ ସଦ୍ୟତମ ସଂକଳନ 'ସାହିତ୍ୟର ପାରାବାର'

ପ୍ରବଂଧ ଅବା ସମାଲୋଚନା ସାହିତ୍ୟ ସୁଖପାଠ୍ୟ ହୋଇପାରେ; ହୋଇପାରେ ସରଳ ଓ ସାବଲୀଳ, ସେଥିରେ ଅନେକ ତଥ୍ୟ, ବହୁତ ଉଦ୍ଧୃତି, ଅମାପ ଏଷଣା ସତ୍ତ୍ୱେ ସାଧାରଣ ପାଠକଟିଏ ବି ଆଗ୍ରହୀ ହୋଇପାରେ- ଏବଂ ଏସବୁ କଥା ଭାରି ସତ ମନେହୁଏ ପଢ଼ିଲା ବେଳେ ଡଃ ଭଗବାନ ପଟେଲଙ୍କ ସଦ୍ୟତମ ପ୍ରବଂଧ ସଂକଳନ- 'ସାହିତ୍ୟର ପାରାବାର' ।

କହିବା ନିଷ୍ପ୍ରୟୋଜନ ଯେ, ଆଜିର ଦିନରେ ହାତଗଣତି କେଇଜଣ ସମାଲୋଚକ, ଯେଉଁମାନେ ତଥ୍ୟଗତ ଭାବେ କୌଣସି ସ୍ରଷ୍ଟା ଓ ସେମାନଙ୍କ ସୃଷ୍ଟିର ଆକଳନ କରୁଛନ୍ତି, ସେମାନଙ୍କ ମଧ୍ୟରେ ଡଃ ପଟେଲ ବେଶ୍ ପରିଚିତ ନାଁ ଟିଏ ।

ସଙ୍କଳନର ନାମକରଣର ଯଥାର୍ଥତା ସହଜରେ ପ୍ରତିପାଦିତ ହୁଏ ଯଦିଓ ମାତ୍ର ୧୨ଗୋଟି ପ୍ରବଂଧ ଏଥିରେ ସ୍ଥାନିତ ।

ଏହି ଷୋହଳତମ କୃତିଟିର ଉପୋଦ୍‌ଘାତ କରିଛନ୍ତି ସୌଭାଗ୍ୟବନ୍ତ ମହରଣା । ଦୀର୍ଘ ୫ ପୃଷ୍ଠା ବ୍ୟାପୀ ତାଙ୍କ ସେଇ ଆଲୋଚନା ଉଭୟ ଡଃ ପଟେଲ ଏବଂ ତାଙ୍କ ପ୍ରବଂଧ ସମୂହକୁ ପାଠ କରିବା ପାଇଁ କୌଣସି ବି ସାଧାରଣ ପାଠକକୁ ପ୍ରଲୁବ୍ଧ କରିବ ନିଶ୍ଚୟ । ସେ କହିଛନ୍ତି- "ଡଃ ପଟେଲ ଜଣେ ମର୍ଯ୍ୟାଦାବନ୍ତ ସାହିତ୍ୟ ଶାସ୍ତ୍ରୀ ଯାହାଙ୍କ ଆତ୍ମାର ଅନୁରଣନରେ ସମାଲୋଚନାର ପ୍ରତିବଦ୍ଧତା ରହିଛି ।" +++ "ଡଃ ପଟେଲଙ୍କ ସମାଲୋଚନାର ସୃଜନ-ପ୍ରକ୍ରିୟା ଓଡ଼ିଆ ସାହିତ୍ୟରେ ଦିଗବାରେଣୀ ସଦୃଶ" ଏବଂ ଓଡ଼ିଆ ସାହିତ୍ୟର ସମାଲୋଚନା ବିଭାଗକୁ ନିଜର ଅନବଦ୍ୟ ଷୋହଳତମ ପୁସ୍ତକ ଅର୍ପଣ କରୁଥିବା ସମାଲୋଚକ ଡଃ ପଟେଲଙ୍କ ଯଥାର୍ଥ ମୂଲ୍ୟାୟନ ବୋଲି ମୋର ମନେହୁଏ ।

ଡଃ ପଟେଲଙ୍କ ଭାବଭୂମି ଆଧୁନିକ କବିତା । ତାଙ୍କ ନିରବଚ୍ଛିନ୍ନ ସାହିତ୍ୟ ସାଧନା ଓଡ଼ିଆ ସାହିତ୍ୟକୁ ପୁଷ୍କଳ କରିଛି ନିଶ୍ଚିୟ । ନବୀନଙ୍କଠାରୁ ବରିଷ୍ଠ ତାଙ୍କ ସମୀକ୍ଷାର ଧାରା Spontaneous overflow ପରି ପ୍ରବହମାନ ସର୍ବଦା । ତାଙ୍କ ସମାଲୋଚନାରେ ସେ ଓଡ଼ିଶାର ଅଗଣିତ କବି, ଗାଳ୍ପିକ, ନାଟ୍ୟକାର, ପ୍ରାବନ୍ଧିକ ଓ ଔପନ୍ୟାସିକଙ୍କ ସାହିତ୍ୟକୃତିକୁ ସମୃଦ୍ଧି ଓ ସୁଦୀପ୍ତ କରିପାରିଛନ୍ତି, ଏଥିରେ ସତ୍ୟର ଅପଳାପ ନାହିଁ ।

ରୀତି ଯୁଗର କବି ଅଭିମନ୍ୟୁ ସାମନ୍ତସିଂହାରଙ୍କ ଠାରୁ ଆରମ୍ଭ କରି ଭୀମ ଭୋଇ, ଫକୀରମୋହନ, ସଚ୍ଚି ରାଉତରା, ବିନୋଦ ଚନ୍ଦ୍ର ନାଏକ, ସୀତାକାନ୍ତ ମହାପାତ୍ର, ହୃଷୀକେଶ ମଲ୍ଲିକଙ୍କ ପର୍ଯ୍ୟନ୍ତ ସୃଷ୍ଟି ଓ ସ୍ରଷ୍ଟାମାନଙ୍କର ସୁସଂହତ ସମାଲୋଚନା ଯେ କୌଣସି ପାଠକଙ୍କୁ ବାନ୍ଧି ରଖିବା ପାଇଁ ସମର୍ଥ ।

ସାରସ୍ୱତ ସାଧକ ବ୍ରଜ ମୋହନ ପଣ୍ଡାଙ୍କ ଉପରେ ସ୍ୱତନ୍ତ୍ର ଅଧ୍ୟାୟଟିଏ ସଂଯୋଜିତ କରି ଡଃ ପଟେଲ 'ସାହିତ୍ୟର ପାରାବାର'କୁ ସାର୍ଥକ କରିଛନ୍ତି । ଶେଷ ପ୍ରବଂଧ 'ଉତ୍ତର ସତୁରୀ' ଓଡ଼ିଆ କବିତାରେ ପାରିବାରିକ ଜୀବନ ଚିତ୍ର ସଂପୂର୍ଣ୍ଣ ନୂଆ ଦିଗକୁ ଉନ୍ମୋଚିତ କରୁଛି ।

ଦୀର୍ଘ ୨୧୬ ପୃଷ୍ଠା ବ୍ୟାପୀ ଏଇ ପ୍ରବଂଧ ସଂକଳନର ଗୁରୁତ୍ୱ ଏବଂ ବିଷୟ ବିନ୍ୟାସ କ୍ରମ ଯୋଗୁଁ ଅନ୍ୟ ସଂକଳନଠୁ ଅଲଗା ବୋଲି ସହଜରେ ବାରି ହୋଇଯାଉଛି ।

'ସମୁଦ୍ରକୁ ଶଙ୍ଖେ' ଶୀର୍ଷକରେ ଅଧ୍ୟାପକ ହେମନ୍ତ କୁମାର ପଟେଲ ମହୋଦୟ ଆପଣାର ଅଗ୍ରଜ ମାର୍ଗଦର୍ଶକ ଡଃ ପଟେଲଙ୍କ ଉଦ୍ଦେଶ୍ୟରେ ଭକ୍ତି ଅର୍ଘ୍ୟ ବାଢ଼ି କହିଛନ୍ତି-

"ପାରାବାରକୁ ବୁଝିବା ଓ ବୁଝାଇବା ନିଶ୍ଚିତ ଭାବେ ସହଜ ବ୍ୟାପାର ନୁହେଁ । କିନ୍ତୁ ଡଃ ପଟେଲ ସାହିତ୍ୟର ପାରାବାରକୁ ଓହ୍ଲାଇଛନ୍ତି, ପହଁରିଛନ୍ତି, ବୁଡ଼ିଛନ୍ତି, ଗୋଟାଇଛନ୍ତି, ଶାମୁକା ଓ ମୁକ୍ତା + + + + । ବେଶ୍ ପ୍ରଣିଧାନଯୋଗ୍ୟ ତାଙ୍କର ଏକଥା ।

କହିବା ଅନାବଶ୍ୟକ ଡଃ ପଟେଲଙ୍କ ଅସୀମିତ ଆଗ୍ରହ ଏବଂ ଚରମ ଅଧ୍ୟବସାୟର ଫଳଶ୍ରୁତି "ସାହିତ୍ୟର ପାରାବାର" ଓଡ଼ିଆ ସମାଲୋଚନା ସାହିତ୍ୟକୁ ଏକ ଅମୂଲ୍ୟ ଅବଦାନ- ଏହା ନିଃସନ୍ଦେହ ।

ପୁସ୍ତକର ଛତ୍ରେ ଛତ୍ରେ ଇଂରାଜୀ ସାହିତ୍ୟର ଧୂରୀଣ ସମାଲୋଚକ T.S Eliot, mathew Arnold, I.X.Richards, W.H. Hudson, kenneth Berk, Winklith ଇତ୍ୟାଦିଙ୍କ ଉକ୍ତି ଉଦ୍ଧାର କରି ଡଃ ପଟେଲ ସ୍ୱୀୟ ବହୁ ପାଠିତାର ପରିଚୟ ପ୍ରଦାନ କରିଛନ୍ତି ।

ଅବସରପ୍ରାପ୍ତ ପ୍ରାଧ୍ୟାପକ ଶରତ ଚନ୍ଦ୍ର ରଥଙ୍କ ମତରେ "ଭାଷାର ସ୍ୱଚ୍ଛଳତା, ଭାବର ପ୍ରବହମାନତା, ଅନୁସନ୍ଧାନର ସାନ୍ଦ୍ରତା, ପ୍ରସ୍ତାବନାର ସ୍ପଷ୍ଟତା, ଶୈଳୀର ସ୍ୱାଭାବିକତା ସମାଲୋଚନା ଗୁଡ଼ିକୁ ପ୍ରାଣବନ୍ତ ତଥା ରସବନ୍ତ କରିପାରିଛି ।"

ଯଦିଓ କେତେଗୁଡ଼ିଏ ଜାଗାରେ ପ୍ରାବନ୍ଧିକ ଅଯଥା ଦୀର୍ଘ ଓ କ୍ଲିଷ୍ଟ ଶବ୍ଦ ଦେଇ ବାକ୍ୟଗୁଡ଼ିକୁ ଲମ୍ବାଇଛନ୍ତି, ତେବେ ତାହାକୁ ଅଣଦେଖା କରାଯାଇ ପାରେ ।

ଆଗାମୀ ଦିନରେ ଡଃ ପଟେଲ ଯେ ଅନତିକ୍ରମଣୀୟ ସମାଲୋଚକର ସ୍ଥାନ ଲାଭ କରିବେ ଏହା ନିଃସନ୍ଦେହ ।

ଆଶା କରାଯାଉ, ଡଃ ପଟେଲ ଅନେକ ସମୟରେ ବ୍ୟବହାର କରୁଥିବା ପଙ୍‌କ୍ତି- "ବିନ୍ଦୁ ମଧ୍ୟରେ ସିନ୍ଧୁ ଦର୍ଶନ" ନ୍ୟାୟରେ ଆପଣାର ପ୍ରବଂଧ ଗୁଡ଼ିକ ଅଧିକ ଦୀର୍ଘ ନକରି ସଂକ୍ଷିପ୍ତ କିନ୍ତୁ ଭାବ ମଞ୍ଜୁଳ ଓ ତଥ୍ୟ ପୁଷ୍କଳ କରି ପ୍ରସ୍ତୁତ କରି ଈର୍ଷଣୀୟ ସିଦ୍ଧିର ଅଧିକାରୀ ହେବେ ।

ଏଥର ପ୍ରବନ୍ଧ ସମୂହର କିଛି ଚମତ୍କାର ପଂକ୍ତି ଉଦ୍ଧାର କରି ମୋର ଏଇ ନାତିଦୀର୍ଘ ଉପସ୍ଥାପନା ଶେଷ କରିବି । ସଂକଳନର ଏକଦମ୍ ଶେଷପୃଷ୍ଠାରେ ଡଃ ପଟେଲ ପରିବାର ସଂପର୍କରେ କହିଛନ୍ତି-

"ପରସ୍ପର ମଧ୍ୟରେ ସ୍ନେହ, ଶ୍ରଦ୍ଧା, ପ୍ରେମ, ଦୟା, କରୁଣା ଆଦିରେ ଘର ହୋଇଉଠେ ଏକ ମନ୍ଦିର । ଯେଉଁଠାରେ ନିରନ୍ତର ପ୍ରବହମାନ ହୁଏ ଅମୀୟ ସ୍ୱର୍ଗର ଧାରା ଓ ଧରା । + + + ନଦୀ ଯେପରି ସମୁଦ୍ର ଆଡ଼କୁ ଗତିଶୀଳ ହୁଏ ଚିରନ୍ତନତାର ପ୍ରତୀକ ଭାବରେ । କବି ଓ କବିତା ଭିତରେ ପରିବାର ରୂପକ ନଦୀ ସର୍ବଦା ସମାଜ ରୂପକ ସମୁଦ୍ରରେ ଲୀନ ହୋଇଯାଏ ଚିରନ୍ତନ ସତ୍ୟକୁ ଆବିଷ୍କାର କରିବାର ଅଭୀପ୍ସାକୁ ଆପଣେଇ ନେଇ ।

ଆବେଗମୟ ପଙ୍‌କ୍ତି ଉଦ୍ଧାର କରିବାରେ ସିଦ୍ଧହସ୍ତ ଡଃ ପଟେଲଙ୍କ କୁଶଳୀ ପଣ ଦେଖନ୍ତୁ-

"ମାଆ ମୋତେ କବି ଆଖିଟିଏ ଦେଲା
ବାପା ଦେଲେ ପିଲାଦିନ
ମାମା ଓ ଠାକୁମା ସ୍ୱପ୍ନରେ
ଭରିଦେଲେ ସ୍କୁଲ୍‌ବ୍ୟାଗ
ପରୀକାହାଣୀରେ/
ଲୋକକଥାରେ ସୁବାସିତ ହୋଇଗଲା
ପିଲାଦିନ । ଖଗେନ୍ଦ୍ର ସାର,
ମହେନ୍ଦ୍ରମାଷ୍ଟ୍ରେ ଶିଖାଇଲେ
ଜୀବନର ଉଠାଣି ଗଡ଼ାଣି/ ଗଢ଼ିବାର
କଠୋର ସାଧନା ।"
(ପୃ-୨୦୭)

ପରିଶେଷରେ ଏତିକି କହିଲେ ଯଥେଷ୍ଟ ହେବ ଯେ, ସଙ୍କଳନଟି ଖାଲି ସୁଖପାଠ୍ୟ ନୁହେଁ, ବରଂ ଗବେଷକ, ପାଠକ ସାହିତ୍ୟର ରସଗ୍ରାହୀ ଯେକୌଣସି ବ୍ୟକ୍ତି ବିଶେଷଙ୍କ ପାଇଁ ସଂଗ୍ରହଣୀୟ ।

ଏତିକି ପ୍ରାର୍ଥନା, ଡଃ ପଟେଲଙ୍କ ଲେଖନୀ ଏମିତି ମୁଖର ଥାଉ । ପ୍ରଖର ଥାଉ ଅନେକ କାଳ ।

ସମୀକ୍ଷା:
+ ଗଣେଶ ତ୍ରିପାଠୀ
ମୋ: ୯୫୮୩୨୬୮୮୬୮

# ପ୍ରଣତୋସ୍ମି ରଥ ଶ୍ରେଷ୍ଠମ୍

## ନକୁଳ ଚନ୍ଦ୍ର ସାହୁ

**(ପୃଷ୍ଠା୪ର ଅବଶିଷ୍ଟ)** ଶ୍ରୀଜଗନ୍ନାଥ ଏକ ପ୍ରତିମା ନୁହଁନ୍ତି, ସେ ଏକ ପ୍ରତୀକ । ଉପନିଷଦ କହନ୍ତି, ଅପାଣି ପାଦୋ ଜବନୋ ଗ୍ରହୀତା / ପଶ୍ୟତ୍ୟ ଗକ୍ଷୁଃ ସ ଶୃଣୋତ୍ୟ କର୍ଣ୍ଣ / ସ ବେତ୍ତି ବେଦ୍ୟଂ ନ ଚ ତସ୍ୟାସ୍ତି ବେତ୍ତା / ତମାହୁରଗ୍ର୍ୟଂ ପୁରୁଷଂମହାନ୍ତମ୍ । ପାଣି ପାଦ ବିହୀନ ହେଲେ ମଧ୍ୟ ସେ ଦ୍ରୁତଗାମୀ ଓ ସର୍ବଗ୍ରାହୀ । ସର୍ବଦ୍ରଷ୍ଟା ଓ ଶ୍ରୁତିହୀନ ହେଲେ ମଧ୍ୟ ସର୍ବଶ୍ରୋତା । ସେ ସର୍ବଜ୍ଞ । ମାତ୍ର ତାଙ୍କୁ କେହି ଜାଣି ପାରନ୍ତି ନାହିଁ । ସେ ସର୍ବପ୍ରଥମ ମହାପୁରୁଷ ବା ପୁରୁଷୋତ୍ତମ । ତେଣୁ ଉପେନ୍ଦ୍ର ଭଞ୍ଜ ଲେଖିଛନ୍ତି, 'ସେ କମ୍ବୁ କଟକ ରାଜା ନାମ ଜଗନ୍ନାଥ / ଚାରିବର୍ଣ୍ଣେ ଚଉବର୍ଗ ଦେବାକୁ ସମର୍ଥ ହେ ।' ସିଏ, 'ବେଦେ ଚ ପ୍ରଥିତଃ ପୁରୁଷୋତ୍ତମଃ' । ବିଚିତ୍ର ତାଙ୍କ ମୂର୍ତ୍ତି କଳ୍ପନା ଏବଂ ସେହିପରି ବୈଚିତ୍ର୍ୟମୟ ତାହାଙ୍କ ରଥଯାତ୍ରା ।

ଭଂଜକବି ଲେଖିଛନ୍ତି-

ଯେବଣ କଟକେ ଛଟକେ ବରାଟକେ ମୁକତି
ମହାପ୍ରସାଦରେ ସାଦରେ ଲୋକମାନେ ଲଭନ୍ତି ।
\+ + +
ପତାକା ଅଞ୍ଚଳ ଚଞ୍ଚଳ ଡାକେ ପାପୀଙ୍କି ଅବା
ଏ ନୀଳ ନଗ ନଗରୀକୁ ଆସ ଭଲ କରିବା ।
ଯେତେ ଦୂର ଘଣ୍ଟାନିନାଦ ଶୁଭେ ନଦରେ ନେଇ
ପକାଏ ଅନୃତ ଦୃଷ୍କୃତ ଗଳେ ଗଳଥା ଦେଇ
(ରସିକ ହାରାବଳୀ, ୩ୟ ଛାନ୍ଦ)

ଏହା ସେହି କ୍ଷେତ୍ର ମହାତ୍ମ୍ୟ ପ୍ରଣିପତ୍ୟ ଜଗନ୍ନାଥ କରିଥାନ୍ତି ରଥଯାତ । କବି ଲେଖିଛନ୍ତି, ଜଗତ ସରସେ ଭାରତ କମଳ / ତା ମଧ୍ୟେ କେଶର ପୁଣ୍ୟ ନୀଳାଚଳ । ରଥଯାତ୍ରା ଶ୍ରୀଜଗନ୍ନାଥଙ୍କ ପୁଣ୍ୟ ନୀଳାଚଳ ଲୀଳା । ଏହି ଲୀଳାବଲୋକନ କରି ଆଦିଗୁରୁ ଶ୍ରୀ ଶଙ୍କର କରିଛନ୍ତି ସ୍ତବ-

ରଥାରୂଢ଼ୋ ଗଚ୍ଛନ୍ ପଥି ମିଳିତ ଭୂଦେବ ପଟଳୈଃ
ସ୍ତୁତି ପ୍ରାଦୁର୍ଭାବଂ ପ୍ରତିପଦ ମୁପାକର୍ଣ୍ୟ ସଦୟଃ ।
ଦୟାସିନ୍ଧୁର୍ବନ୍ଧୁଃ ସକଳ ଜଗତାଂ ସିନ୍ଧୁ ସୁତୟା
ଜଗନ୍ନାଥଃ ସ୍ୱାମୀ ନୟନ ପଥଗାମୀ ଭବତୁମେ ।
ଭକ୍ତମାନଙ୍କ ଦୃଷ୍ଟିପଥରେ ପ୍ରଭୁ, ଥାଅ ତୁମେ । (ସମାପ୍ତ)

+ ଶବ୍ଦଘର, ଗୋଡିସାହି, କଟକ
(ମୋ) ୯୪୩୭୭୪୦୨୬୪

# ବିଧବା-ବୃଦ୍ଧା ମା'ଙ୍କୁ ପୁଅ ବୋହୂଙ୍କୁ ହତ୍ୟା ଉଦ୍ୟମ : ପୁଅ ଗିରଫ

ଜଳେଶ୍ୱର, ୨୪/୭(ନିପ୍ର) : ବୟସାଧିକ୍ୟ ହେଲେ ପୁଅ ବୋହୂଙ୍କର ନିର୍ଯ୍ୟାତନା, ଗାଳିଗୁଲଜ ଏପରିକି ମାଡ ଯୋଗୁଁ ଅତିଷ୍ଠ ହେଉଥିବା ବାପା ମାଙ୍କ ପାଇଁ ସୁଧାର ଆଣିଛନ୍ତି ଦେଶର ସର୍ବୋଚ୍ଚ ନ୍ୟାୟାଳୟ । ବାପା ମାଙ୍କ ଅଭିଯୋଗ କ୍ରମେ ଗିରଫ, ଜେଲ ନେବା, ସ୍ଥାବର-ଅସ୍ଥାବର ସମ୍ପତ୍ତିରୁ ବେ ଦଖଲ କରିବାଇତ୍ୟାଦି ବହୁ ନିୟମ ନିକଟରେ ପ୍ରଣିତ ହୋଇଛି । ତଥାପି ଆଇନ୍‌କୁ ହେୟଜ୍ଞାନ କରି ସ୍ତ୍ରୀର ବୁଦ୍ଧିରେ ପୁଅ ବୃଦ୍ଧ ବାପା ମାଙ୍କୁ ନିର୍ଯ୍ୟାତନା ଦେଇ ଆସୁଥିବା ଖବର ମିଳିଛି । ଏପରି ଏକ ଘଟଣା ବାଲେଶ୍ୱର ଜିଲା ରାଇବଣିଆ ଥାନା ଅନ୍ତର୍ଗତ ଖୁଦିଆ ମାଝିସାହି ପଂଚାୟତର ଖଣାବାଡ ଗାଁରେ ଦେଖିବାକୁ ମିଳିଛି । ସ୍ୱର୍ଗତ ଜଗନ୍ନାଥ ସାହୁ ଓ ବିଧବାପତ୍ନୀ ସ୍ନେହଲତା ସାହୁଙ୍କର ଏବେ ଦୁଇପୁଅ ନିଶିକାନ୍ତ ଓ ରତିକାନ୍ତ । ବାପାଙ୍କ ଅବର୍ତ୍ତମାନରେ ମା'ଙ୍କୁ ନିର୍ଯ୍ୟାତନା ଦେବା, ପିଟିବା, ଗାଳି ଗୁଲଜ ଇତ୍ୟାଦି ନିଶିକାନ୍ତ ଓ ତାଙ୍କ ସ୍ତ୍ରୀ ରଶ୍ମିତା ଦେଇ ଆସୁଥିଲେ । କିନ୍ତୁ ପରିସ୍ଥିତି ଏପରି ହେଲା ମା ଅସହ୍ୟ ହେବାରୁ ସାନପୁଅ ରତିକାନ୍ତ ନିକଟରେ ରହିଆସୁଥିଲା । ଗତ ବୁଧବାର ନିଶିକାନ୍ତ ଓ ତାର ସ୍ତ୍ରୀ ରଶ୍ମିତା ଘରୋଇ ଘଟଣାରେ ଉତ୍‌କ୍ଷିପ୍ତ ହୋଇ ତାର ମା ସ୍ନେହଲତା ରାଇବଣିଆ ଥାନାରେ ଲିଖିତଭାବେ ଅଭିଯୋଗ କରିଥିଲେ । ବଡପୁଅ ଓ ବହୁ ହତ୍ୟା କରିବାର ମସୁଧା ସ୍ନେହଲାତା ଅଭିଯୋଗରେ ଲେଖିଥିବା ପ୍ରକାଶ । ଘଟଣା ସମ୍ପର୍କରେ ତଦନ୍ତ କରି ରାଇବଣିଆ ଥାନା ଅଧିକାରୀ ଗୋପାଳ ଚନ୍ଦ୍ର ସିଂ ୫୧/୨୧ ରେ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଛନ୍ତି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ମହାରାଷ୍ଟ୍ରରେ ଲଗାଣ ବର୍ଷା ....

ଭୂସ୍ଖଳନ ଓ ବନ୍ୟା କାରଣରୁ ମୃତ୍ୟୁ ସଂଖ୍ୟା ୪୪ରେ ପହଁଚିଲାଣି । ଶୁକ୍ରବାର ୩୨ଟି ଶବ ଉଦ୍ଧାର କରାଯାଇଥିଲା । ଆହୁରି ଶବ ଗୁଡିକୁ ଠାବ କରିବାକୁ ଉଦ୍ଧାରକାରୀ ଦଳ ଉଦ୍ୟମ ଜାରି ରଖିଛନ୍ତି । ମହାରାଷ୍ଟ୍ରର ରତ୍ନଗିରି ଜିଲ୍ଲାରେ ମଧ୍ୟ ଭୂସ୍ଖଳନ କାରଣରୁ ୧୦ରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି । ସେପଟେ ମହାରାଷ୍ଟ୍ରରେ ପ୍ରବଳ ବର୍ଷା ଜନିତ ମୃତ୍ୟୁ ସଂଖ୍ୟା ୧୨୯କୁ ବୃଦ୍ଧି ହୋଇଛି । ଉଦ୍ଧାର କାମରେ ଏନଡିଆରଏଫ୍ ଟିମ୍ ସାମିଲ ହୋଇଛି । ମହାରାଷ୍ଟ୍ରରେ ବନ୍ୟା ମୃତକଙ୍କ ପାଇଁ ଶୋକ ପ୍ରକାଶ କରିଛନ୍ତି ପ୍ରଧାନମନ୍ତ୍ରୀ । ଉଦ୍ଧାର କାମରେ ସହାୟତା ନେଇ ପ୍ରଧାନମନ୍ତ୍ରୀଙ୍କ ସହ କଥା ହୋଇଛନ୍ତି ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକରେ । ମହାରାଷ୍ଟ୍ରର ୬ଟି ଜିଲାକୁ ରେଡ୍ ଆଲର୍ଟ ଜାରି ହୋଇଛି । ରାଇଗଡ, ରତ୍ନଗିରି, ସିନ୍ଧୁ ଗୁର୍ଗ, ପୁନେ, ସତରା ଏବଂ କୋହ୍ଲାପୁର ଜିଲ୍ଲାରେ ଆଜି ପ୍ରବଳ ବର୍ଷା ଚେତାବନୀ ଜାରି ହୋଇଛି । ମହାରାଷ୍ଟ୍ରରେ ଏହି ବନ୍ୟାରେ ବର୍ତମାନ ସୁଦ୍ଧା ୫୪ ଟି ଗାଁ ପୁରା କ୍ଷତିଗ୍ରସ୍ତ ହୋଇସାରିଛି । ୮୨୧ଟି ଗାଁ ଆଂଶିକ ପ୍ରଭାବିତହୋଇଛି ।

## ଓଡ଼ିଶାରୁ ଗୁଜରାଟ ଗଂଜେଇ ଚୋରା....

ବେଳେ ସେଠାକାର ଗ୍ରାମୀଣ ପୋଲିସ ହାତରେ ଧରାପଡିଛି । ୩୨ଟି ବସ୍ତାରେ ଭର୍ତି ହୋଇଥିବା ଏହି ଗଂଜେଇର ଆନୁମାନିକ ମୂଲ୍ୟ ୧କୋଟି ୧୪ଲକ୍ଷ ଟଙ୍କା । ଗଂଜାମ କେନ୍ଦୁପଦର ଅଂଚଳର ବିକାଶ ଗୌଡ ନାମକ ଜଣେ ୧୯ବର୍ଷୀୟ ଯୁବକଙ୍କୁ ପୋଲିସ ଗିରଫ କରିଛି । ତେବେ ଅନ୍ୟ ୩ଅଭିଯୁକ୍ତ ଫେରାର ହୋଇଯାଇଛନ୍ତି । ଏମାନେ ମଧ୍ୟ ଗଂଜାମ କୋଦଳା ଅଂଚଳର ବାବୁ ନାହାକ, ବିକ୍ରମ ପରିଡା ଓ ଶିବରାମ ନାହାକ ବୋଲି ଜଣାପଡିଛି । ଗଂଜେଇ ମାଫିଆଙ୍କ ନିକଟରୁ ପୋଲିସ ମୋବାଇଲ ଫୋନ, ୭ହଜାର ୫ଶହ ନଗଦ ଟଙ୍କା ଓ ସୁଜୁକି ବାଇକ ଜବତ କରିଛି ।

# ଗୋଟିଏ ଦିନରେ ୧୮୬୪ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର,୨୪/୦୭(ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୧୮୬୪ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୯୬୫୭୧୫ କୁ ବୃଦ୍ଧି ପାଇଛି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ୯୪୧୨୦୪ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ୧୯୦୧୩ ରହିଛି । ଆଜି ଚିହ୍ନଟ ହୋଇଥିବା ୧୮୬୪ ଜଣଙ୍କ ମଧ୍ୟରୁ ୧୦୮୨ ଜଣ ସଂଗରୋଧରୁ ହୋଇଥିବା ବେଳେ ୭୮୨ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧାରୁ ସବୁଠାରୁ ଅଧିକ ୪୯୬ଜଣ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି । ଗତ ୨୪ ଘଂଟା ମଧରେ ଅନୁଗୁଳ ଜିଲ୍ଲାରୁ ୬୯ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବାଲେଶ୍ୱରରୁ ୧୧୪ ଜଣ, ବରଗଡ଼ରୁ ୨୪ ଜଣ, ଭଦ୍ରକରୁ ୬୫ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେହିପରି ବଲାଙ୍ଗୀରରୁ ୫ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବୌଦ୍ଧ ଜିଲ୍ଲାରୁ ୦୩, କଟକରୁ ୨୨୧, ଦେବଗଡ ଜିଲ୍ଲାରୁ ୬ ଜଣ, ଢେଙ୍କାନାଳ ଜିଲ୍ଲାରୁ ୮୪ ଜଣ, ଗଜପତି ଜିଲ୍ଲାରୁ ୩ , ଗଞ୍ଜାମରୁ ୧୨ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ୮୯ ଜଣ, ଯାଜପୁରରୁ ୧୦୭ ଜଣ, ଝାରସୁଗୁଡ଼ାରୁ ୦୮ ଜଣ, କଳାହାଣ୍ଡିରୁ ୭ ଜଣ, କନ୍ଧମାଳ ଜିଲ୍ଲାରୁ ୧୬ ଜଣ. କେନ୍ଦ୍ରାପଡ଼ାରୁ ୫୯ ଜଣ, କେନ୍ଦୁଝରରୁ ୪୪ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଖୋର୍ଦ୍ଧାରୁ ୪୯୬ ଜଣ, କୋରାପୁଟରୁ ୭ ଜଣ ସଂକ୍ରମିତ ହୋଇଥିବା ବେଳେ ମାଲକାନଗିରି ଜିଲ୍ଲାରୁ ୧୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ମୟୂରଭଞ୍ଜରୁ ୫୭ ଜଣ, ନବରଙ୍ଗପୁରରୁ ୨ ଜଣ, ନୟାଗଡ଼ରୁ ୩୪ ଜଣ, ନୂଆପଡ଼ାରୁ ୦୬ ଜଣ, ପୁରୀରୁ ୫୯ ଜଣ, ରାୟଗଡ଼ାରୁ ୨୪ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ସମ୍ବଲପୁରରୁ ୩୪ ଜଣ, ସୋନପୁରରୁ ୦୬ ଜଣ, ସୁନ୍ଦରଗଡ଼ରୁ ୫୬ ଜଣ ଓ ଷ୍ଟେଟ୍ ପୁଲରୁ ୧୦୦ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

# ରାଷ୍ଟ୍ରପତି କୋବିନ୍ଦ ରବିବାର ଠାରୁ ଜମ୍ମୁ-କଶ୍ମୀର ଓ ଲଦାଖ ୪ ଦିନିଆ ଗସ୍ତରେ

ନୂଆଦିଲ୍ଲୀ,୨୪/୦୭ (ନି.ପ୍ର): ରାଷ୍ଟ୍ରପତି ରାମନାଥ କୋବିନ୍ଦ ରବିବାର ଦିନ ଜମ୍ମୁ-କଶ୍ମୀର ଓ ଲଦାଖ ୪ ଦିନିଆ ଗସ୍ତରେ ଯିବେ । ଏହି ଅବସରରେ ରାଷ୍ଟ୍ରପତି କାରଗିଲ୍ ବିଜୟ ଦିବସ ଓ କଶ୍ମୀର ବିଶ୍ୱବିଦ୍ୟାଳୟର ଦୀକ୍ଷାନ୍ତ ସମାରୋହରେ ଅଂଶଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି । ରାଷ୍ଟ୍ରପତି କାର୍ଯ୍ୟାଳୟ ସୂତ୍ରରୁ ପ୍ରାପ୍ତ ସୂଚନା ଅନୁସାରେ, ରାଷ୍ଟ୍ରପତି କୋବିନ୍ଦ ୨୫ ତାରିଖରୁ ଆସନ୍ତା ୨୮ ତାରିଖ ପର୍ଯ୍ୟନ୍ତ ଜମ୍ମୁ-କଶ୍ମୀର ଓ ଲଦାଖ ଗସ୍ତରେ ରହିବେ ।

# କମଳା ନେହେରୁ ମହିଳା ମହାବିଦ୍ୟାଳୟରେ ପଦ୍ମଶ୍ରୀ ପ୍ରଫେସର ରାଧାମୋହନଙ୍କ ସ୍ମୃତିରେ ପୁରସ୍କାର ବିତରଣ ଉତ୍ସବ



ଭୁବନେଶ୍ୱର,୨୪/୦୭ (ନି.ପ୍ର): ସ୍ଥାନୀୟ କମଳା ନେହେରୁ ମହିଳା ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ତା-୨୧.୦୭.୨୧ରିଖରେ ପଦ୍ମଶ୍ରୀ ପ୍ରଫେସର ରାଧାମୋହନଙ୍କ ସ୍ମୃତିରେ ମହାବିଦ୍ୟାଳୟରେ ଶେଷ ବର୍ଷର ତିନି ଜଣ କୃତି ଛାତ୍ରୀଙ୍କୁ ସମାଜ ସ୍ୱୋରେ ସେମାନଙ୍କର ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ମହାବିଦ୍ୟାଳୟରେ ଏକ ସମ୍ବର୍ଦ୍ଧନା ଉତ୍ସବ ଆୟୋଜିତ ହୋଇଯାଇଅଛି । ଉକ୍ତ ଅବସରରେ ଅର୍ଥନୀତ ବିଭାଗର ଛାତ୍ରୀ ସୃଷ୍ଟ ସକ୍ସେନା, ଶିକ୍ଷା ଉପାଧି ବିଭାଗର ଛାତ୍ରୀ ଭାର୍ଗବୀ ସାଇକୃପା ଓ ହିନ୍ଦୀ ସ୍ନାତକ ବିଭାଗର ଛାତ୍ରୀ ମୋନାଲିସା ମହାନ୍ତିଙ୍କୁ ୨୦୨୦-୨୧ର ଶିକ୍ଷା ବର୍ଷ ପାଇଁ ପଦ୍ମଶ୍ରୀ ରାଧାମୋହନଙ୍କ ସ୍ମୃତିରେ ସମ୍ମାନିତ କରାଯାଇଅଛି । ଉକ୍ତ ଉତ୍ସବକୁ ମହାବିଦ୍ୟାଳୟର ଅଧକ୍ଷ ଡ.ପ୍ରଫୁଲ୍ଲ ଚନ୍ଦ୍ର ରଥ ଓ ଉଚ୍ଚ ଶିକ୍ଷା ବିଭାଗର ରାଷ୍ଟ୍ରୀୟ ସେବା ଯୋଜନାର ଅଧିକାରୀ ତଥା ଉପଶାସନ ସଚିବ ଡ.ରମେଶ ଚନ୍ଦ୍ର ବେହେରା ମୁଖ୍ୟ ଅତିଥି ରୂପେ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । କୃତି ଛାତ୍ରୀମାନେ ସେମାନଙ୍କର ଜାତୀୟ ସେବା ଯୋଜନାରେ ତିନି ବର୍ଷର ଅଭିଜ୍ଞତାକୁ ପରିପ୍ରକାଶ କରିଥିଲେ । ଉକ୍ତ ଉତ୍ସବକୁ ମହାବିଦ୍ୟାଳୟର ହିନ୍ଦୀ ବିଭାଗର ପାଧାପିକା ଡ.ଭେଦୁଲା ରାମଲକ୍ଷ୍ମୀ ସଂଯୋଜନା କରିଥିଲେ । ମହାବିଦ୍ୟାଳୟର ପାଧାପିକା ଡ.ସାସ୍ୱତି ସାହୁ, ପାଧାପିକା ସୁମିତା କର ଓ ରାଷ୍ଟ୍ରୀୟ ସ୍ୱୋ ଯୋଜନାର ସ୍ୱଛାସେବୀମାନେ ଅଂଶଗ୍ରହଣ କରିଥିଲେ । ଉକ୍ତ ଶିବିରକୁ ରାଷ୍ଟ୍ରୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଡ.ସୁଶାନ୍ତ କୁମାର ପଟ୍ଟନାୟକ ଓ ଡ.ବିନୀତା ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରିଚାଳିତ ହୋଇଥିଲା । ଏହି ଉତ୍ସବକୁ ସହାୟତା କରିଥିଲେ ରାଷ୍ଟ୍ରୀୟ ସେବା ଯୋଜନାର ସ୍ୱଛାସ୍ୱେବୀ ସଙ୍ଗୀତା ପ୍ରଜ୍ଞା ପ୍ରଧାନ, ପୂଜା ଡ଼ାକୁଆ ଓ ରତ୍ନଭରମ୍ଭ ଖୁଣ୍ଟିଆ ।

# ଦଳୀୟ କନ୍ଦଳ ଚାପିବାକୁ ବିଜେପିର ମନଗଢା ଅଭିଯୋଗ: ବିଜେଡ଼ି

ଭୁବନେଶ୍ୱର,୨୪/୦୭ (ନି.ପ୍ର): ପଶ୍ଚିମ ଓଡିଶାର ସ୍ୱାସ୍ଥ୍ୟ ସେବାକୁ ଗୁରୁତ୍ୱ ଦିଆଯାଉଥିବାବେଳେ ରାଜନୀତି ପାଇଁ ସ୍ୱାସ୍ଥ୍ୟସେବାକୁ ଆଳ କରି ସରକାରଙ୍କୁ ସମାଲୋଚନା କରିବା ଉଚିତ୍ ନୁହେଁ । ଦଳରେ ନିଜର ହଜିଯାଉଥିବା ସ୍ଥିତିକୁ ପ୍ରାସଙ୍ଗିକ କରିବା ସହିତ ଦଳୀୟ କନ୍ଦଳକୁ ଚାପିବା ପାଇଁ ବିଜେପିର ପୂର୍ବତନ ବିଧାୟକ ଏଭଳି ଗନଗଢା ଆରୋପ ଲଗାଉଥିବା କହିଛନ୍ତି ବିଜେଡି ମୁଖପାତ୍ର ସଞ୍ଜୟ ବାବୁ । ବିଜେପିର ପୂର୍ବତନ ବିଧାୟକ ରବି ନାୟକଙ୍କୁ ଜବାବ ଦେଇ ବିଜେଡି ମୁଖପାତ୍ର ଶ୍ରୀ ବାବୁ କହିଛନ୍ତି ଯେ ରାଜ୍ୟ ସରକାର ପଶ୍ଚିମ ଓଡିଶାର ସ୍ୱାସ୍ଥ୍ୟସେବାକୁ ସର୍ବାଧିକ ଗୁରୁତ୍ୱ ଦେଇ ଆସୁଛନ୍ତି । କୋଭିଡ୍ ସମୟରେ ଅକ୍ସିଜେନ୍ ଶଯ୍ୟା, ଆଇସିୟୁ ଶଯ୍ୟା ଓ ଭେଂଟିଲେଟର ଶଯ୍ୟା ବୃଦ୍ଧି ଫଳରେ ସ୍ଥାନୀୟ ଅଂଚଳ ସହିତ ଛତିଶଗଡ ଓ ଝାଡଖଣ୍ଡର ଲୋକେ ବି ଆସି ଏଠାରେ ଚିକିତ୍ସିତ ହେଉଥିଲେ । ଓଡିଶାର ସ୍ୱାସ୍ଥ୍ୟସେବାକୁ ପଡୋଶୀ ରାଜ୍ୟର ଲୋକେ ପ୍ରଶଂସା କରୁଥିବାବେଳେ କେବଳ ରାଜନୀତି ପାଇଁ ବିଜେପି ଏଭଳି ଆରୋପ ଲଗାଉଥିବା ଶ୍ରୀ ବାବୁ କହିଛନ୍ତି । ଭୀମ୍‌ସାରକୁ ସୁପର ସ୍ପେଶିଆଲିଟି ବ୍ୟବସ୍ଥା ସହିତ ଅଭିଜ୍ଞ ଡାକ୍ତର ନିଯୁକ୍ତି ପାଇଁ ପଦକ୍ଷେପ ନିଆଯାଉଛି ଓ ଏ କ୍ଷେତ୍ରରେ ସରକାର ଯତ୍ନବାନ ଅଛନ୍ତି । ସରକାରଙ୍କ ଦୂରଦୃଷ୍ଟି ସମ୍ପନ୍ନ ନିଷ୍ପତି ଏବଂ ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀମାନଙ୍କର ନିଷ୍ଠାପର ଉଦ୍ୟମ ଯୋଗୁଁ କୋଭିଡ୍‌ର ଦ୍ୱିତୀୟ ଲହରକୁ ରାଜ୍ୟରେ ସଫଳତାର ସହ ମୁକାବିଲା କରାଯାଇ ପାରିଛି । ରାଜ୍ୟର ଚାହିଦା ମେଂଟାଇବା ସହିତ ସମଗ୍ର ଦେଶକୁ ଅକ୍ସିଜେନ୍ ଯୋଗାଇ ଓଡିଶା ସରକାର ମାଇଲଖୁଂଟ ସ୍ଥାପନ କରିଛନ୍ତି । ଓଡିଶାର ଏହି କାର୍ଯ୍ୟକୁ ଜାତୀୟ ଓ ଆର୍ନ୍ତଜାତୀୟ ସ୍ତରରେ ପ୍ରଶଂସା କରାଯାଉଥିବାବେଳେ ବିଜେପି ନେତାମାନେ ଏଥିରେ ଅସହିଷ୍ଣୁ ହୋଇ ଯେଉଁଭଳି ମନଗଢା ଆରୋପ ଲଗାଉଛନ୍ତି ତାହାକୁ ଓଡିଶାବାସୀ ଆଦୌ ଗ୍ରହଣ କରିବେ ନାହିଁ ବୋଲି ବିଜେଡି ମୁଖପାତ୍ର କହିଛନ୍ତି ।

# ବ୍ଲକ ସ୍ତରୀୟ ପ୍ରାଥମିକ ଶିକ୍ଷକ ସଂଘ ପୁନଃଗଠିତ

ଜଳେଶ୍ୱର ୨୪/୭(ନିପ୍ର) : ଆଜି ଜଳେଶ୍ୱର ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ପନୁଃଗଠିତ ହୋଇଥିବା ଜଣାଯାଇଛି । ଏଥିରେ ସଭାପତିଭାବେ ପ୍ରଦୀପ ପରିଡା, ଉପସଭାପତିଭ ଭାବେ ରଂଜନ କୁମାର ବେହେରା ଓ ମିନାରାଣୀ ପରିଡା, ସଂପାଦକ ଭାବେ ରାଜେନ୍ଦ୍ର ନାୟକ, ଯୁଗ୍ମ ସଂପାଦକ ଭାବେ କ୍ଷିତିଶ ଚନ୍ଦ୍ର ଜେନା, କୋଷାଧ୍ୟକ୍ଷ ସୁକୁମାର ମଣ୍ଡଳଙ୍କ ସହିତ ବସନ୍ତ ଜେନା, ପ୍ରତାପ ଚନ୍ଦ୍ର ଜେନା, ଅମରେନ୍ଦ୍ର ଦାସ ଓ ଗୁର୍ଭ ସରୋନ୍ ସଦସ୍ୟଭାବେ ରହିଥିବା ଏକ ପ୍ରେସ୍‌ମିଟ୍‌ରେ କହିଛନ୍ତି ।

# ଗୁରୁ ପରମ୍ପରାରେ ଭାରତୀୟ ସଂସ୍କୃତି ବଂଚିରହିଛି : ସ୍ୱାମୀ ବ୍ରହ୍ମାନନ୍ଦ

ଭୁବନେଶ୍ୱର,୨୪/୦୭ (ନି.ପ୍ର): ମହର୍ଷି ଦୟାନନ୍ଦଙ୍କ ପ୍ରତିଷ୍ଠିତ ଆର୍ଯ୍ୟସମାଜର ସହଯୋଗୀ ଅନୁଷ୍ଠାନ ସ୍ୱାମୀ ଦୟାନନ୍ଦ ସର୍ଭିସ ମିଶନ ପକ୍ଷରୁ ଆଜି ସନ୍ଧ୍ୟାରେ ବ୍ୟାସଦେବଙ୍କ ଜନ୍ମ, ବ୍ୟାସପୂର୍ଣ୍ଣିମା ଅବସରରେ ଏକ ରାଜ୍ୟସ୍ତରୀୟ ଆଲୋଚନାଚକ୍ର, ଜୁମ୍ ଭିଡ଼ିଓ ଯୋଗେ ଅନୁଷ୍ଠାନର ସ୍ଥାୟୀ ଅଧକ୍ଷ ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି, ନିଗମ କଳ୍ପତରୁ ଆଶ୍ରମର ପ୍ରତିଷ୍ଠାତା ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ ମହାରାଜ କହିଲେ ଯେ, ସମାଜରୁ ଅଜ୍ଞାନ, ଅବିଦ୍ୟାକୁ ଦୂରେଇ ଯିଏ ଜ୍ଞାନାଲୋକ ପ୍ରଦାନ କରିଥାନ୍ତି ସେ ହିଁ ଗୁରୁ, ତାଙ୍କର ପୂଜା ହିଁ ସର୍ବାଦୌ କର୍ତବ୍ୟ । ଭାରତବର୍ଷର ଗୁରୁ ପରମ୍ପରା ଅନନ୍ୟ । ଭାରତବର୍ଷର ଭାଷା, ସଂସ୍କୃତି, ସାହିତ୍ୟ ଓ ଧର୍ମ ବଂଚିରହିଛି ଗୁରୁ ପରମ୍ପରାରେ ।

# ବାଲେଶ୍ୱରରେ ଦିନକରେ ଚିହ୍ନଟ ୧୧୪ ନୂଆ କରୋନା ସଂକ୍ରମିତ

ବାଲେଶ୍ୱର,୨୪/୦୭ (ନି.ପ୍ର): ରାଜ୍ୟର ଅଧିକାଂଶ ଜିଲାର କରୋନା ସଂକ୍ରମଣ ହାର ହ୍ରାସ ପାଇ ସର୍ବନିମ୍ନରେ ପହଞ୍ଚିଥିବା ବେଳେ ବାଲେଶ୍ୱରରେ ଗତ କିଛିଦିନ ଧରି ଦୈନିକ ସଂକ୍ରମିତଙ୍କ ସଂଖ୍ୟା ଶହେରୁ ଉପର-ତଳ ହେବାରେ ଲାଗିଛି । ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଏବଂ ସ୍ୱାସ୍ଥ୍ୟ ବିଭାଗର ରିପୋର୍ଟ ଅନୁସାରେ ଗତ ୨୪ ଘଣ୍ଟା ମଧ୍ୟରେ ଜିଲାର ବିଭିନ୍ନ ଅଞ୍ଚଳରୁ ୧୧୪ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଚିହ୍ନଟ ସଂକ୍ରମିତଙ୍କ ମଧ୍ୟରେ ସହରର ସୁନହଟରୁ ୩ଜଣ, ରାଣୀପାଟଣାରୁ ୩, ସହଦେବଖଣ୍ଟାରୁ ୨ଜଣଙ୍କ ସମେତ ଆଜିମାବାଦ, ବିସି ସେନ ରୋଡ଼, ଆଇଟିଆଇ ଛକ, ଗୋପାଳଗାଁ, ଶୋଭାରାମପୁର ପ୍ରଭୃତି ଅଞ୍ଚଳରୁ ଜଣେ ଲେଖାଏଁ ଅଛନ୍ତି । ସେହିଭଳି ବାହାନଗା ବ୍ଲକରୁ ୪ଜଣ, ବାଲିଆପାଳରୁ ୪, ବସ୍ତାରୁ ୧୭, ଭୋଗରାଇରୁ ୬, ଜଳେଶ୍ୱରରୁ ୭, ଖଇରାରୁ ୮, ନୀଳଗିରିରୁ ୧୦, ଔପଦାରୁ ୩, ରେମୁଣାରୁ ୧୨, ସଦରରୁ ୧୮, ସିମୁଳିଆରୁ ଜଣେ ଓ ସୋର ବ୍ଲକରୁ ୬ ଜଣ ନୂଆ ସଂକ୍ରମିତ ଭାବେ ଚିହ୍ନଟ ହୋଇଛନ୍ତି । ତେବେ ସମସ୍ତ ନୂଆ ସଂକ୍ରମିତ ପୂର୍ବ ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସିଥିବା କୁହାଯାଇଛି । ଅଦ୍ୟାବଧି ଜିଲାରେ ସଂକ୍ରମିତଙ୍କ ସଂଖ୍ୟା ୩୭,୩୫୧ରେ ପହଞ୍ଚିଥିବା ବେଳେ ଏବେ ସୁଦ୍ଧା ୩୫,୭୯୬ଜଣ ସଂକ୍ରମିତ ସୁସ୍ଥ ହୋଇଥିବା ସରକାରୀ ଭାବେ କୁହାଯାଇଛି । ଏବେ ସକ୍ରିୟ ଥିବା ୧୩୭୦ଜଣ କରୋନା ଆକ୍ରାନ୍ତଙ୍କ ମଧ୍ୟରୁ ୧୨୩୫ଜଣ ଗୃହ ସଙ୍ଗରୋଧରେ ଏବଂ ୧୦୫ଜଣ କୋଭିଡ ଡାକ୍ତରଖାନା ଓ କୋଭିଡ ଯତ୍ନ କେନ୍ଦ୍ର ରହି ଚିକିତ୍ସିତ ହେଉଛନ୍ତି । ତେବେ ଗତ ୨୪ଘଂଟା ମଧରେ କୌଣସି କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘୋଷଣା କରାଯାଇନଥିବା ବେଳେ ଜିଲାରେ ଏବେ କରୋନା ଜନିତ ମୃତ୍ୟୁ ସଂଖ୍ୟା ୧୮୦ରେ ସ୍ଥିର ରହିଥିବା ସରକାରୀ ୱେବସାଇଟରେ ସୂଚନା ଦିଆଯାଇଛି । ଅନ୍ୟ ପକ୍ଷରେ କୋଭିଡ ଟିକା ଉପଲବ୍ଧ ନଥିବା ଯୋଗୁଁ ଏବେ ଜିଲାରେ ଅଦ୍ୟାବଧି ବାଲେଶ୍ୱର ଜିଲ୍ଲାରେ ମୋଟ ୭,୬୩,୫୮୭ଜଣଙ୍କୁ ଟିକା ଦିଆଯାଇଥିବା ଜଣାଯାଇଛି । ତନ୍ମଧ୍ୟରୁ ୫,୪୫,୩୪୬ଜଣ ପ୍ରଥମ ପାନ ଓ ୨,୧୮,୨୪୧ଜଣ ଦ୍ୱିତୀୟ ପାନ ଟିକା ନେଇଛନ୍ତି ।

# ପ୍ରଧାନମନ୍ତ୍ରୀ ମୋଦି ଓ କ୍ରୀଡ଼ାମନ୍ତ୍ରୀ ଅନୁରାଗ ଠାକୁର ମୀରାବାଈ ଚାନୁଙ୍କୁ ବଧାଇ ଜଣାଇଲେ

ନୂଆଦିଲ୍ଲୀ,୨୪/୦୭ (ନି.ପ୍ର): ଟୋକିଓ ଅଲମ୍ପିକରେ ଭାରତ ପାଇଁ ପ୍ରଥମ ପଦକ ଜିତି ଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ କ୍ରୀଡ଼ାମନ୍ତ୍ରୀ ଅନୁରାଗ ଠାକୁର ଭାରଉତୋଳକ ମୀରାବାଈ ଚାନୁଙ୍କୁ ତାଙ୍କର ଏହି ସଫଳତା ନିମନ୍ତେ ବଧାଇ ଜଣାଇଛନ୍ତି । ଚାନୁ ୪୯ କେ.ଜି. ବର୍ଗରେ ଭାରତ ପାଇଁ ରୌପ୍ୟ ପଦକ ଜିତିଛନ୍ତି । ଏହା ସହ ଭାରଉତୋଳନରେ ଅଲମ୍ପିକ ପଦକ ଜିତିବାରେ ସେ ଦ୍ୱିତୀୟ ଭାରତୀୟ । ମୀରାବାଈ ଚାନୁଙ୍କ ଏହି ସଫଳତା ନିମନ୍ତେ ପ୍ରଧାନମନ୍ତ୍ରୀ ମୋଦି ତାଙ୍କୁ ବଧାଇ ଜଣାଇବା ସହ କହିଛନ୍ତି ଯେ, ଏଭଳି ଭବ୍ୟ କ୍ରୀଡ଼ାରେ ଏହାଠାରୁ ଭଲ ଆରମ୍ଭ ଆଉ କିଛି ନହୋଇପାରେ । ମୀରାବାଇ ଚାନୁଙ୍କ ଏଭଳି ଉନ୍ନତ କ୍ରୀଡ଼ା ପ୍ରଦର୍ଶନରେ ଭାରତ ଖୁବ୍ ଉତ୍ସାହିତ । ତାଙ୍କର ଏହି ସଫଳତା ପ୍ରତ୍ୟେକ ଭାରତୀୟଙ୍କୁ ପ୍ରେରଣା ଯୋଗାଇବ । କେନ୍ଦ୍ର କ୍ରୀଡ଼ା ମନ୍ତ୍ରୀ ଅନୁରାଗ ଠାକୁର ମୀରାବାଈ ଚାନୁଙ୍କ ଏହି ସଫଳତା ନିମନ୍ତେ ତାଙ୍କୁ ବଧାଇ ଜଣାଇବା ସହ ଟ୍ୱିଟ୍ କରିଛନ୍ତି ଯେ, ଟୋକିଓ ଅଲମ୍ପିକର ପ୍ରଥମ ଦିନରେ ରୌପ୍ୟ ପଦକ ଜିଣି ସେ ୧୩୫ କୋଟି ଭାରତୀୟଙ୍କ ମୁହଁରେ ହସ ଆଣିପାରିଛନ୍ତି । ଦେଶର ଅନ୍ୟ ଖେଳାଳୀ ମାନଙ୍କ ପାଇଁ ମଧ ସେ ପ୍ରେରଣା ଯୋଗାଇଛନ୍ତି । ମୋର ପୂର୍ଣ୍ଣ ବିଶ୍ୱାସ ଭାରତର ଅନ୍ୟ ଖେଳାଳୀ ମାନେ ମଧ ମୀରାବାଇ ଚାନୁଙ୍କ ଭଳି ଇତିହାସ ରଚିବେ । ଏଠାରେ ଉଲ୍ଲେଖଯୋଗ୍ୟ, ଏହା ପୂର୍ବରୁ କର୍ଣ୍ଣମ ମଲ୍ଲେଶ୍ୱରୀ ୨୦୦୦ ମସିହାରେ ଆୟୋଜିତ ସିଡ଼ନୀ ଅଲମ୍ପିକରେ ଭାର ଉତୋଳନରେ ଭାରତ ପାଇଁ ବ୍ରୋଂଚ ପଦକ ଜିଣିଥିଲେ ।

# ସାମାଜିକ ଗଣମାଧ୍ୟମକୁ ପ୍ରଭାବଶାଳୀ କରିବା ଶୀର୍ଷକ ୱେବିନାର କର୍ମଶାଳା

ଭୁବନେଶ୍ୱର,୨୪/୦୭(ନି.ପ୍ର): ବର୍ତ୍ତମାନ ସାମାଜିକ ଗଣମାଧ୍ୟମଗୁଡିକ ଅତିଶୀଘ୍ର ଲୋକଙ୍କ ନିକଟରେ ପହଞ୍ଚି ଯାଉଥିବାରୁ ଏଥିପାଇଁ ଏକ ନିର୍ଦ୍ଦିଷ୍ଟ ନୀତି ଓ ପଦ୍ଧତିରେ ପ୍ରୟୋଗ କରିବା ଆବଶ୍ୟକ ବୋଲି ସୂଚନାବିଜ୍ଞାନ ଏବଂ ସାମାଜିକ ଗଣମାଧମ ବିଶେଷଜ୍ଞ ଶ୍ରୀସ୍ନେହାଶୀଷ ମହାନ୍ତି କହିଛନ୍ତି । "ସାମାଜିକ ଗଣମାଧମଗୁଡିକର ପ୍ରଭାବଶାଳୀ ବ୍ୟବହାର" ଶୀର୍ଷକ ଏକ ୱେବିନାର ଆଲୋଚନାରେ ଅଂଶଗ୍ରହଣ କରି ଶ୍ରୀ ମହାନ୍ତି କହିଛନ୍ତି ଯେ ବଡବଡ କିମ୍ବା ଲମ୍ବା ତଥ୍ୟ ଓ ସମ୍ବାଦ ପଢ଼ିବାକୁ ଲୋକଙ୍କ ନିକଟରେ ବର୍ତ୍ତମାନ ସମୟ ନାହିଁ । ମୋବାଇଲଗୁଡିକ ମାଧମରେ ବିଭିନ୍ନ ପ୍ରକାରର ସାମାଜିକ ଗଣମାଧମ ଲୋକଙ୍କ ନିକଟରେ ପହଞ୍ଚୁଥିବାରୁ ତଥ୍ୟ ଗୁଡିକ ଯଥା ସମ୍ଭବ ସଂକ୍ଷିପ୍ତ, ନିର୍ଦ୍ଦିଷ୍ଟ ଅଞ୍ଚଳ ଭିତ୍ତିକ ତଥା ନିର୍ଦ୍ଦିଷ୍ଟ ଗୋଷ୍ଠୀଭିତ୍ତିକ କରାଗଲେ ଉଦ୍ଦେଶ୍ୟ ସାଧିତ ହୋଇ ପାରିବ ବୋଲି ସେ କହିଛନ୍ତି । ପ୍ରସଙ୍ଗ କ୍ରମେ ଫେସବୁକ, ହ୍ୱାଟସଅପ, ଇନଷ୍ଟାଗ୍ରାମ, ୟୁଟ୍ୟୁବ ଏବଂ ଟୁଇଟର ସମ୍ପର୍କରେ ବିସ୍ତୃତ ଭାବରେ ଆଲୋଚନା କରିଥିଲେ । ଫେସବୁକରେ ଶୃଙ୍ଖଳା ରକ୍ଷାକରିବା କଷ୍ଟକର ହୋଇ ପଡୁଥିବା ସ୍ଥଳେ ଟୁଇଟର ବର୍ତ୍ତମାନ ସବୁଠାରୁ ଅଧିକ ଲୋକପ୍ରିୟ ହୋଇପାରିଛି । ତେଣୁ ଏ ସବୁର ବ୍ୟବହାର କ୍ଷେତ୍ରରେ ସୁବିଧା, ଅସୁବିଧା ଆଦି ଆଲୋଚନା କରି ସରକାରଙ୍କ ତଥ୍ୟକୁ ଲୋକଙ୍କ ନିକଟରେ ପହଞ୍ଚାଇବାରେ ନୀତିଭିତ୍ତିକସତର୍କତା ଅବଲମ୍ବନ କରିବା ଉଚିତ ବୋଲି କହିଛନ୍ତି । ଲାଇକ, ସେୟାର, କମେଟ ଆଦିର ପ୍ରୟୋଗ ଗୁଡିକୁ ନିୟମିତ ଭାବରେ ନୀରିକ୍ଷଣ କରିବା ଆବଶ୍ୟକ ବୋଲି ମଧ କହିଛନ୍ତି । ଲୋକଙ୍କ ନିକଟରେ ସୂଚନା ପହଞ୍ଚାଇବା ଯେତିକି ଗୁରୁତ୍ୱପୂର୍ଣ୍ଣ, ଭୁଲ ତଥ୍ୟ କିମ୍ବା ଗୁଜବକୁ ଏ କ୍ଷେତ୍ରରେ ରୋକିବାତା'ଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ବୋଲି ପତ୍ରସୂଚନା କାର୍ଯ୍ୟାଳୟଞ୍ଜଞ୍ଜଏବଂ ଆଞ୍ଚଳିକ ଜନସମ୍ପର୍କ ବ୍ୟୁରୋର ଅତିରିକ୍ତ ମହାନିର୍ଦ୍ଦେଶକ ରାଜିନ୍ଦରଚୌଧୁରୀ କହିଥିଲେ । ସେ ଆହୁରି ମଧ କହିଥିଲେ ଯେ, ବର୍ତ୍ତମାନ ସମୟରେ ଭାରତର ସାମାଜିକ ଗଣମାଧମ ବ୍ୟବହାରକାରୀ ସଂଖ୍ୟା ବିଶ୍ୱର ସର୍ବବୃହତଏବଂ ୧୧୦ କୋଟି ମୋବାଇଲ ବ୍ୟବହାରକାରୀ ଥିବାରୁ ସାମାଜିକ ଗଣମାଧମର ସଦୁପଯୋଗ ଜରୁରୀ । ସାମାଜିକ ଗଣମାଧମଖୁବ କମ ସମୟ ମଧ୍ୟରେ ତ୍ୱରିତ ସମ୍ବାଦ ଲୋକଙ୍କ ନିକଟରେ ପହଞ୍ଚାଉଥିବା ସମୟରେ କିଛି ଲୋକ ମିଥ୍ୟାତଥ୍ୟ ଓ ଗୁଜବକୁ ପ୍ରଚାର କରୁଛନ୍ତି । ସମାଜରେ ଚାଞ୍ଚଲ୍ୟ ଖେଳାଇବା ଏହି ମାଧ୍ୟମରେ ସହଜ କିନ୍ତୁଲୋକଙ୍କୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଠିକ ସମୟରେ ଦେବାକଷ୍ଟକର ହୋଇପଡୁଛି । ବିଶେଷକରି ବିଭିନ୍ନ ବିପର୍ଯ୍ୟରେ ସମୟରେ ଲୋକଙ୍କୁ ନିର୍ଭୁଲ ସୂଚନା ଦେବାରେ ସାମାଜିକ ଗଣମାଧମଗୁଡିକର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ । ଆଲୋଚନାରେ ଆଞ୍ଚଳିକ ଜନସମ୍ପର୍କ ବ୍ୟୁରୋ, ପତ୍ରସୂଚନା କାର୍ଯ୍ୟାଳୟ ଏବଂ ଜାତୀୟ ବିପର୍ଯ୍ୟୟ ପ୍ରଶମନ ବାହିନୀ ଯବାନମାନେ ପ୍ରଶ୍ନଉତ୍ତର କାର୍ଯ୍ୟାକ୍ରମରେ ଅଂଶଗ୍ରହଣ କରିଥିଲେ । ଆଞ୍ଚଳିକ ଜନସମ୍ପର୍କ ବ୍ୟୁରୋର କାର୍ଯ୍ୟକ୍ରମ ଅଧିକାରୀ ମହେନ୍ଦ୍ର ପ୍ରସାଦ ଜେନା ଆଲୋଚନା ଆରମ୍ଭରୁ ପ୍ରାକ୍‌ସୂଚନା ଦେବା ସହିତ ଅଂଶ ଗ୍ରହଣକାରୀ ସମସ୍ତ ଅତିଥି ଓ ସଦସ୍ୟଙ୍କୁ ଧନ୍ୟବାଦ ଜଣାଇଥିଲେ ।

# ରାଜଧାନୀରେ ୨୪ ଘଂଟାରେ ୨୦୭ ପଜିଟିଭ୍

ଭୁବନେଶ୍ୱର,୨୪/୦୭ (ନି.ପ୍ର): ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ଅଂଚଳରୁ ଶନିବାର ଦିନ ଆଉ ୨୦୭ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ସେଥିରୁ ୪୪ ଜଣ କ୍ୱାରେଂଟାଇନ୍ ରୁ ରହିଥିବା ବେଳେ ୧୬୩ ଲୋକାଲ୍ କେସ୍ ରହିଛନ୍ତି । ଅପରପକ୍ଷରେ ୨୪ ଘଂଟାରେ ୧୧୬ ଜଣ ଆରୋଗ୍ୟ ହୋଇ ଘରକୁ ଫେରିଛନ୍ତି । ଏନେଇ ବିଏମ୍‌ସି ପକ୍ଷରୁ ଟ୍ୱିଟ୍ କରି ସୂଚନା ଦିଆଯାଇଛି । ବିଏମସିର ସୂଚନା ଅନୁସାରେ ଲୋକାଲ ଆକ୍ରାନ୍ତଙ୍କ ମଧ୍ୟରୁ ଖଣ୍ଡଗିରି ଓ ପଟିଆରୁ ସର୍ବାଧିକ ୮ ଜଣ ଲେଖାଏଁ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ସତ୍ୟନଗର, ନୟାପଲ୍ଲୀ ଓ ସହୀଦନଗରରୁ ୭ ଜଣ ଲେଖାଏଁ, ମଂଚେଶ୍ୱର, ଭିଏସଏସ୍ ନଗର, ଓଲ୍ଡଟାଉନ୍ ଓ ନିଳାଦ୍ରୀବିହାରରୁ ୬ ଜଣ ଲେଖାଏଁ, ବରମୁଣ୍ଡା, ୟୁନିଟ୍ ୬ , ୟୁନିଟ୍ ୮, ଚିନ୍ତାମଣିଶ୍ୱର ଓ ଶୈଳଶ୍ରୀବିହାର ରୁ ୫ ଜଣ ଲେଖାଏଁ ଆକ୍ରାନ୍ତ ରହିଛନ୍ତି । ବିଏମସିର ସୂଚନା ଅନୁଯାୟୀ ଭୁବନେଶ୍ୱରରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୯୭୬୯୫ କୁ ବୃଦ୍ଧି ପାଇଛି । ସେହିପରି ସୁସ୍ଥଙ୍କ ସଂଖ୍ୟା ୯୫୦୭୫ କୁ ବୃଦ୍ଧି ପାଇଛି । ଭୁବନେଶ୍ୱରରେ ଏବେ ୧୮୬୩ ଜଣ ସକ୍ରିୟ ଆକ୍ରାନ୍ତଙ୍କର ଚିକିତ୍ସା ଜାରି ଥିବା ବେଳେ ମୃତକଙ୍କ ସଂଖ୍ୟା ୭୩୬ କୁ ବୃଦ୍ଧି ପାଇଛି ।

## ତୃଣମୂଳସ୍ତରରେ ବିଜେପିର ସଙ୍ଗଠନକୁ ସୁଦୃଢ କର : ତରୁଣ ଚୁଗ୍

ଭୁବନେଶ୍ୱର,୨୪/୦୭ (ନି.ପ୍ର): ତିନି ଦିନିଆ ଓଡିଶା ଗସ୍ତରେ ଆସି ଦଳର ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି ବିଜେପି ରାଷ୍ଟ୍ରୀୟ ସାଧାରଣ ସଂପାଦକ ତରୁଣ ଚୁଗ । ଶ୍ରୀ ଚୁଗ୍ ସାଙ୍ଗଠନିକ ସ୍ତରରେ ବିଭିନ୍ନ ବୈଠକରେ ଯୋଗ ଦେଇ ବିଜେପି ନେତୃବୃନ୍ଦଙ୍କ ସହ ଆଗାମୀ ରଣନୀତି ସଂପର୍କରେ ଆଲୋଚନା କରିଥିଲେ । ଓଡିଶା ଗସ୍ତର ପ୍ରଥମ ଦିନରେ ଶ୍ରୀ ଚୁଗ୍ ରାଜ୍ୟ ସଭପତି ସମୀର ମହାନ୍ତିଙ୍କ ସମେତ ରାଜ୍ୟ ସାଧାରଣ ସଂପାଦକ ଏବଂ ରାଜ୍ୟ ପଦାଧିକାରୀଙ୍କ ସହ ବୈଠକ କରିଥିଲେ । ପରେ ଶ୍ରୀ ଚୁଗ୍ ଖୋର୍ଦ୍ଧା ଜିଲ୍ଲାର ଦଳୀୟ ନେତୃବୃନ୍ଦ ଓ ପଦାଧିକାରୀଙ୍କ ସହ ସାଙ୍ଗଠନିକ ବୈଠକରେ ଯୋଗ ଦେବା ସହ ଓଡିଶା ପାଇଁ କେନ୍ଦ୍ର ସରକାରଙ୍କ ପ୍ରଦତ୍ତ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ । ଏହି ବୈଠକରେ ଦଳର ଆଗାମୀ କାର୍ଯ୍ୟକ୍ରମ ଉପରେ ଆଲୋଚନା କରାଯାଇଥିଲା । ଶ୍ରୀ ଚୁଗ୍ ପୁରୀ ଜିଲ୍ଲା ବିଜେପି ସାଙ୍ଗଠନିକ ବୈଠକରେ ଯୋଗ ଦେଇ ମୋଦୀ ସରକାରଙ୍କ ଜନକଲ୍ୟାଣ ଯୋଜନାକୁ ବୁଥ୍ ସ୍ତରରେ ପହଂଚାଇବା ନେଇ ଆଲୋଚନା କରିଥିଲେ । ଦ୍ୱିତୀୟ ଦିନରେ ଶ୍ରୀ ଚୁଗ୍ ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀର ଏକ ବୁଥ୍ ବୈଠକରେ ଯୋଗ ଦେଇ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ । ପରେ ଶ୍ରୀ ଚୁଗ୍ ରାଜ୍ୟ କାର୍ଯ୍ୟାଳୟରେ ଅନୁସୂଚିତ ଜାତି ମୋର୍ଚ୍ଚା ପଦାଧିକାରୀଙ୍କ ସହ ମୋର୍ଚ୍ଚାର ଆଗାମୀ ଦିନର ରଣନୀତି ପ୍ରସ୍ତୁତି ପ୍ରସଙ୍ଗରେ ବ୍ୟାପକ ଭାବେ ଆଲୋଚନା କରିଥିଲେ । ଶ୍ରୀ ଚୁଗ୍ ଜିଲ୍ଲା ପରିଷଦ ଓ ବ୍ଲକ ଚେୟାରମ୍ୟାନ ଏବଂ ଭାଇସ ଚେୟାରମ୍ୟାନଙ୍କ ବୈଠକରେ ଯୋଗ ଦେଇ ମୋଦି ସରକାରଙ୍କ ଜନ କଲ୍ୟାଣକାରୀ ଯୋଜନା ସଂପର୍କରେ ସୂଚନା ଦେବା ସହ ଦଳୀୟ କାର୍ଯ୍ୟକ୍ରମ ଭିତିରେ ଲୋକଙ୍କ ପାଖରେ ପହଂଚାଇବା ପାଇଁ ମତ ରଖିଥିଲେ । ସଂଧ୍ୟାରେ ଶ୍ରୀ ଚୁଗ୍ ଦଳୀୟ କାର୍ଯ୍ୟାଳୟରେ ସମସ୍ତ ବିଭାଗ ଏବଂ ସେଲର ଇନଚାର୍ଜମାନଙ୍କ ସହ ବୈଠକ କରି ସରକାରୀ ଯୋଜନା ଓ ଦଳର ପ୍ରଚାର ପ୍ରସାର ଉପରେ ଗୁରୁତ୍ୱ ଦେଇଥିଲେ । ସାଧାରଣ ଜନତାଙ୍କ ସମସ୍ୟାରେ ରାଜ୍ୟ ସରକାରଙ୍କୁ ଜୋରଦାର ଘେରିବା ପାଇଁ ଆହ୍ୱାନ ଦେବା ସହ ତୃଣମୂଳସ୍ତରରେ ବିଜେପିର ସଙ୍ଗଠନକୁ ସୁଦୃଢ କରିବା ନେଇ କାର୍ଯ୍ୟକର୍ତାଙ୍କୁ ପରାମର୍ଶ ଦେଇଛନ୍ତି ଶ୍ରୀ ଚୁଗ୍ ।

# ଜୋର ଧରିଲା ମୟୁରଭଞ୍ଜ ଜିଲ୍ଲାରେ ଇସ୍ପାତ କାରଖାନା ପ୍ରତିଷ୍ଠା ଦାବି

## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଭଞ୍ଜସେନା ପକ୍ଷରୁ ବିକ୍ଷୋଭ




ବାରିପଦା,୨୪/୦୭ (ନି.ପ୍ର): ରତ୍ନଗର୍ଭା ମୟୁରଭଞ୍ଜ ଜିଲ୍ଲାରେ ପ୍ରଚୁର ପରିମାଣରେ ଖଣିଜ ସଂପଦ ଥିବା ସତ୍ତ୍ୱେ ଜିଲ୍ଲାରେ ଏକ ଇସ୍ପାତ କାରଖାନା ପ୍ରତିଷ୍ଠା ଆଜି ଯାଏ ହୋଇ ପାରିନାହିଁ । ନିକଟ ଅତୀତରେ ରାଜ୍ୟ ସରକାର କିଛି ଜିଲ୍ଲାରେ ଇସ୍ପାତ୍ କାରଖାନା ସ୍ଥାପନା କରିବେ ବୋଲି ଘୋଷଣା କରିଥିଲେ ସେଥି ମଧ୍ୟରୁ ଏମିତି ବି ଜିଲ୍ଲା ଅଛନ୍ତି ଯେଉଁ ଜିଲ୍ଲାରେ ଖଣିଜ ସଂପଦ ବା କଞ୍ଚା ମାଲର ଚିହ୍ନବର୍ଣ ନାହିଁ, ମାତ୍ର ସେ ସବୁ ଜିଲ୍ଲା ମାନଙ୍କ ପାଇଁ ରାଜ୍ୟ ସରକାରଙ୍କ ଅହେତୁକ ଅନୁକମ୍ପା ଦୃଷ୍ଟି ଗୋଚର ହେଉଛି, ସେହି ସ୍ଥଳେ କାହିଁ ଆଦିମ ରାଜରାଜୁଡା କାଳରୁ ମୟୂରଭଞ୍ଜ ଜିଲ୍ଲାରୁ କଞ୍ଚାମାଲ ଟାଟା କମ୍ପାନୀ ବ୍ୟବହାର କରି ଆଜି ବିଶାଳକାୟ ସାମ୍ରାଜ୍ୟ ଛିଡା କରିଛି ଅଥଚ ଏହି ଅଞ୍ଚଳରେ ସବୁ ଥାଇ ସୁଦ୍ଧା ମୟୂରଭଞ୍ଜ ଜିଲ୍ଲାର ଯୁବକ ଓ ଯୁବତୀ ମାନେ କାମ ଧନ୍ଦା ଆଶାରେ ଆଜି ବାହାର ରାଜ୍ୟ ମାନଙ୍କୁ ଯାଇ ଦାଦନ ଖଟୁଛନ୍ତି । ଯେଉଁ ମାନେ ପାରିବାରିକ ଅସୁବିଧା ପାଇଁ ଦାଦନ ଖଟିବାକୁ ଯାଇ ପାରୁ ନାହାନ୍ତି ସେମାନେ ଯୋଗ୍ୟତା ଥିବା ସତ୍ତ୍ୱେ ବେକାର ହୋଇ ରହିଛନ୍ତି । ଯାହା ଦ୍ୱାରା ଆମ ଜିଲ୍ଲାର ବେକାରୀ ସମସ୍ୟା ମୁଣ୍ଡ ଟେକି ସାରିଲାଣି । ମାତ୍ର ନା ରାଜ୍ୟ ସରକାର ନା କେନ୍ଦ୍ର ସରକାର କାହାରି ଏଥି ପ୍ରତି ନିଘା ନାହିଁ । ଖାଲି ନିର୍ବାଚନ ଆସିଗଲେ ବିଭିନ୍ନ ମିଛ ପ୍ରତିଶ୍ରୁତି ଦେଇ ସରଳ ମୟୂରଭଞ୍ଜ ବାସୀଙ୍କୁ ଭୋକୁଆ ବନାଇବାରେ ବ୍ୟସ୍ତ ରହୁଛନ୍ତି ସବୁ ରାଜନୈତିକ ଦଳ । ଓଡିଶା ରାଜ୍ୟ ପ୍ରତି ମୟୂରଭଞ୍ଜ ଜିଲ୍ଲାର ଦାନ ଅନେକ ମାତ୍ର ପ୍ରତିଦାନ ଶୂନ । ଏଣୁ ଇସ୍ପାତ୍ କାରଖାନା ପ୍ରତିଷ୍ଠା କରିବା ଲାଗି ସରକାରଙ୍କ ଉପରେ ଚାପ ପ୍ରୟୋଗ କରିବା ଉଦ୍ଦେସରେ ଆଜି ପୂର୍ବ ଘୋଷିତ କାର୍ଯ୍ୟକ୍ରମ ଅନୁଯାୟୀ ଜିଲ୍ଲାର ଏକମାତ୍ର ଅଗ୍ରଣୀ ସାମାଜିକ ସଂଗଠନ ଭଞ୍ଜସେନା, ପକ୍ଷରୁ ପ୍ରବଳ ବର୍ଷା ସତ୍ତ୍ୱେ ବାରିପଦା ସ୍ଥିତ ମୟୁରଭଞ୍ଜ ଜିଲ୍ଲାପାଳ ଏବଂ ରାଇରଙ୍ଗପୁର ସ୍ଥିତ ବାମନଘାଟି ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ହୋଇଥିବା ବିକ୍ଷୋଭ ସମାବେଶରେ ଜିଲ୍ଲା ସଭାପତି ପିଣ୍ଟୁ ମାଇତି ଙ୍କ ସମେତ ଜିଲ୍ଲା ଉପାଧକ୍ଷ ନିମାଇଁ ତ୍ରିପାଠୀ, ଜିଲ୍ଲା ସଂଯୋଜକ ରାକେଶ ବେହେରା, ଜିଲ୍ଲା ଛାତ୍ର ସଭାପତି ସୌମ୍ୟରଂଜନ ମିଶ୍ର, ମୁଖପାତ୍ର ଜ୍ୟୋତିରଞ୍ଜନ ପୃଷ୍ଟି ,ଜିଲ୍ଲା ଉପସଭାପତି ରାକେଶ ମହାନ୍ତି, ପ୍ରଶାନ୍ତ ମହାକୁଡ଼, ବାରିପଦା ସହର ସଭାପତି ପ୍ରୀତମ ପଣ୍ଡା, ବିରେନ୍ଦ୍ର ନାଥ, ସହର ସାଧାରଣ ସମ୍ପାଦକ ଅମିତ କୁମାର, ଶମ୍ଭୁନାଥ ରଣା, ସଞ୍ଜୟ ମହାର୍ଣ୍ଣା , ସୌମ୍ୟରଂଜନ ସାହୁ, ଶିବସଙ୍କର ବେହେରା, ଗୌରାଙ୍ଗ ଚକ୍ରବର୍ତ୍ତୀ, ରାଜା ଖାନ, ବିକାଶ ସିଂ ପ୍ରମୁଖଙ୍କ ସହିତ ବହୁ ସଂଖ୍ୟାରେ ଯୁବ ଛାତ୍ର କର୍ମୀ ବିକ୍ଷୋଭ ପ୍ରଦର୍ଶନ କରିଥିବା ବେଳେ, ରାଇରଙ୍ଗପୁର ଉପଜିଲ୍ଲାପାଳ ଙ୍କ ଅଫିସ ସମ୍ମୁଖରେ ଅନୁଷ୍ଠିତ ବିକ୍ଷୋଭ ପ୍ରଦର୍ଶନ କାର୍ଯ୍ୟକ୍ରମରେ ଉପଖଣ୍ଡ ସଭାପତି ସୌମିତ ବଳଙ୍କ ସହିତ ଜିଲ୍ଲା ଉପାଧକ୍ଷ ଅଞ୍ଜନ ବରାଳ, ଜିଲ୍ଲା ସାଧାରଣ ସମ୍ପାଦକ ଇଂ ରମଜାନ ବେଗ, ଉପଖଣ୍ଡ ମୁଖପାତ୍ର ମୋହିତ ବିଶୋଇ, ସହର ଛାତ୍ର ସଭାପତି ଶିବରାଜ ମହାନ୍ତିଙ୍କ ନେତୃତ୍ୱରେ ଶତାଧିକ ଭଞ୍ଜସେନା କର୍ମୀ ଯୋଗ ଦେଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ ।

# ପ୍ରେମ ଆଧାରିତ ଦୁଇ ପୁସ୍ତକର ଲୋକାର୍ପଣ



ଭଦ୍ରକ,୨୪/୦୭ (ନି.ପ୍ର): ପ୍ରେମ କେବେ ସରେ ନାହିଁ କି ମରେ ନାହିଁ। ହୃଦୟର ଗହୀର ଜରିପକା ବଖରାରେ ଅଦେଖା କ୍ଷତଟିଏ ପରି ତାହା ଛପି ରହିଥାଏ। ମହମହ ବାସୁଥାଏ ଚିରକାଳ। ପ୍ରେମ ବୟସରେ ନଥାଏ, ଥାଏ ମନରେ। ଅନ୍ୟଜଣଙ୍କ ପାଖରେ ନିଜକୁ ସମ୍ପୂର୍ଣ୍ଣ ଭାବେ ଅଜାଡ଼ି ଦେଇ ନିସ୍ୱ ପାଲଟିଯିବାର ବିରଳ ଅନୁଭବ ପ୍ରେମରୁ ମିଳୁଥିବାରୁ ପ୍ରେମ ଏକ ତ୍ୟାଗପୂତ ପ୍ରାର୍ଥନା। ନାରୀ ପୁରୁଷର ସମ୍ପର୍କରେ ସମର୍ପଣ ଭାବ ଥିଲେ ତାହା ପ୍ରେମ ଏବଂ ସମର୍ପଣ ଭାବ ନ ଥାଇ ସ୍ୱାର୍ଥ ନିହିତ ଥିଲେ ତାହା ଅପରାଧ ବୋଲି ସ୍ଥାନୀୟ ଏକ ହୋଟେଲର ସମ୍ମିଳନୀ କକ୍ଷରେ କୋଭିଡ଼ ଗାଇଡ ଲାଇନ ମଧ୍ୟର ଅନୁଷ୍ଠିତ କୈଳାଶ ଚନ୍ଦ୍ର ପଣ୍ଡାଙ୍କ ସମ୍ପାଦିତ 'ପ୍ରେମରେ ପ୍ରେମରେ ଅପରାଧ' ଓ ' ପ୍ରେମରେ ପ୍ରେମରେ ସ୍ୱୀକାରୋକ୍ତି' ଶୀର୍ଷକ ଦୁଇଟି ପୁସ୍ତକର ଅପାରମ୍ପରିକ ଲୋକାର୍ପଣ ଉତ୍ସବରେ ମତ ପ୍ରକାଶ ପାଇଛି। ପ୍ରାଧ୍ୟାପକ ଗାଳ୍ପିକ ପବିତ୍ର ପାଣିଗ୍ରାହୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବନ୍ଧୁ ମିଳନରେ ଝାରସୁଗୁଡା ଆରକ୍ଷୀ ଅଧୀକ୍ଷକ ବିକାଶ ଚନ୍ଦ୍ର ଦାଶ ମୁଖ୍ୟଅତିଥି ଏବଂ ଭଦ୍ରକର ଅତିରିକ୍ତ ଜିଲ୍ଲାପାଳ କବି ମଧୁସୂଦନ ଦାସ ମୁଖ୍ୟବକ୍ତା ରୂପେ ଯୋଗ ଦେଇଥିଲେ। ପ୍ରାରମ୍ଭରେ 'ପ୍ରେମ ପୃଥିବୀ' ପତ୍ରିକାର ସମ୍ପାଦକ କୈଳାଶ ଚନ୍ଦ୍ର ପଣ୍ଡାଙ୍କ ପ୍ରାରମ୍ଭିକ ସୂଚନା ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଉପସ୍ଥିତ ସାହିତ୍ୟିକଙ୍କ ମଧ୍ୟରୁ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ, ସ୍ତମ୍ଭକାର ଅଭୟ ଦ୍ୱିବେଦୀ, ଇଂ ଅଭୟ ସୂତାର, କାହ୍ନୁ ଚରଣ ବେହେରା ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାମ୍ବାଦିକ ରବିନାରାୟଣ ଖିଲାର, ଅବିନାଶ ପଣ୍ଡା, ରୋ. ଶିଶିର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଅଧ୍ୟାପକ ରୋ. ନାସିର ବକ୍ସ ଧନ୍ୟବାଦ ଅର୍ପଣ କରିଥିଲେ।

## କୋଭିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ମାମଲାରେ ୨୨ ଗିରଫ, ୬୧୨ ବାହନ ଜବତ

ଭୁବନେଶ୍ୱର,୨୪/୦୭ (ନି.ପ୍ର): ରାଜ୍ୟରେ କୋଭିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ଅଭିଯୋଗରେ ଓଡିଶା ପୋଲିସ ଗତ ୨୪ ଘଂଟାରେ ୨୨ ଜଣଙ୍କୁ ଗିରଫ ଜବତ କରା ଯାଇଛି । ୫୧୨ ବାହନକୁ ଜବତ କରା ଯାଇଛି । ଏହି ସମୟ ମଧ୍ୟରେ ୧୭,୦୬,୧୫୦ ଟଙ୍କା। ଜୋରିମାନା ଆଦାୟ କରା ଯାଇଥିବା ରାଜ୍ୟ ପୋଲିସ ଦ୍ୱାରା ଟ୍ୱିଟ କରି ସୂଚନା ଦିଆ ଯାଇଛି ।

## ସାଇ ଅର୍ଚ୍ଚନା ଟ୍ରଷ୍ଟ ପକ୍ଷରୁ ରକ୍ତଦାନ ଶିବିର : ୧୦୧ ୟୁନିଟ୍ ସଂଗୃହୀତ




ଜଳେଶ୍ୱର ୨୪/୭(ନିପ୍ର) : ଆଜି ଜଳେଶ୍ୱର ସାଇ ଅର୍ଚ୍ଚନା ଟ୍ରଷ୍ଟ ପକ୍ଷରୁ ଚନ୍ଦନାସ୍ଥିତ ସାଇମନ୍ଦିର ପରିସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇ ଯାଇଛି । ଏହାକୁ ଜଳେଶ୍ୱର ରୋଟାରୀ କ୍ଲବ ସଭାପତି ଡା. ଦିପ୍ତିମୟୀ ମହାପାତ୍ର ଉଦ୍‌ଘାଟନ କରିଥିଲେ । ଗୁରୁପୂର୍ଣ୍ଣିମା ଅବସରରେ ଅନୁଷ୍ଠିତ ରକ୍ତଦାନ ଶିବିରକୁ ମହେଶଭାଇ ତ୍ରିବେଦୀଙ୍କ ସ୍ମୃତି ଉଦ୍ଦେଶ୍ୟରେ ଆଜିର ଏହି ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିବା ସମ୍ପର୍କରେ ଟ୍ରଷ୍ଟ ପକ୍ଷରୁ କୁହାଯାଇଛି । ଟ୍ରଷ୍ଟର ସଭାପତି ସୁବିର ସେନାପତି, ସଂପାଦକ ଭାସ୍କାର ରଂଜନ ସ୍ୱାଇଁ, କୋଷାଧକ୍ଷ୍ୟ ବିକାଶ ଧର, ରକ୍ତଦାତା ସଂଘର ସଭାପତି କମଳ ଚକ୍ରବର୍ତ୍ତୀ, ଡ. ଅଜିତ୍ ମହାନ୍ତି, ପ୍ରବିର ପ୍ରଧାନ, ସୁବ୍ରତ ରଣା, ରବିନ୍ଦ୍ର ଦାସ, ଅଜୟ ମହାନ୍ତି, ସର୍ଯ୍ୟାନନ୍ଦ ପାଳ, ସାଧୁଚରଣ ପରିଡା, ପ୍ରଦୀପ ଜେନା, ରବିନ୍ଦ୍ର ବାରିକ, ଗୌତମ ପ୍ରଧାନ, ଗୋପାଳ ଠକର, ତ୍ରିଲୋଚନ ମିର୍ଦ୍ଧା, ଶ୍ୟାମସୁନ୍ଦର ମିଦ୍ଧା, ରାଜନ ସାହୁ, ପୂଜକ ବିଶ୍ୱଜିତ୍ ସାହୁ, ସେବକ ବାପି ଭୂୟାଁ ପ୍ରମୁଖ ସହାୟତା କରିଥିଲେ । ଡା. ମହେଶ ବିଶ୍ୱାଳ, ଟେକ୍‌ନିସିଆନ୍ ଦେବାଶିଷ ଦତ୍ତ, ବସନ୍ତ ଜେନା, ହେମଲତା ସେଠୀ ପ୍ରମୁଖ ରକ୍ତ ସଂଗ୍ରହରେ ସହାୟତା କରିଥିଲେ । ଏଥିରେ ୧୦୧ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା ।

## ଗୁରୁପୂର୍ଣ୍ଣିମାରେ ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୪/୦୭ (ନି.ପ୍ର): ପବିତ୍ର ଗୁରୁପୂର୍ଣ୍ଣିମା ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜୀବନର ବିଭିନ୍ନ କ୍ଷେତ୍ରରେ, ବିଭିନ୍ନ ରୂପରେ ଉଚିତ ମାର୍ଗଦର୍ଶନ କରୁଥିବା ଗୁରୁମାନଙ୍କୁ ପ୍ରଣାମ ଜଣାଇଛନ୍ତି। ବ୍ୟକ୍ତି ନିର୍ମାଣ ତଥା ସୁସ୍ଥ ସମାଜ ଗଠନରେ ଗୁରୁଙ୍କ ଭୂମିକା ମହତ୍ୱପୂର୍ଣ୍ଣ ବୋଲି ଦର୍ଶାଇ ମାନ୍ୟବର ମୁଖ୍ୟମନ୍ତ୍ରୀ ଅଜ୍ଞାନର ଅନ୍ଧକାରରୁ ଆଲୋକର ମାର୍ଗରେ ପରିଚାଳିତ କରିବାରେ ଗୁରୁ ହିଁ ଶ୍ରେଷ୍ଠ ପଥପ୍ରଦର୍ଶକ ବୋଲି ଉଲ୍ଲେଖ କରିଛନ୍ତି।

## ରମ୍ଭିଲା ଶ୍ରୀଜଗନ୍ନାଥ ମନ୍ଦିରରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ନୀଳାଦ୍ରି ବିଜେ



ଭଦ୍ରକ,୨୪/୦୭ (ନି.ପ୍ର): ରମ୍ଭିଲା ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ପ୍ରଭୁ ଶ୍ରୀଜଗନ୍ନାଥ, ଭାଇ ବଳଭଦ୍ର, ଭଉଣୀ ସୁଭଦ୍ରା ଓ ଚକ୍ରରାଜ ସୁଦର୍ଶନଙ୍କର ଚଳିତ ବର୍ଷ ସରକାରୀ କୋଭିଡ୍ କଟକଣା ମଧ୍ୟରେ ରଥଯାତ୍ରା ଓ ନୀଳାଦ୍ରି ବିଜେ ସମ୍ପନ୍ନ ହୋଇଛି। ପବିତ୍ର ରଥଯାତ୍ରାରେ ଆଷାଢ ଦ୍ୱିତୀୟ ତିଥିରେ ବିଧ ମୁତାବକ ଶ୍ରୀ ଜୀଉମାନଙ୍କୁ ରଥାରୁଢ କରି ଅସ୍ଥାୟୀ ମାଉସୀବାଡିରେ ଅବସ୍ଥାନ ପୂର୍ବକ ନବଦିନ ବ୍ୟାପୀ ଭାଗବତ ପାରାୟଣ ତଥା ପୂର୍ଜଚ୍ଚନା କରାଯାଇ ନବମୀ ଦିନ ବାହୁଡା ଯାତ୍ରା କରାଯାଇଥିଲା। ଏକାଦଶୀ ଦିନ ସୁନାବେଶ, ଦ୍ୱାଦଶୀରେ ଅଧରପଣା ଓ ତ୍ରୟୋଦଶୀ ତିଥି ଅପରାହ୍ଣରେ ଲକ୍ଷ୍ମୀନାରାୟଣ ଭେଟ ହୋଇଥିଲା। ଏହି ଅବସରରେ ଅଜୟ ମହାପାତ୍ର ଓ ପୀତବାସ ରାଉତଙ୍କ ତତ୍ତ୍ୱାବଧାନରେ ନାଟିକା 'ଲକ୍ଷ୍ମୀନାରାୟଣ ବଚନିକା' ପରିବେଷଣ ହୋଇଥିଲା। ପରେ ମା' ଲକ୍ଷ୍ମୀଙ୍କ ଠାରେ ରସଗୋଲା ଭାଗ କରାଯାଇ ନୀଳାଦ୍ରି ବିଜେ କରାଯାଇଥିଲା। ଶେଷରେ ଶ୍ରୀଜୀଉମାନେ ରତ୍ନ ସିଂହାନାରୁଢ ହୋଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ କମିଟିର ସଭାପତି ବାବୁଲାଲ ଦାସ, ସମ୍ପାଦକ ପଦ୍ମଲୋଚନ ମହାପାତ୍ର, ବିଜୟ ଶୁକ୍ଳ, ଗରେଶ ପଣ୍ଡା, ମୁକ୍ତିକାନ୍ତ ଶୁକ୍ଳ, ପ୍ରଦିପ ବାରିକ, ଗୋପାଳ ମହାନ୍ତି, ବାବୁଲି ମହାପାତ୍ର, ରବିନ୍ଦ୍ର ଶୁକ୍ଳ, ଉଦୟ ମହାପାତ୍ର, ଶତ୍ରୁଘ୍ନ ମହାପାତ୍ର, ଅନନ୍ତ ପଣ୍ଡା, ଗୌରାଙ୍ଗ ସେନାପତି ତଥା ବହୁ ସେବକ ସେବିକାଙ୍କ ସହଯୋଗରେ ଏହି ଯାତ୍ରା ସମ୍ପନ୍ନ ହୋଇଥିଲା।

# ବିଶିଷ୍ଟ ଗାଳ୍ପିକ କ୍ଷୀରୋଦ ଦାସଙ୍କ ଗଳ୍ପ ସଂକଳନ 'ଶୂନ୍ୟ ଉପତ୍ୟକା' ଉନ୍ମୋଚିତ



ଭୁବନେଶ୍ୱର,୨୪/୦୭ (ନି.ପ୍ର): ପ୍ରତିଷ୍ଠିତ କଥାକାର କ୍ଷୀରୋଦ ଦାସଙ୍କର ଷୋଡ଼ଶତମ ଗଳ୍ପ ସଂକଳନ "ଶୂନ୍ୟ ଉପତ୍ୟକା" ସମ୍ବାଦ ଭବନ ପରିସରରେ ସମ୍ବାଦର ସଂପାଦକ ସୌମ୍ୟରଂଜନ ପଟ୍ଟନାୟକଙ୍କ କରକମଳରେ ଉନ୍ମୋଚିତ ହୋଇଥିଲା । ପୁସ୍ତକଟିକୁ ଉନ୍ମୋଚିତ କରି ଶ୍ରୀଯୁକ୍ତ ପଟ୍ଟନାୟକ ସାଂପ୍ରତିକ ଗଳ୍ପ କ୍ଷେତ୍ରରେ ନବାଗତମାନଙ୍କର ଅନୁପସ୍ଥିତ ଉପରେ ଚିନ୍ତା ପ୍ରକଟ କରିଥିଲେ । ଏଥିପାଇଁ ସେ ପ୍ରତିଷ୍ଠିତ ଗାଳ୍ପିକମାନଙ୍କୁ ଅଂଗୁଳି ନିର୍ଦ୍ଦେଶ କରି କହିଲେ ଯେ ସାହିତ୍ୟ ହେଉଛି ଏକ ରିଲେରେସ୍, ଗଳ୍ପ କ୍ଷେତ୍ରରେ ଯେଉଁମାନ ପିତୃପ୍ରତିମ ସ୍ଥାନକୁ ଗଲେଣି ସେମାନଙ୍କର ମଧ ଦାୟିତ୍ୱ ରହିଛି ଏ ଦିଗରେ ନୂତନ ପିଢ଼ୀଙ୍କୁ ମାର୍ଗଦର୍ଶନ ଦେବାକୁ । ଏହି ଉନ୍ମୋଚନ ଉତ୍ସବରେ ବିଶିଷ୍ଟ ଗାଳ୍ପିକ, ଔପନ୍ୟାସିକ ତଥା କଥାର ସଂପାଦକ ଡଃ. ଗୌରହରି ଦାସ ପୌରହିତ୍ୟ କରି କହିଲେ ଗାଳ୍ପିକ କ୍ଷୀରୋଦ ଦାସ ଜଣେ ମାଟିମନସ୍କ ଗାଳ୍ପିକ ଏବଂ ତାଙ୍କର ପ୍ରତିଟି ଗଳ୍ପରେ ଗଳ୍ପରର ଆତ୍ମା ସଦୃଶ କାହାଣୀ ଉପରେ ସେ ଆଜିଯାଏ ପ୍ରାଧାନ୍ୟ ଦେଇ ଆସିଛନ୍ତି । ସେଥିପାଇଁ ତାଙ୍କ ଗଳ୍ପର ପ୍ରଶଂସକଙ୍କ ସଂଖ୍ୟା ଅଧିକ । ଗାଳ୍ପିକ ଡଃ. ଅରବିନ୍ଦ ରାୟ ଓ ଗାଳ୍ପିକ ରାଜ୍ୟବର୍ଦ୍ଧନ ଧଳ ମହାପାତ୍ର 'ଶୂନ୍ୟ ଉପତ୍ୟକା'ରେ ସ୍ଥାନୀତ ଗଳ୍ପମାନଙ୍କ ଉପରେ ସମ୍ୟକ ଆଲୋଚନା କରିଥିଲେ । ଗାଳ୍ପିକ କ୍ଷେତ୍ରବାସୀ ନାୟକ, ଗାଳ୍ପିକ ଓ ଔପନ୍ୟାସିକ ଚିତ୍ତରଞ୍ଜନ ଚିରଞ୍ଜିତ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଗଳ୍ପ ଉପରେ ମନ୍ତବ୍ୟ ରଖିଥିଲେ । ପ୍ରତିଷ୍ଠିତ ପ୍ରକାଶକ ସଂସ୍ଥାର ସ୍ୱତ୍ତ୍ୱାଧିକାରୀ ଜୀବାନନ୍ଦ ମିଶ୍ରଙ୍କ ପୌରହିତ୍ୟରେ ଆୟୋଜିତ ଉକ୍ତ ସଭାରେ ଲେଖକ କ୍ଷୀରୋଦ ଦାସ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## କବି ଚନ୍ଦ୍ର କାଳୀଚରଣ ପଟ୍ଟନାୟକଙ୍କ ୩୬ତମ ଶ୍ରାଦ୍ଧୋତ୍ସବ ପାଳିତ

ଭୁବନେଶ୍ୱର,୨୪/୦୭ (ନି.ପ୍ର): ଓଡ଼ିଶାରେ କଳା, ସାହିତ୍ୟ, ସଂସ୍କୃତି, ରାସ, ମଂଚନାଟକ, ସଙ୍ଗୀତର ବିକାଶ ନିମନ୍ତେ ସାମଗ୍ରୀକ ଜୀବନ ଉତ୍ସର୍ଗ କରିଥିବା କବି ଚନ୍ଦ୍ର କାଳିଚରଣ ପଟ୍ଟନାୟକଙ୍କ ୩୬ତମ ଶ୍ରାଦ୍ଧୋତ୍ସବ ଆଜି ପ୍ରତ୍ୟୁଷରେ ଭୁବନେଶ୍ୱର ଉତ୍କଳ ସଂଗୀତ ମହାବିଦ୍ୟାଳୟ ପରିସରସ୍ଥ ତାଙ୍କ ପ୍ରତିମୂର୍ତ୍ତିସ୍ଥଳୀରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ସରକାରଙ୍କ ପ୍ରଦର୍ଶିତ କୋଭିଡ୍ ନିୟମ ଅନୁପାଳନ ପୂର୍ବକ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବିଭିନ୍ନ ସମୟରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆୟୁକ୍ତ ତଥା ଶାସନ ସଚିବ ଡଃ ସୁରେଶ ଚନ୍ଦ୍ର ଦଳେଇ, ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ, ବାଙ୍କିର ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ, ଯୁବ ସଂଗଠକ ରବି ସାମଲ ପ୍ରମୁଖ ଯୋଗଦେଇ କବିଚନ୍ଦ୍ରଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ ପ୍ରଦାନ କରିବା ସହିତ ଦୀପଦାନ କରିଥିଲେ।

## କରୋନାରୁ ସୁସ୍ଥ ହେଲେ ୧୮୬୫ ଆକ୍ରାନ୍ତ

ଭୁବନେଶ୍ୱର,୨୪/୦୭ (ନି.ପ୍ର): ରାଜ୍ୟରେ ଆଜି କରୋନା ସଂକ୍ରମଣରୁ ୧୮୬୫ ଜଣ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ଏଥି ସହିତ ରାଜ୍ୟରେ କରୋନାରୁ ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୯ ଲକ୍ଷ ୪୩ ହଜାର ୬୯ରେ ପହଂଚିଛି। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆଯାଇଛି। ସ୍ୱାସ୍ଥ୍ୟ ବିଭାଗର ସୂଚନା ଅନୁସାରେ ଆଜି ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୩୯୮ ଜଣ ଓ କଟକ ଜିଲ୍ଲାରୁ ୩୦୨ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଯାଜପୁରରୁ ୧୪୭, ବାଲେଶ୍ୱରରୁ ୧୧୫, ପୁରୀରୁ ୯୯, ଜଗତସିଂହପୁରରୁ ୯୪, ଅନୁଗୁଳରୁ ୮୧, ଭଦ୍ରକ ଏବଂ ମୟୂରଭଂଜରୁ ୭୬ ଜଣ ଲେଖାଏଁ, ସୁନ୍ଦରଗଡ଼ରୁ ୬୨ ଓ କେନ୍ଦ୍ରାପଡ଼ାରୁ ୫୫ ଜଣ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ସେହିପରି ନୟାଗଡ଼ରୁ ୫୧, ଢେଙ୍କାନାଳରୁ ୪୮, କୋରାପୁଟ, ମାଲକାନଗିରି ଏବଂ ସମ୍ବଲପୁରରୁ ୨୪ ଜଣ ଲେଖାଏଁ, ରାୟଗଡ଼ାରୁ ୨୦, ବରଗଡଏବଂ କନ୍ଧମାଳରୁ ୧୪ ଜଣ ଲେଖାଏଁ, କେନ୍ଦୁଝରରୁ ୮, ବଲାଙ୍ଗୀର, ଗଂଜାମ, କଳାହାଣ୍ଡି, ନବରଂଗପୁରରୁ ୭ ଜଣ ଲେଖାଏଁ, ଗଜପତି ଏବଂ ସୁବର୍ଣ୍ଣପୁରରୁ ୫ ଜଣ ଲେଖାଏଁ, ସୁସ୍ଥ ହୋଇଛନ୍ତି ।

# ସୀମାନ୍ତରୁ ୨ ମାଓବାଦୀ ଗିରଫ

ମାଲକାନଗିରି,୨୪/୦୭ (ନି.ପ୍ର): ମାଲକାନଗିରି ଜିଲ୍ଲା ସୀମାନ୍ତରେ ସର୍ଚ୍ଚ ଅପରେସନ ବେଳେ ୨ ମାଓବାଦୀ ଗିରଫ ହୋଇଛନ୍ତି । ଏହାସହ ଅନେକ ବିସ୍ଫୋରକ ସାମଗ୍ରୀ ଜବତ କରିଛନ୍ତି ସୁରକ୍ଷା କର୍ମୀ । ମାଲକାନଗିରି ସୀମାନ୍ତ ଛତିଶଗଡ଼ର ସୁକୁମା ଜିଲ୍ଲା ରାବାଗୁଡ଼ା ଜଙ୍ଗଲରେ ଜିଲ୍ଲା ପୋଲିସ ପକ୍ଷରୁ କୁମ୍ବିଂ ଅପରେସନ ଚାଲିଥିଲା । ସେହି ସମୟରେ ଜଙ୍ଗଲରୁ ୨ ଜଣ ଯୁବକ ଖସି ପଳାଇବା ପାଇଁ ଉଦ୍ୟମ କରିଥିଲେ ।ଯବାନମାନେ ଯୁବକଙ୍କୁ କାବୁ କରିଥିଲେ । ପଚରାଉଚୁରା ପରେ ଜଣାପଡ଼ିଥିଲା ଦୁହେଁ ମାଓବାଦୀ ବୋଲି । ସେମାନଙ୍କ ନିକଟରୁ କିଛି ମାଓ ସାମଗ୍ରୀ ଓ ବିସ୍ଫୋରକ ସାମଗ୍ରୀ ଜବତ ହୋଇଛି । ଏନେଇ ସୂଚନା ଦେଇଛନ୍ତି ସୁକୁମା ଏସ୍.ପି ସୁନ୍ଦରରାଜ ପି. ପ୍ରକାଶ । ଗିରଫ ମାଓବାଦୀ ହେଲେ ବାର୍ଷେ ହିଡମା ଓ ସୁକା ।

# ପେଟ୍ରୋଲ, ଡିଜେଲ, ରନ୍ଧନ ଗ୍ୟାସ ଓ ଖାଦ୍ୟ ତେଲର ବର୍ଦ୍ଧିତ ମୂଲ୍ୟକୁ ନେଇ କଂଗ୍ରେସ ଓବିସି ସେଲ ପକ୍ଷରୁ ବିରୋଧ



ବାରିପଦା,୨୪/୦୭ (ନି.ପ୍ର): ଭାରତରେ ପେଟ୍ରୋଲ, ଡିଜେଲ , ରନ୍ଧନ ଗ୍ୟାସ ଓ ଖାଦ୍ୟ ତେଲର ମୂଲ୍ୟ ପ୍ରତ୍ୟେକ ଦିନ ବୃଦ୍ଧି ପାଇବାରେ ଲାଗିଛି । ବର୍ତ୍ତମାନ ମୟୂରଭଞ୍ଜ ଜିଲ୍ଲାରେ ପେଟ୍ରୋଲ ୧୦୩ ଟଙ୍କା, ଡିଜେଲ ୧୦୦ ଟଙ୍କା, ରନ୍ଧନ ଗ୍ୟାସ ୯୦୦ ଟଙ୍କା ପାର ହୋଇସାରି ଥିବା ବେଳେ ଖାଦ୍ୟ ତେଲର ମୂଲ୍ୟ ୧୮୦ ଟଙ୍କାରୁ ଅଧିକ ହୋଇସାରିଛି । ପେଟ୍ରୋଲ, ଡିଜେଲର ମୂଲ୍ୟରେ ବୃଦ୍ଧି ପାଇବା ଫଳରେ ଏହା ବଜାର ମୂଲ୍ୟକୁ ବିଶେଷ ଭାବେ ପ୍ରଭାବିତ କରାଇଛି । ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀ ସହ ପ୍ରତ୍ୟେକ ପଦାର୍ଥର ମୂଲ୍ୟ ଆଶାତୀତ ଭାବେ ବୃଦ୍ଧି ପାଇଛି । କରୋନା ମହାମାରୀ ସହିତ ଭାରତବାସୀଙ୍କ ଜୀବନ ଜୀବୀକାକୁ ଛଡ଼ାଇ ନେଇଛି । ଦେଶବାସୀ ବଞ୍ଚିବା ନିମନ୍ତେ ସଂଗ୍ରାମ ଚଳାଇଥିବା ବେଳେ କେନ୍ଦ୍ରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ପରିଚାଳିତ ଏନଡିଏ ସରକାର ଶିଳ୍ପପତି ଓ ପୁଞ୍ଜିପତିମାନଙ୍କ ସ୍ୱାର୍ଥ ସାଧନ ପାଇଁ କାର୍ଯ୍ୟ କରୁଛନ୍ତି । ଏହାର ପ୍ରତିବାଦରେ କଂଗ୍ରେସ ରାଜରାସ୍ତାକୁ ଓହ୍ଲାଇ ଆସିଛି । ଆଜି କଂଗ୍ରେସର ରାଷ୍ଟ୍ରୀୟ ସମ୍ପାଦକ ରାଜକିଶୋର ବାରିକଙ୍କ ଆହ୍ୱାନ କ୍ରମେ ଭାରତୀୟ ଭାରତୀୟ ଜାତୀୟ କଂଗ୍ରେସର ଓବିସି ସେଲ ପକ୍ଷରୁ ଜୁଲାଇ ୨୩ରେ ବାରିପଦା ସହରର ଦାରୋଗାଡାହିସ୍ଥିତ ଓବିସି କାର୍ଯ୍ୟାଳୟ ସମ୍ମୁଖରେ ପେଟ୍ରୋଲ, ଡିଜେଲ, ରନ୍ଧନ ଗ୍ୟାସ ଓ ଖାଦ୍ୟ ତେଲ ଆଦିର ବର୍ଦ୍ଧିତ ମୂଲ୍ୟକୁ ନେଇ ଅଭିନବ ଭାବେ ବିକ୍ଷୋଭ ଓ ପ୍ରତିବାଦ ପ୍ରଦର୍ଶନ କରାଯାଇଛି । କଂଗ୍ରେସ ଓବିସି ସେଲର ରାଜ୍ୟ ସଂଯୋଜକ ସୁକୁମାର ରଞ୍ଜନ ପ୍ରଧାନଙ୍କ ନେତୃତ୍ୱ ଓ ଜିଲ୍ଲା ଓବିସି ସେଲ ଜିଲ୍ଲା ସଭାପତି ରାନା ସତ୍ୟକାମ ସେନାପତିଙ୍କ ସହଯୋଗରେ ଏକ କାଉଣ୍ଟର ଖୋଲାଯାଇ ଆଜି ପୂର୍ବାହ୍ନ ସାଢ଼େ ୧୦ରୁ ମଧ୍ୟାହ୍ନ ଗୋଟାଏ ପର୍ଯ୍ୟନ୍ତ ଜନସାଧାରଣଙ୍କୁ ପେଟ୍ରୋଲ ୮୦ ଟଙ୍କା, ଖାଦ୍ୟ ତେଲ ୧୦୦ ଟଙ୍କାରେ ବିକ୍ରି କରାଯାଇଥିଲା । ଏହି ସମୟରେ ଓବିସି ସେଲର ଅନ୍ୟ ସମସ୍ତ କର୍ମକର୍ତ୍ତା ଓ ସଦସ୍ୟମାନେ ଉପସ୍ଥିତ ରହିଥିଲେ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo